ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ସେପ୍ଟେମ୍ବର ୧/୨୦୨୨ (୮+୮=୧୬ ପୃଷ୍ଠା) Dhenkanal, Thursday, September 1/2022 Page 16 ₹ 7.00 ★★★★★

୧୮ଶ ଭାଗ ୧୯୫ ସଂଖ୍ୟା www.orissakhabar.com/www.dharitri.com | Printed at Angul VOLUME 18 ISSUE 195 ମୂଲ୍ୟ ₹୭/-



## ଜାପାନକୁ ଆସୁଛି ମହାବାତ୍ୟା

ପୂର୍ବ ଚାଇନା ସାଗରରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ସାମୁଦ୍ରିକ ବାତ୍ୟା ସୃଷ୍ଟି ହୋଇ ଜାପାନର ଦକ୍ଷିଣ ଦ୍ୱୀପ ପ୍ରତି ବିପଦ ସୃଷ୍ଟି କରିଛି। ଏହାର ପ୍ରଭାବରେ ୨୫୭ କି.ମି. ବେଗରେ ପବନ ବହିବାକୁ ଥିବାବେଳେ ସର୍ବାଧିକ ବେଗ ୩୧୩ କି.ମି. ହୋଇପାରେ ବୋଲି ଆମେରିକାର ବାତ୍ୟା ସତର୍କ ସୂଚନା କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୦୨୨ର ଏହା ସବୁଠୁ ପ୍ରଳୟଙ୍କର ବାତ୍ୟା ହେବାକୁ ଯାଉଛି। ହିନ୍ନାମନୋର ନାମକ ଏହି ସୁପର ଟାଇଫୁନ୍ ଚାଇନାର ପୂର୍ବ ଉପକୂଳକୁ ମଧ୍ୟ କ୍ଷତିଗ୍ରସ୍ତ କରିବ। ବାତ୍ୟା ପ୍ରଭାବରେ ୫୦ ଫୁଟ ଉଚ୍ଚର ସମୁଦ୍ର ଜୁଆର ଉଠିପାରେ। ଜାପାନର ଓକିନାୱାଠାରୁ ୨୩୦ କି.ମି. ପୂର୍ବରେ ଥିବା ଏହି ବାତ୍ୟା ଘଣ୍ଟାପ୍ରତି ୨୨ କିଲୋମିଟର ବେଗରେ ମ୍ୟାକୋ ଦ୍ୱୀପ ଆଡ଼େ ମୁହାଁଉଛି।

# ଦେଶରେ ଦିନକୁ ୮୬ ବଳାତ୍କାର

ନୂଆଦିଲ୍ଲୀ,୩୧।୮

ଭାରତରେ ୨୦୨୧ରେ ଦୈନିକ ହାରାହାରି ୮୬ ବଳାତ୍କାର ଘଟଣା ଘଟିଥିବାବେଳେ ମହିଳାମାନଙ୍କ ପ୍ରତି ଅପରାଧ ମାମଲା ସଂଖ୍ୟା ଘଣ୍ଟାକୁ ପାଖାପାଖି ୪୯ ରହିଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡ଼ିଛି। ୨୦୨୧ରେ ଦେଶରେ ମୋଟ ୩୧,୬୭୭ ବଳାତ୍କାର ମାମଲା ରୁଜୁ ହୋଇଛି। ଏହା ପୂର୍ବବର୍ଷ ଅର୍ଥାତ୍ ୨୦୨୦ରେ ବଳାତ୍କାର ମାମଲା ସଂଖ୍ୟା ୨୮,୦୪୬ ଥିବାବେଳେ ୨୦୧୯ରେ ୩୨,୦୩୩ ଥିଲା। ବଳାତ୍କାରରେ ରାଜସ୍ଥାନ ଶୀର୍ଷରେ ରହିଛି। ସେଠାରେ ସର୍ବାଧିକ ୬,୩୩୭ ବଳାତ୍କାର ମାମଲା ରୁଜୁ ହୋଇଥିବାବେଳେ ମଧ୍ୟପ୍ରଦେଶରେ ୨,୯୪୭, ମହାରାଷ୍ଟ୍ରରେ ୨,୪୯୬, ଉତ୍ତରପ୍ରଦେଶରେ ୨,୮୪୫ ଏବଂ ଦିଲ୍ଲୀରେ ୧,୨୫୦ ମାମଲା ରୁଜୁହୋଇଛି।

ରିପୋର୍ଟ ଅନୁଯାୟୀ ୨୦୨୧ରେ ଭାରତରେ ମୋଟ ୪,୨୮,୨୭୮ଟି ମହିଳା ବିରୋଧୀ ଅପରାଧ ଘଟଣା ଘଟିଛି। ପୂର୍ବ ବର୍ଷରେ ଏଭଳି ଅପରାଧ ସଂଖ୍ୟା ୩,୭୧,୫୦୩ ରହିଥିଲା। ଗତବର୍ଷ ବଳାତ୍କାର କିମ୍ବା ଗଣବଳାତ୍କାର ସହ ହତ୍ୟା ମାମଲା ସଂଖ୍ୟା ୨୮୪ ଥିବାବେଳେ ଏଥିରେ ୨୯୪ ମହିଳାଙ୍କ ଜୀବନ ଯାଇଥିଲା। ଓଡ଼ିଶାରେ ୧୨ ମହିଳାଙ୍କ ପ୍ରତି ବଳାତ୍କାର ଓ ହତ୍ୟା ଅପରାଧ ଘଟିଥିଲା। ସେହିପରି ୨୦୨୧ରେ ଦେଶରେ ଏସିଡ୍ ଆକ୍ରମଣ ମାମଲା ସଂଖ୍ୟା ୧୦୨ ଥିବାବେଳେ ପୀଡ଼ିତାଙ୍କ ସଂଖ୍ୟାଶ ୧୦୭ ରହିଛି। ଆମ ରାଜ୍ୟରେ ଏହି ମାମଲା ସଂଖ୍ୟା ୩ ଓ ପୀଡ଼ିତାଙ୍କ ସଂଖ୍ୟା ୩ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଦେଶରେ ମାନବ ଚାଲାଣ ମାମଲା ସଂଖ୍ୟା ଗତବର୍ଷ ୯୧୪ ଥିଲା ଓ ଏଥିରେ ୧,୫୮୦ ଜଣଙ୍କୁ ଚାଲାଣ କରାଯାଇଥିଲା। ଓଡ଼ିଶାରେ ଏହି ସମୟ ମଧ୍ୟରେ ୯୩ ମାମଲାରେ ୯୭ ଜଣ ଚାଲାଣ ହୋଇଥିଲେ। କେବଳ ବଳାତ୍କାର ମାମଲାକୁ ଦେଖିଲେ ଦେଶରେ ଗତବର୍ଷ ୩୧,୬୭୭ ମାମଲାରେ ମୋଟ ୩୧,୮୭୮ ଜଣ ପୀଡ଼ିତା ହୋଇଥିଲେ। ସେହିପରି ଓଡ଼ିଶାରେ ୧,୪୫୬ ବଳାତ୍କାର ମାମଲାରେ ୧,୪୫୬ ମହିଳା ଅପରାଧର ଶିକାର ହୋଇଥିଲେ ବୋଲି ଏନ୍‌ସିଆର୍‌ବି ରିପୋର୍ଟରୁ ଜଣାପଡ଼ିଛି।



### ଏନ୍‌ସିଆର୍‌ବି ରିପୋର୍ଟ
### ପ୍ରତି ଘଣ୍ଟାରେ ୪୯ ମହିଳା ବିରୋଧୀ ଅପରାଧ

## ଦୈନିକ ୧୧ରୁ ଉର୍ଦ୍ଧ୍ୱ ଅପହରଣ

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ ଅନୁଯାୟୀ, ଗତବର୍ଷ ଦିନକୁ ୧୧ରୁ ଉର୍ଦ୍ଧ୍ୱ ଅପହରଣ ଘଟଣା ଘଟିଛି। ଅପହରଣ ହାରରେ ଦିଲ୍ଲୀ ସର୍ବାଗ୍ରେ ରହିଛି। ୨୦୨୧ରେ ମୋଟ ୧,୦୧,୭୦୭ ଅପହରଣ ମାମଲା ରୁଜୁ ହୋଇଛି, ଯେଉଁଥିରେ ୧,୦୪,୧୪୯ ଜଣ ଅପହରଣର ଶିକାର ହୋଇଥିଲେ। ଏହା ପୂର୍ବବର୍ଷ ତୁଳନାରେ ୧୯.୯ ପ୍ରତିଶତ ଅଧିକ। ୨୦୨୦ରେ ଦେଶରେ ଅପହରଣ ମାମଲା ସଂଖ୍ୟା ୮୪,୮୦୫ ରହିଥିଲା। ୨୦୧୯ରେ ଅପହରଣ ମାମଲା ସଂଖ୍ୟା ୧,୦୫,୦୩୬ ଥିଲା।

୨୦୨୧ରେ ମୋଟ ଅପହୃତଙ୍କ ମଧ୍ୟରୁ ୧୭,୬୦୫ ପୁରୁଷ ହୋଇଥିବାବେଳେ ୮୬,୫୪୩ ମହିଳା ଏବଂ ଜଣେ କିନ୍ନର ଅଛନ୍ତି। ସେହିପରି ମୋଟ ଅପହୃତଙ୍କ ମଧ୍ୟରୁ ୬୯,୦୧୪ ଜଣ ନାବାଳକ ହୋଇଥିବାବେଳେ ୩୫,୧୩୫ ଜଣ ସାବାଳକ। ଅପହରଣରେ ଉତ୍ତରପ୍ରଦେଶ ସର୍ବାଗ୍ରେ ରହିଛି। ସେଠାରେ ଗତବର୍ଷ ୧୪,୫୫୪ ମାମଲାରେ ୧୪,୭୧୪ ଜଣ ଅପହରଣର ଶିକାର ହୋଇଛନ୍ତି। ଏହା ପଛକୁ ବିହାର, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗ ରହିଛି। ଦିଲ୍ଲୀରେ ଗତବର୍ଷ ୫,୫୨୭ ମାମଲାରେ ୫,୮୮୮ ଜଣ ଅପହୃତ ହୋଇଛନ୍ତି।

ଓଡ଼ିଶାରେ ଗତବର୍ଷ ୫,୬୨୫ ଅପହରଣ ମାମଲା ଘଟିଛି। ୨୦୨୦ରେ ଏହି ମାମଲା ସଂଖ୍ୟା ୪,୧୭୯ ଥିବାବେଳେ ୨୦୧୯ରେ ୪,୭୪୮ ରହିଥିଲା। ରାଜ୍ୟରେ ୨୦୨୧ରେ ୧୮ ବର୍ଷରୁ କମ୍ ୫,୧୯୨ ଅପହରଣ ମାମଲା ଘଟିଛି। ସେଥିରୁ ୪୦୭ ପୁଅ ହୋଇଥିବାବେଳେ ୪,୭୮୫ ଜଣ ହେଉଛନ୍ତି ଝିଅ। ସେହିପରି ୧୮ ବର୍ଷରୁ ଉର୍ଦ୍ଧ୍ୱ ମୋଟ ୪୩୮ ଜଣ ଅପହରଣର ଶିକାର ହୋଇଛନ୍ତି। ସେଥିରେ ପୁରୁଷ ୪୫ ଜଣ ହୋଇଥିବାବେଳ ମହିଳାଙ୍କ ସଂଖ୍ୟା ୩୯୩ ରହିଛି। ମୋଟ ଅପହୃତଙ୍କ ମଧ୍ୟରୁ ୫,୪୨୧ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ପୁରୁଷ ୪୩୫ ହୋଇଥିବାବେଳେ ମହିଳାଙ୍କ ସଂଖ୍ୟା ୪,୯୮୬ ବୋଲି ଏନ୍‌ସିଆର୍‌ବି ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସଂକ୍ଷେପରେ

### ବିହାରରେ ସିଭିଲ ସର୍ଭିସ ଆଶାୟୀଙ୍କୁ ଲାଠିମାଡ଼

ପାଟନା,୩୧।୮: ବିହାର ପବ୍ଲିକ୍ ସର୍ଭିସ କମିଶନ (ବିପିଏସ୍‌ସି) ପରୀକ୍ଷାରେ ନୂଆ ଫର୍ମାଟକୁ ବିରୋଧରେ କରି ବୁଧବାର ପାଟନାସ୍ଥିତ କମିଶନଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ରୀଛାତ୍ରଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିମାଡ଼ କରିଛି। ଏଥିରେ ଅନେକ ପିଲା ଆହତ ହୋଇଛନ୍ତି। ପୂର୍ବରୁ ବିପିଏସ୍‌ସି ପରୀକ୍ଷା ଗୋଟିଏ ସିଟିଂରେ ହେଉଥିବାବେଳେ ଏବେ ତାହା ଦୁଇଟି ଅଲଗା ଦିନରେ ହେଉଥିବାରୁ ଆଶାୟୀମାନେ ଏହାକୁ ବିରୋଧ କରୁଛନ୍ତି। ହଠାତ୍ ନୂଆ ଫର୍ମାଟ ପାଇଁ ପ୍ରସ୍ତୁତ ହେବାକୁ ଯଥେଷ୍ଟ ସମୟ ମିଳୁ ନ ଥିବା ସେମାନେ ଅଭିଯୋଗ କରି ଏହାକୁ ପ୍ରତ୍ୟାହାର ଦାବି କରିଥିଲେ। ଖବର ଅନୁଯାୟୀ ୮୦୪ ପଦବୀ ଲାଗି ବିପିଏସ୍‌ସି ପ୍ରିଲିମ୍ ପରୀକ୍ଷା ସେପ୍ଟେମ୍ବର ୨୦ ଏବଂ ୨୨ରେ ହେବାକୁ ଥିବାବେଳେ ଏଥିପାଇଁ ୬.୦୨ ଲକ୍ଷ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପେପର ଲିକ୍ ପରେ କର୍ତ୍ତୃପକ୍ଷ ପରୀକ୍ଷା ଫର୍ମାଟ ବଦଳାଇ ଦେଇଛନ୍ତି।

### ଚିନୁକ୍ ହେଲିକପ୍ଟର ବନ୍ଦ କଲା ଆମେରିକା



ୱାଶିଂଟନ,୩୧।୮: ଇଞ୍ଜିନ୍‌ରେ ନିଆଁ ଲାଗିବା କାରଣରୁ ଆମେରିକା ସେନା ଏହାର ସମସ୍ତ ଚିନୁକ୍ ହେଲିକପ୍ଟରକୁ ସେବାନିବୃତ୍ତ କରିଛି। ୬୦ ଦଶକରୁ ଏହି ହେଲିକପ୍ଟର ଆମେରିକା ସେନାରେ ବ୍ୟବହୃତ ହୋଇଆସୁଥିଲା। ଭାରତ ପାଖରେ ୧୫ଟି ସିଏଚ୍-୪୭ ଚିନୁକ୍ ହେଲିକପ୍ଟର ରହିଛି। ଲଦାଖ, ସିଆଚେନ୍ ଗ୍ଲାସିୟର ଭଳି ଅତି ଉଚ୍ଚ ସ୍ଥାନକୁ ସାମରିକ ସରଞ୍ଜାମ ପରିବହନ କରିବାରେ ଏହି ହେଲିକପ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛି। ୨୦୧୯ ଫେବୃୟାରୀରେ ଭାରତକୁ ପ୍ରଥମେ ଏହି ହେଲିକପ୍ଟର ମିଳିଥିଲା।

### ପରିବାର ନିୟୋଜନ ଅସ୍ତ୍ରୋପଚାରରେ ତ୍ରୁଟି
#### ୪ ମହିଳା ମୃତ, ୩୦ ହସ୍ପିଟାଲରେ ଭର୍ତ୍ତି

ହାଇଦ୍ରାବାଦ, ୩୧।୮: ତେଲଙ୍ଗାନାର ରଙ୍ଗାରେଡ୍ଡି ଜିଲାରେ ପରିବାର ନିୟୋଜନ ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ ୪ ମହିଳାଙ୍କ ମୃତ୍ୟୁ ଘଟିଛି। ଆଉ ୩୦ ମହିଳାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଗତ ୨୫ ତାରିଖରେ ରଙ୍ଗା ରେଡ୍ଡି ଜିଲାର ଇବ୍ରାହିମ୍‌ପାଟନମ୍‌ର ଏକ ସିଭିଲ୍ ହସ୍ପିଟାଲରେ ପରିବାର ନିୟୋଜନ ଅସ୍ତ୍ରୋପଚାର ନିମନ୍ତେ ଶିବିର ଆୟୋଜନ ହୋଇଥିଲା। ଅପରେଶନ ପରବର୍ତ୍ତୀ ଜଟିଳତା ଯୋଗୁ ସୋମବାର ଏବଂ ମଙ୍ଗଳବାର ୪ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅସ୍ତ୍ରୋପଚାର କରାଇଥିବା ଡାକ୍ତରଙ୍କ ଲାଇସେନ୍ସ ବାତିଲ ସହ ଉକ୍ତ ହସ୍ପିଟାଲର ସୁପରିଟେଣ୍ଡେଣ୍ଟଙ୍କୁ ନିଲମ୍ବନ କରାଯାଇଛି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଏବଂ ଦୁଇ ବେଡ୍‌ରୁମ୍ ବିଶିଷ୍ଟ ଘର ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏଥିସହ ସେମାନଙ୍କ ପିଲାମାନେ ଆବାସିକ ବିଦ୍ୟାଳୟରେ ପାଠ ପଢ଼ିବା ନିମନ୍ତେ ସମସ୍ତ ସୁବିଧା ଯୋଗାଯିବ ବୋଲି ତେଲଙ୍ଗାନା ସରକାର କହିଛନ୍ତି।

## ସୋନିଆଙ୍କ ମାତୃ ବିୟୋଗ



ପାଓଲା ମାଇନୋ

ନୂଆଦିଲ୍ଲୀ,୩୧।୮

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ମାଆ ପାଓଲା ମାଇନୋଙ୍କର ଗତ ଶନିବାର ତାଙ୍କ ଇଟାଲୀ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷରୁ ଅଧିକ ହୋଇଥିଲା। ମଙ୍ଗଳବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଟୁଇଟ୍ କରି ଜଣାଇଛନ୍ତି। ଗତ ସପ୍ତାହରେ ସୋନିଆ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ ପାଇଁ ବିଦେଶ ଯାଇଥିବାବେଳେ ତାଙ୍କ ମାଆଙ୍କୁ ଭେଟିଥିଲେ। ସୋନିଆଙ୍କ ସହ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ବିଦେଶ ଗସ୍ତ କରିଥିଲେ।

## କର୍ଣ୍ଣାଟକ ମନ୍ତ୍ରୀଙ୍କ ବିରୋଧରେ ମାମଲା

ବେଙ୍ଗାଲୁରୁ, ୩୧।୮

କର୍ଣ୍ଣାଟକର ପର୍ଯ୍ୟଟକ ଓ ପରିବେଶ ମନ୍ତ୍ରୀ ଆନନ୍ଦ ସିଂଙ୍କ ବିରୋଧରେ ବୁଧବାର ପୋଲିସ ଏକ ମାମଲା ରୁଜୁ କରିଛି। ଜମି ବିବାଦକୁ କେନ୍ଦ୍ର କରି ଆନନ୍ଦ ସିଂ କର୍ଣ୍ଣାଟକର ଡି. ପୋଲାପାଙ୍କ ପରିବାରକୁ ଜାଳି ହତ୍ୟା ଧମକ ଦେଇଥିବା ଅଭିଯୋଗ ରହିଛି। ମନ୍ତ୍ରୀଙ୍କ ଧମକରେ ପୋଲାପାଙ୍କ ପରିବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଆନନ୍ଦ ସିଂଙ୍କ ସମେତ ଅନ୍ୟ ତିନି ଜଣଙ୍କ ବିରୋଧରେ ଏସ୍‌ସି-ଏସ୍‌ଟି ଆକ୍ଟରେ ମାମଲା ରୁଜୁ ହୋଇଛି। ମଙ୍ଗଳବାର ଦଳୀୟ କାର୍ଯ୍ୟରେ ସାମିଲ ହେବା ଲାଗି ଆନନ୍ଦ ପୋଲାପାଙ୍କ ଗ୍ରାମକୁ ଯାଇଥିବା ବେଳେ ପୋଲାପାଙ୍କ ପରିବାକୁ ହତ୍ୟା ଧମକ ଦେଇଥିଲେ।

## ୪ ଏଏପି ନେତାଙ୍କ ନାଁରେ ମାନହାନି ମାମଲା କରିବେ ଉପରାଜ୍ୟପାଳ

ନୂଆଦିଲ୍ଲୀ,୩୧।୮

ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ବିରୋଧରେ ମିଥ୍ୟା ଦୁର୍ନୀତି ଅଭିଯୋଗ ଆଣିଥିବା ୪ ଏଏପି ନେତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରିବାକୁ ସେ ବୁଧବାର ଧମକ ଦେଇଛନ୍ତି। ୨୦୧୬ ବିମୁଦ୍ରୀକରଣ ସମୟରେ ସାକ୍ସେନା ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ଥିବାବେଳେ ପୁରୁଣା ନୋଟ ବଦଳାଇବା ପାଇଁ ଦୁଇଜଣ ଅଧିକାରୀଙ୍କ ଉପରେ ଚାପ ପକାଇଥିବା ଏଏପି ନେତା ସୌରଭ ଭରଦ୍ୱାଜ, ଅତିଶି, ଦୁର୍ଗେଶ ପାଠକ ଏବଂ ଜସ୍ମିନ ଶାହା ଅଭିଯୋଗ ଆଣି ଏହାର ସିବିଆଇ ତଦନ୍ତ ଦାବି କରିଥିଲେ। ଉକ୍ତ ଅଭିଯୋଗକୁ ସାକ୍ସେନା ଖଣ୍ଡନ କରିଥିଲେ। ଏଭଳି ଅଭିଯୋଗକୁ ଉପରାଜ୍ୟପାଳ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ଏଏପି ନେତାମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ଅନୁରୋଧକ୍ରମେ ସିବିଆଇ ଉକ୍ତ ଅଭିଯୋଗର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା। ସେଥିରେ ସିବିଆଇ ଖଦି ବୋର୍ଡର ଯେଉଁମାନଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା, ଏଏପି ବିଧାୟକମାନେ ସେହି ଅଧିକାରୀମାନଙ୍କ ନାଁ ଉଠାଇଛନ୍ତି।



ବୋଙ୍ଗାଇଗାଁଓ ଜିଲାରେ ଥିବା ଏକ ମଦ୍ରାସାକୁ ବୁଲ୍‌ଡୋଜରରେ ଭଙ୍ଗାଯାଉଛି।

## ଅଲ୍-କାଏଦା ଲିଙ୍କ୍: ମଦ୍ରାସା ଭଙ୍ଗାଗଲା

ଗୁଆହାଟୀ,୩୧।୮

ଆତଙ୍କବାଦୀ ସଂଗଠନ ଅଲ୍-କାଏଦା ସହ ସମ୍ପର୍କ ରଖିଥିବା ଆସାମର ବୋଙ୍ଗାଇଗାଁଓ ଜିଲାର ଏକ ମଦ୍ରାସାକୁ ରାଜ୍ୟ ସରକାର ବୁଧବାର ଭାଙ୍ଗି ଦେଇଛନ୍ତି। ଏହି ମଦ୍ରାସାଗୁଡ଼ିକ ଆତଙ୍କବାଦ କାର୍ଯ୍ୟକଳାପର କେନ୍ଦ୍ର ପାଲଟିଥିବା ପୋଲିସ ତଦନ୍ତରୁ ଜଣାପଡ଼ିବା ପରେ ମାସକ ମଧ୍ୟରେ ଆସାମ ସରକାର ଏହାକୁ ମିଶାଇ ୩ଟି ମଦ୍ରାସା ଭାଙ୍ଗିଲେଣି। ଜିଲାର କବଇତରିଠାରେ ଥିବା ଦୁଇ ମହଲା ବିଶିଷ୍ଟ ମର୍କାଜୁଲ୍ ମାରିଫ୍ କାରିଆନା ମଦ୍ରାସାକୁ ଭାଙ୍ଗିବା ଲାଗି ୮ଟି ବୁଲ୍‌ଡୋଜରକୁ କାମରେ ଲଗାଯାଇଥିଲା। ଏହା ପୂର୍ବରୁ ଗତ ଶୁକ୍ରବାର ମଦ୍ରାସାର ଶିକ୍ଷକ ମୁଫ୍ତି ହଫିଜୁର ରହମାନଙ୍କୁ ଅଲ-କାଏଦା ସହ ସମ୍ପୃକ୍ତ ଅଭିଯୋଗରେ ଗିରଫ କରାଯାଇଥିଲା।

## ସମୂହ ଆତ୍ମହତ୍ୟା ଅନୁମତି ମାଗିଲେ ଚାଷୀ

ଗୁରୁଗ୍ରାମ,୩୧।୮

### ଜମି ଅଧିଗ୍ରହଣ ବିରୋଧରେ ବିକ୍ଷୋଭ

ହରିୟାଣା ମାନେସରରେ ସରକାରଙ୍କ ପକ୍ଷରୁ ୧,୮୧୦ ଏକର ଜମି ଅଧିଗ୍ରହଣ ବିରୋଧରେ ସ୍ଥାନୀୟ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ନେଇ ଚାଷୀମାନେ ବୁଧବାର ଡେପୁଟି କମିଶନର ନିଶାନ୍ତ କୁମାର ଯାଦବଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ସହ ସମୂହ ଆତ୍ମହତ୍ୟା ପାଇଁ ଅନୁମତି ମାଗିଛନ୍ତି। ଦାବି ବାବଦରେ ସରକାରଙ୍କୁ ଜଣାଯିବ ବୋଲି ନିଶାନ୍ତ କୁମାର ପ୍ରତିଶ୍ରୁତି ଦେବା ପରେ କୃଷକ ପ୍ରଦର୍ଶନରୁ ଓହରିଛନ୍ତି। କୃଷକମାନଙ୍କ ବିକ୍ଷୋଭ ୭୦ ଦିନରେ ପହଞ୍ଚିଥିବାବେଳେ କିଷାନ ସମିତିର ସଦସ୍ୟମାନେ ଭାଜପା ଓ ଜନନାୟକ ଜନତା ପାର୍ଟି (ଜେଜେପି) ଦଳର ନେତାଙ୍କୁ ବଏକଟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ୪ରୁ ଉର୍ଦ୍ଧ୍ୱ ଗ୍ରାମରେ ହରିୟାଣା ଷ୍ଟେଟ୍ ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ କର୍ପୋରେଶନ୍ ତରଫରୁ ଭୂମି ଅଧିଗ୍ରହଣ ପାଇଁ ୨୦୧୦ରେ ନୋଟିସ୍ ଜାରି କରାଯାଇଥିଲା।

## ଭାଜପା ନେତ୍ରୀ ସୀମା ପାତ୍ର ଗିରଫ

ନୂଆଦିଲ୍ଲୀ,୩୧।୮

### ଘରୋଇ ସହାୟିକାଙ୍କୁ ନିର୍ଯାତନା ଘଟଣା

ଘରୋଇ ସହାୟିକାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେବା ଅଭିଯୋଗରେ ବୁଧବାର ଗିରଫ ହୋଇଥିବା ଭାଜପା ନେତ୍ରୀ ସୀମା ପାତ୍ରଙ୍କୁ ୧୪ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ପରେ ସୀମାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ତେବେ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ମିଥ୍ୟା ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସୀମା କହିଛନ୍ତି।

ଦଳିତ ସହାୟିକାଙ୍କୁ ୮ ବର୍ଷ ହେଲା ଘରେ ଅଟକ ରଖି ସୀମା ମାଡ଼ ମାରିବା ସହ ଅକଥନୀୟ ନିର୍ଯାତନା ଦେଉଥିବା ଖବର ଜଣାପଡ଼ିବା ପରେ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା। ସୀମାଙ୍କ ସ୍ୱାମୀ ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର।



## ମିଛ କହୁଛନ୍ତି ଜ୍ୟାକ୍‌ଲିନ୍: ଇଡି

ନୂଆଦିଲ୍ଲୀ, ୩୧।୮

ମନି ଲଣ୍ଡରିଂ ମାମଲାରେ ଜେଲରେ ଥିବା କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ର ଶେଖରଙ୍କ ବାବଦରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ କିଛି ଜାଣି ନ ଥିବା କହିଛନ୍ତି। ତେବେ ଜ୍ୟାକଲିନଙ୍କ ଏ ପ୍ରକାର ମନ୍ତବ୍ୟକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖଣ୍ଡନ କରିଛି। ସୁକେଶଙ୍କ ଆପରାଧିକ କାରବାର ବିଷୟରେ ଜ୍ୟାକ୍‌ଲିନ୍ ଅବଗତ ଥିଲେ। ତଦନ୍ତକୁ ବାଟବଣା କରିବା ପାଇଁ ଜ୍ୟାକ୍‌ଲିନ୍ ମିଛ କାହାଣୀ ତିଆରି କରୁଥିବା ଇଡି ନିଜ ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି। ୨୦୨୧ରେ ଜ୍ୟାକ୍‌ଲିନ୍‌ଙ୍କ ହେୟାର ଷ୍ଟାଇଲିଷ୍ଟ ଶାନ୍ ତାଙ୍କୁ ସୁକେଶଙ୍କ ବ୍ୟକ୍ତିଗତ ଜୀବନ ଓ ଆପରାଧିକ କାରନାମା ବିଷୟରେ ଜଣାଇଥିଲେ। ସବୁଜାଣି ସୁଦ୍ଧା ନାୟିକା ଜଣକ ସୁକେଶଙ୍କ ସହ ସମ୍ପର୍କ ରଖିଥିଲେ। ତାଙ୍କଠାରୁ ଦାମୀ ଉପହାର ଆଣିବା ସହ ଅନ୍ୟ ଫାଇଦା ସବୁ ଉଠାଉଥିଲେ। ଏ ସଂକ୍ରାନ୍ତରେ ଦିଲ୍ଲୀ ପୋଲିସ ବୁଧବାର ଜ୍ୟାକ୍‌ଲିନଙ୍କୁ ନୋଟିସ୍ ଜାରି କରିଛି। ଜେରା ପାଇଁ ସେପ୍ଟେମ୍ବର ୧୨ରେ ଥାନାରେ ହାଜର ହେବା ଲାଗି ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି।



# ସୋଭିଏଟ୍‌ର ପତନ ଓ ଗୋର୍ବାଚେଭ୍

ମସ୍କୋ, ୩୧।୮

୧୯୧୭ରେ ବୋଲସେଭିକ୍ କ୍ରାନ୍ତି ପରେ ଜାର ନିକୋଲାସ୍ ଦ୍ୱିତୀୟ ଶାସନରୁ ହଟିବା ପରେ ସୋଭିଏଟ୍ ସଂଘ ଗଠନ ହୋଇଥିଲା। ହେଲେ ଦେଶରେ ରାଜନୈତିକ ଅସ୍ଥିରତା ଜାରି ରହିଥିଲା। ଭ୍ଲାଡିମିର ଲେନିନ୍ ରୁଷିଆ ଶାସନ ଭାର ସମ୍ଭାଳିଥିଲେ। ରୁଷିଆକୁ ଲାଗି ରହିଥିବା ରାଜ୍ୟଗୁଡ଼ିକୁ ସେ ଏକଜୁଟ କରିଥିଲେ। ପରେ ଅଫିସିଆଲି ସୋଭିଏଟ୍ ସଂଘ ସ୍ଥାପନ ହୋଇଥିଲା। ହେଲେ ଲୋକଙ୍କୁ ନିଜ ଇଚ୍ଛାରେ ବଞ୍ଚିବା ସ୍ୱାଧୀନତା ମିଳିପାରି ନ ଥିଲା। ରୁଷିଆରେ ଏକଚ୍ଛତ୍ରବାଦ ଶାସନର ସୂତ୍ରଧର ଥିଲେ ଯୋଶେଫ୍ ଷ୍ଟାଲିନ୍। ଦେଶର ସମସ୍ତ ନିଷ୍ପତ୍ତି କମ୍ୟୁନିଷ୍ଟ ପାର୍ଟି ହିଁ ନେଉଥିଲା। ୧୯୮୫ରେ ମିଖାଇଲ୍ ଗୋର୍ବାଚେଭ୍ ସୋଭିଏଟ୍ ସଂଘର ରାଷ୍ଟ୍ରପତି ହୋଇଥିଲେ। ସେହି ସମୟରେ ରୁଷିଆ ଗମ୍ଭୀର ଆର୍ଥିକ ଓ ରାଜନୈତିକ ସଙ୍କଟ ଦେଇ ଗତି କରୁଥିଲା। ଲୋକଙ୍କୁ ସ୍ୱାଧୀନତା ଦେବା ଏବଂ ଦେଶର ଅର୍ଥନୀତିରେ ସୁଧାର ଆଣିବା ପାଇଁ ଗୋର୍ବାଚେଭ୍ ଅନେକ ପଦକ୍ଷେପ ନେଇଥିଲେ। ସେ ପେରେସ୍ତ୍ରୋଇକା (ପୁନର୍ଗଠନ) ଏବଂ ଗ୍ଲାସ୍‌ନୋଷ୍ଟ (ମୁକ୍ତ ଅର୍ଥନୀତି ଓ ରାଜନୀତି) ନୀତି ଆଣିଥିଲେ। ଷ୍ଟାଲିନଙ୍କ ଏକଚ୍ଛତ୍ରବାଦୀ ଶାସନ ଦେଖିଥିବା ଲୋକଙ୍କ ପାଇଁ ଏହା ବେଶ୍ ନୂଆ ଥିଲା। ଧୀରେଧୀରେ ସୋଭିଏଟ୍‌ବାସୀ ମନଖୋଲି ବଞ୍ଚିବା ଶିଖିବା ସହ, ବିଭିନ୍ନ କାରବାର, ସମ୍ପତ୍ତି କ୍ରୟବିକ୍ରୟ ଆଦି କରିପାରିଥିଲେ। ୧୯୯୦ରେ ପ୍ରଥମ କରି ମ୍ୟାକ୍‌ଡୋନାଲ୍ଡ ଷ୍ଟୋର ଖୋଲିଥିଲା। ପରେ ଆମେରିକାର ଅନେକ କମ୍ପାନୀ ରୁଷିଆ ମାର୍କେଟରେ ଏହାର ଶାଖା ଖୋଲିଥିଲେ। ବଜାର ଉପରେ ସରକାରଙ୍କ ନିୟନ୍ତ୍ରଣ କମିବାରେ ଲାଗିଲା ଏବଂ ଲୋକେ ସେମାନଙ୍କ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ପାଇଲେ।

ଗୋର୍ବାଚେଭ୍‌ଙ୍କ ଏପରି ନୀତିକୁ ତାଙ୍କ କମ୍ୟୁନିଷ୍ଟ ଦଳ ବିରୋଧ କରିଥିଲା। ଏପରି ପଲିସି ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା କୁହାଯାଇଥିଲା। ହେଲେ ସ୍ୱାଧୀନତାର ସ୍ୱାଦ ଚାଖି ସାରିଥିବା ବିଭିନ୍ନ ରାଜ୍ୟ ସୋଭିଏଟ୍ ସଂଘର କମ୍ୟୁନିଷ୍ଟ ଶାସନରୁ ଅଲଗା ହେବାକୁ ଚାହିଁଲେ। ବାଲିଷ୍ଟିକ୍ ରାଜ୍ୟ ଏଷ୍ଟୋନିଆ, ଲିଥୁଆନିଆ, ଲାଟ୍‌ଭିଆ ଆଦିରେ ଯୁବବର୍ଗ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏପରିକି ୧୯୯୧ ସେପ୍ଟେମ୍ବରରେ ଏହି ୩ ରାଜ୍ୟ ନିଜକୁ ସ୍ୱାଧୀନ ଦେଶ ଘୋଷଣା କରିଦେଇଥିଲେ। ଧୀରେ ଧୀରେ ଆଜରବାଇଜାନ୍, ଜର୍ଜିଆ, ଆର୍ମେନିଆ, ୟୁକ୍ରେନ୍, ମାଲ୍‌ଡୋଭାରେ ବି ସ୍ୱାଧୀନତା ଦାବିରେ ଆନ୍ଦୋଳନ ତୀବ୍ର ହେବାରେ ଲାଗିଲା। କ୍ରମେ ଗୋଟିଏ ପରେ ଗୋଟିଏ ରାଜ୍ୟ ନିଜକୁ ସ୍ୱାଧୀନ ଘୋଷଣା କରିବାରେ ଲାଗିଲେ। ସୋଭିଏଟ୍ ସଂଘର ବିଲୟକୁ ରୋକିବା ପାଇଁ ଗୋର୍ବାଚେଭ୍ ବହୁ ଉଦ୍ୟମ କରିଥିଲେ ହେଁ ଏଥିରେ ସଫଳ ହୋଇପାରି ନ ଥିଲେ। ଶେଷରେ ସୋଭିଏଟ୍ ୟୁନିୟନ୍ ଭାଙ୍ଗି ରୁଷିଆ, ୟୁକ୍ରେନ୍, ଜର୍ଜିଆ, ବେଲାରୁଷ, ମାଲଡୋଭା, ଆର୍ମେନିଆ, ଆଜରବାଇଜାନ୍, କାଜାଖସ୍ତାନ, କିର୍ଗିଜସ୍ତାନ, ଉଜ୍‌ବେକିସ୍ତାନ, ତାଜିକିସ୍ତାନ, ତୁର୍କମେନିସ୍ତାନ, ଲିଥୁଆନିଆ, ଲାଟ୍‌ଭିଆ, ଏଷ୍ଟୋନିଆ ଆଦି ଦେଶ ସ୍ୱାଧୀନ ହୋଇଥିଲା। ୧୯୯୧ ଡିସେମ୍ବର ୨୫ରେ ଗୋର୍ବାଚେଭ୍ କ୍ରେମ୍‌ଲିନ୍‌ରୁ ସୋଭିଏଟ୍ ପତାକା ବଦଳାଇ ସେଠାରେ ରୁଷିଆର ନ୍ୟାଶନାଲ ଫ୍ଲାଗ୍ ଲଗାଇଥିଲେ।



ଆମେରିକାର ୪୦ ତମ ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍‌ଙ୍କ ସହ ମିଖାଇଲ୍ ଗୋର୍ବାଚେଭ୍।

## ଶୀତଳଯୁଦ୍ଧର ଶେଷ

୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଆଫଗାନିସ୍ତାନ ସଙ୍କଟ ଏବଂ ଅନ୍ୟ ପ୍ରସଙ୍ଗକୁ ନେଇ ଦୁଇ ବିଶ୍ୱଶକ୍ତି ଆମେରିକା ଓ ସୋଭିଏଟ୍ ସଂଘ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ମିଖାଇଲ ଗୋର୍ବାଚେଭ୍ ସୋଭିଏଟ୍ ରାଷ୍ଟ୍ରପତି ଥିବାବେଳେ ଏହା ଅଧିକ ଘନେଇବାରେ ଲାଗିଲା। ସେହି ସମୟରେ ଗୋର୍ବାଚେଭ୍ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସହ ନିକଟତର ହୋଇ ସମ୍ପର୍କ ବଢ଼ାଇବା ପାଇଁ ଉଦ୍ୟମ କରିଥିଲେ। ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ରୋନାଲ୍ଡ ରେଗାନ୍ ଏବଂ ମାର୍ଗରେଟ୍ ଥାଚରଙ୍କ ସହ ସେ ଏକାଧିକ ଥର ଆଲୋଚନା କରିଥିଲେ। ଗୋର୍ବାଚେଭ୍ ଆମେରିକା ସହ ଅଣୁଅସ୍ତ୍ର ଚୁକ୍ତି ମଧ୍ୟ କରିଥିଲେ। ପରେ ଶୀତଳ ଯୁଦ୍ଧ ଶେଷ କରିବା ପାଇଁ ସେ ପରିସ୍ଥିତି ସୃଷ୍ଟି କରିଥିଲେ। ସୋଭିଏଟ ସଂଘ ବିଲୟ ହେବା ପରେ କୋଲ୍ଡ ୱାର ଶେଷ ହୋଇଯାଇଥିଲା। କାରଣ ପୂରା ବିଶ୍ୱ ଏକଧ୍ରୁବୀୟ ହେବା ସହ ଆମେରିକା ଏକମାତ୍ର ସୁପରପାୱାର ଦେଶ ହୋଇ ରହିଥିଲା। ସୋଭିଏଟ୍ ସଂଘରୁ ଅଲଗା ହେବା ପରେ ରୁଷିଆକୁ ଛିଡ଼ା ହେବା ପାଇଁ ଅନେକ ବର୍ଷ ଲାଗିଯାଇଥିଲା। ଭ୍ଲାଡିମିର ପୁଟିନ୍‌ଙ୍କ ଶାସନରେ ରୁଷିଆ ପୁଣି ଏକ ମହାଶକ୍ତି ହୋଇ ଉଭା ହେଲା। ଫଳରେ ଏବେ ପୁଣି ଆମେରିକା ଓ ରୁଷିଆକୁ ନେଇ ବିଶ୍ୱ ଦୁଇଭାଗ ହୋଇଛି।

ସେତେବେଳେ ବର୍ତ୍ତମାନର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ୩୯ ବର୍ଷ ହୋଇଥିଲା। ସେ କେଜିଏଫ୍‌ର ଗୋଇନ୍ଦା ଏଜେଣ୍ଟ ଥିଲେ। ସୋଭିଏଟ୍ ସଂଘର ପତନ ପୁଟିନ୍‌ଙ୍କୁ ଉଚିତ ଲାଗି ନ ଥିଲା। ପୂର୍ବଜମାନେ ବହୁକଷ୍ଟରେ ଯାହା ବନାଇଥିଲେ, ତାହା ନଷ୍ଟ ହୋଇଗଲା ବୋଲି ସେତେବେଳେ ପୁଟିନ୍ କହିଥିଲେ।

# ଧରିତ୍ରୀ
DHARITRI

ଗୁରୁବାର, ସେପ୍ଟେମ୍ବର ୧/୨୦୨୨ | Thursday, September 1/2022 | ପୃଷ୍ଠା-୧


## ନୂଆଁଖାଇ ଜୁହାର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକାପାଠକ, ଖବରଦାତା, ଏଜେଣ୍ଟ, ବିତରକ, ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ।

## ଆଜିର ସମ୍ପାଦକୀୟ

### ଅଭିବ୍ୟକ୍ତିର ସ୍ୱାଧୀନତା ଓ ବାଚନିକ ହିଂସା



### ଜଷ୍ଟିସ ଦେବପ୍ରିୟ ମହାପାତ୍ରଙ୍କ ପରଲୋକ

☞ପୃଷ୍ଠା-୨








ଭୁବନେଶ୍ୱର ଶୈଳଶ୍ରୀବିହାର ତଳପଡ଼ିଆ ପୂଜା କମିଟି ପକ୍ଷରୁ ନିର୍ମିତ ୫୦ଫୁଟ୍‌ରୁ ଊର୍ଦ୍ଧ୍ୱ ଉଚ୍ଚତାର ଗଣେଶ ମୂର୍ତ୍ତି ।

# ଭୁବନେଶ୍ୱରରେ ୨ ହତ୍ୟା

### ■ ଡିସିପି ଅଫିସ୍ ସମ୍ମୁଖରେ ପାନଦୋକାନୀଙ୍କୁ ହାଣିଲେ
### ■ ସ୍ୱାମୀଙ୍କ ଅନୁପସ୍ଥିତିରେ ମହିଳାଙ୍କୁ ହତ୍ୟା

*ରାଜଧାନୀରେ ଦିନକୁ ଦିନ ଅପରାଧର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। କମିଶନରେଟ ପୋଲିସ ଅପରାଧ ନିୟନ୍ତ୍ରଣ କରିବାକୁ ବିଭିନ୍ନ ପ୍ରକାର ପଦକ୍ଷେପ ନେଉଥିବା କହୁଥିବାବେଳେ ଖୋଦ୍ ଡେପୁଟି କମିଶନରେଟ କାର୍ଯ୍ୟାଳୟ ନିକଟରେ ହତ୍ୟା କରିବାକୁ ଲୋକେ ପଛଘୁଞ୍ଚା ଦେଉନାହାନ୍ତି। ଏହା ପୋଲିସ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ରାଜଧାନୀ ଭୁବନେଶ୍ୱରରେ ୨୪ଘଣ୍ଟା ମଧ୍ୟରେ ୨ଟି ହତ୍ୟା ଘଟଣା ଘଟିବା ଏଠାକାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।*

ଭୁବନେଶ୍ୱର,୩୧।୮(ବ୍ୟୁରୋ)

ରାଜଧାନୀ ଶହୀଦନଗର ଥାନା ଅନ୍ତର୍ଗତ ବାଣୀବିହାର ଛକସ୍ଥିତ ଡିସିପି ଅଫିସ ସମ୍ମୁଖ ମେଟ୍ରୋ ହାଉସ୍ ପାର୍ଶ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ୨ଅଟୋ ଡ୍ରାଇଭର ଜଣେ ପାନ ଦୋକାନୀଙ୍କୁ ଚାପଡ଼ରେ ଆକ୍ରମଣ କରି ହତ୍ୟା କରିଛନ୍ତି। ମୃତକ ହେଲେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ସୌମ୍ୟରଞ୍ଜନ କୁଣ୍ଡୁ (୩୨)। ଆକ୍ରମଣ ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗୁରୁତର ସୌମ୍ୟରଞ୍ଜନଙ୍କୁ ଏମ୍‌ସ ନେଇଥିଲେ ମଧ୍ୟ ☞ପୃଷ୍ଠା-୨

## ବିବାହ ପାଇଁ ରାଜି ନ ହେବାରୁ ପ୍ରେମିକାଙ୍କୁ ହତ୍ୟା

ମୋରଡା, ୩୧।୮(ଡି.ଏନ.ଏ.)

ଏକାଠି ବସି କଥା ହେଉଥିଲେ ପ୍ରେମୀଯୁଗଳ। ପ୍ରେମିକ ବିବାହ ପ୍ରସ୍ତାବ ଦେବାରୁ ରାଜି ହୋଇ ନ ଥିଲେ ପ୍ରେମିକା। ଏତିକି କଥାରେ ପ୍ରେମିକଙ୍କ ମୁଣ୍ଡକୁ ରାଗ ଚଢ଼ିଯାଇଥିଲା। ହିତାହିତ ଜ୍ଞାନ ଭୁଲି ସେ ପ୍ରେମିକାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏତିକିରେ ମନ ଶାନ୍ତି ହେଲାନି ଯେ, ନୃଶଂସ ଭାବେ ତାଙ୍କୁ ଟେକି କଚାଡ଼ି ଦେଇଥିଲେ। ଘଟଣାସ୍ଥଳରେ ପ୍ରେମିକାଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତଦେହକୁ ଜଙ୍ଗଲରେ ଲୁଚାଇବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀଙ୍କ ନଜରରେ ପଡ଼ିଥିଲେ। ବୁଧବାର ପୋଲିସ ତାଙ୍କୁ ଗିରଫ କରିଛି। ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମ ଭଦ୍ରାଶୋଳ ସାହିରେ ଏଭଳି ଘଟଣା ଘଟିଛି।

ପୋଲିସ ସୂଚନା ଅନୁଯାୟୀ, ଦେବାନ ଭକ୍ତାଙ୍କ ଝିଅ ଯାତ୍ରୀ ଭକ୍ତା (୨୨)ଙ୍କୁ ସେହି ଗ୍ରାମର ଚାମଟୁ ନାଏକଙ୍କ ପୁଅ ଟିପୁନ(୨୫) ଭଲ ପାଉଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଦୁହେଁ ଏକାଠି ବସି କଥା ହେଉଥିବା ବେଳେ ଟିପୁନ ବାହାଘର କଥା ଉଠାଇଥିଲେ। ମାତ୍ର ଯାତ୍ରୀ ତାଙ୍କ କଥାରେ ☞ପୃଷ୍ଠା-୨

# ସୋଭିଏତ୍ ସଂଘର ଶେଷ ଶାସକ ଗୋର୍ବାଚେଭ୍‌ଙ୍କ ପରଲୋକ

ମସ୍କୋ, ୩୧।୮

ବିନା ରକ୍ତପାତରେ ଆମେରିକା ଓ ସୋଭିଏତ୍ ସଂଘ ମଧ୍ୟରେ ଶୀତଳ ଯୁଦ୍ଧର ଅନ୍ତ ଘଟାଇଥିବା ୟୁଏସ୍‌ଏସ୍‌ଆର୍‌ର ଶେଷ ଶାସକ ମିଖାଇଲ ଗୋର୍ବାଚେଭଙ୍କ ମଙ୍ଗଳବାର ପରଲୋକ ହୋଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ବିଂଶତମ ଶତାବ୍ଦୀରେ ଗୋର୍ବାଚେଭ୍ ସବୁଠୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ୟତମ ଥିଲେ। ୧୯୮୫ରୁ ୧୯୯୧ ପର୍ଯ୍ୟନ୍ତ ସେ ସୋଭିଏତ୍ ସଂଘର ରାଷ୍ଟ୍ରପତି ରହିଥିଲେ। ତାଙ୍କ ଶାସନ କାଳରେ ହିଁ ୧୯୯୧ ଡିସେମ୍ବର ୨୫ରେ ସୋଭିଏତ୍ ୟୁନିୟନର ବିଲୟ ଘଟି ୧୫ ଦେଶରେ ବିଭକ୍ତ ହୋଇଯାଇଥିଲା। ୧୯୯୦ରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଗୋର୍ବାଚେଭ୍‌ଙ୍କ ପରଲୋକରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସମେତ ବିଶ୍ୱନେତାମାନେ ଶୋକବ୍ୟକ୍ତ କରିଛନ୍ତି। ସେ ଜଣେ ମହାନ୍ ରାଷ୍ଟ୍ରନେତା ରହିବା ସହ ବିଶ୍ୱ ଇତିହାସରେ ବିରାଟ ପ୍ରଭାବ ଛାଡ଼ିଯାଇଥିବା ପୁଟିନ୍ କହିଛନ୍ତି। ହେଲେ ☞ପୃଷ୍ଠା-୨



ମିଖାଇଲ ଗୋର୍ବାଚେଭ

# ଦେଶରେ ଦୈନିକ ୮୨ ମର୍ଡର

ନୂଆଦିଲ୍ଲୀ,୩୧।୮

ଭାରତରେ ୨୦୨୧ରେ ଦୈନିକ ହାରାହାରି ୮୨ ଜଣଙ୍କୁ ହତ୍ୟା କରାଯାଇଥିବାଜାତୀୟଅପରାଧରେକର୍ଡବ୍ୟୁରୋ(ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡ଼ିଛି। ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ଦେଖିଲେ ହତ୍ୟାକାଣ୍ଡ ହାର ଝାଡ଼ଖଣ୍ଡରେ ସର୍ବାଧିକ ୪.୧ ରହିଛି। ଦିଲ୍ଲୀରେ ହତ୍ୟାକାଣ୍ଡ ହାର ୨.୨ ରହିଥିବା ରିପୋର୍ଟରେ ଦର୍ଶାଯାଇଛି।

ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ୨୦୨୧ରେ ଦେଶରେ ମୋଟ ୨୯,୨୭୨ ହତ୍ୟା ମାମଲାରେ ୩୦,୧୩୨ ଜଣଙ୍କ ଜୀବନ ଯାଇଛି। ଏହା ପୂର୍ବବର୍ଷ ତୁଳନାରେ ୦.୩ ପ୍ରତିଶତ ଅଧିକ।

### ୨୦୨୧ରେ ଓଡ଼ିଶାରେ ୧,୩୯୪ ହତ୍ୟାକାଣ୍ଡ

୨୦୨୦ରେ ଦେଶରେ ମୋଟ ହତ୍ୟାକାଣ୍ଡ ସଂଖ୍ୟା ୨୯,୧୯୩ ଥିଲା। ଉତ୍ତରପ୍ରଦେଶରେ ସର୍ବାଧିକ ୩,୭୧୭ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ୩,୮୨୫ ଲୋକଙ୍କ ଜୀବନ ଯାଇଛି। ଏହା ପଛକୁ ବିହାର, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗ ରହିଛି। ବିବାଦ କାରଣରୁ ସର୍ବାଧିକ ୯,୭୬୫ ହତ୍ୟାକାଣ୍ଡ ଘଟିଥିବାବେଳେ ବ୍ୟକ୍ତିଗତ ଶତ୍ରୁତା କିମ୍ବା ଷଡ଼ଯନ୍ତ୍ରରୁ ୩,୭୮୨ ଏବଂ ଆର୍ଥିକ କାରବାରକୁ ନେଇ ୧,୬୯୨ ☞ପୃଷ୍ଠା-୨




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଣ୍ଡିଲା ଯୁଆଳି ଭାଙ୍ଗିଲା ଯୋତ**
**ଝିଅ ମଲେ ଜୋଇଁ କାହାର ଗୋତ୍ର ?**

ଶ୍ୱଶୁରଘରେ ଜୋଇଁଙ୍କୁ ଖୁବ୍ ସମ୍ମାନ ଦିଆଯିବା ସହ ଆଦର ଅଭ୍ୟର୍ଥନା କରାଯାଇଥାଏ। ଝିଅକୁ ନେଇ ଜୋଇଁ। ଝିଅ ଜୀବିତ ଥିବାବେଳେ ଯେଉଁ ଜୋଇଁଙ୍କୁ ମୁଣ୍ଡରେ ବସାଯାଇଥାଏ, ଝିଅର ମୃତ୍ୟୁପରେ ସେହି ଜୋଇଁଙ୍କୁ ଆଉ ଆଗଭଳି ଗୁରୁତ୍ୱ ଦିଆଯାଇ ନ ଥାଏ। ଝିଅର ମୃତ୍ୟୁପରେ ଶ୍ୱଶୁର ଘରେ ଜୋଇଁଙ୍କ ପ୍ରତି ଥିବା ସ୍ନେହ ତଥା ଆଦର ଭାବ ସ୍ୱତଃ ପ୍ରବୃତ୍ତ କମି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛିଲୋ ଛାଇ**
**ସାଙ୍ଗେ ସାଙ୍ଗେ କେତେ ଗୋଡ଼ାଉଥାଇ।**

ସୂର୍ଯ୍ୟାଲୋକରେ ଶରୀରରେ ଛାଇ ସୃଷ୍ଟି ହୋଇଥାଏ, ଯାହାକି ଶରୀରର ସାଥେ ସାଥେ ରହିଥାଏ। ପରନ୍ତୁ ରାତିରେ ଏହାର ଅସ୍ତିତ୍ୱ ରହି ନ ଥାଏ । ପରୋକ୍ଷରେ ତୋଷମଦକାରୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ସବୁବେଳେ ଛାଇ ପରି ପାଖେ ପାଖେ ଘୂରିବୁଲୁଥାନ୍ତି। ସ୍ୱାର୍ଥ ପୂରଣ ହୋଇଗଲେ ସେଠାରୁ ସେ ଅଦୃଶ୍ୟ ହୋଇଯାଉଥିବା ବେଳେ ତୋଷମଦକାରୀ ବ୍ୟକ୍ତିଙ୍କୁ ତାଚ୍ଛଲ୍ୟ କରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

# ଜଷ୍ଟିସ ଦେବପ୍ରିୟ ମହାପାତ୍ରଙ୍କ ପରଲୋକ

**କଟକ ଅଫିସ, ୩୧।୮**

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ମାନବାଧିକାର ଆୟୋଗର ପ୍ରଥମ ଅଧ୍ୟକ୍ଷ ଜଷ୍ଟିସ ଦେବପ୍ରିୟ ମହାପାତ୍ର(୮୬)ଙ୍କ ବୁଧବାର ପୂର୍ବାହ୍ନ ପ୍ରାୟ ୧୦.୦୫ ମିନିଟରେ ପରଲୋକ ହୋଇଛି। ସେ କିଛି ଦିନ ତଳେ ନିମୋନିଆସ୍‌ରେ ପୀଡ଼ିତ ହୋଇ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନ ଝିଅ ସ୍ମିତା ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ଖବର ପାଇ ଓଡ଼ିଶା ହାଇକୋର୍ଟର ବହୁ ବିଚାରପତି, ଆଇନଜୀବୀ ସେଲ୍‌ଟର ଛକସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

**ଓଡ଼ିଶା ମାନବାଧିକାର ଆୟୋଗର ପ୍ରଥମ ଅଧ୍ୟକ୍ଷ ଥିଲେ**

କଟକର ପ୍ରତିଷ୍ଠିତ ଆଇନଜୀବୀ ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ସ୍ୱର୍ଗତ ସୌରୀ ପ୍ରସାଦ ମହାପାତ୍ରଙ୍କ ପୁତ୍ର ଭାବେ ୧୯୩୬ ଅଗଷ୍ଟ ୩ରେ ଦେବପ୍ରିୟ ଜନ୍ମଲାଭ କରିଥିଲେ। ରେଭେନ୍‌ଶା କଲିଜିଏଟ ସ୍କୁଲ ଓ ମାଡ୍ରାସର ମଦ୍ରାସା ଖ୍ରୀଷ୍ଟିଆନ କଲେଜରେ ଶିକ୍ଷାଲାଭ ପରେ ଆଲ୍ଲାହାବାଦର ଏଉଙ୍ଗ ଖ୍ରୀଷ୍ଟିଆନ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତତ୍‌ପରେ କଟକର ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ ଶିକ୍ଷାପ୍ରାପ୍ତ ପରେ ଓଡ଼ିଶା ହାଇକୋର୍ଟରେ ଜଣେ ଆଇନଜୀବୀ ଭାବେ ୧୯୬୦ରେ ପଞ୍ଜୀକରଣ କରି ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ୧୯୬୦ରୁ ୧୯୮୩ ପର୍ଯ୍ୟନ୍ତ ପ୍ରାୟ ୨୩ ବର୍ଷ ଧରି ଜଣେ ସଫଳ ତଥା ଦକ୍ଷ ଆଇନଜୀବୀ ଭାବେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନାରେ ସିଦ୍ଧହସ୍ତ ଥିଲେ। ୧୯୮୩ରୁ ୧୯୯୫ ପର୍ଯ୍ୟନ୍ତ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିବାସହ ୧୯୯୫ ମେ ମାସରୁ ୧୯୯୬ଫେବୃୟାରୀ ମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପରେ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ପାଇ କାର୍ଯ୍ୟ କରିଥିଲେ।୧୯୯୮ ଡିସେମ୍ବର ୯ରେ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇବା ସହ ୨୦୦୨ ଅଗଷ୍ଟ ୩ ତାରିଖରେ ଅବସର ଗ୍ରହଣ କରିଥିଲେ। ଏହା ପରେ ସେ ନିଜ ଜନ୍ମମାଟି କଟକକୁ ଆସିଥିଲେ। ସେ ଓଡ଼ିଶା ମାନବାଧିକାର ଆୟୋଗର ପ୍ରଥମ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇ ୨୦୦୩ ଜୁଲାଇରୁ ୨୦୦୭ ଅଗଷ୍ଟ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ।

ଜଷ୍ଟିସ ମହାପାତ୍ର ତାଙ୍କ ବିଚାରପତି କାଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲା ଫଇସଲା କରିଥିଲେ। ସେ ଡାନିଏଲ ଲତିଫି ଓ କେନ୍ଦ୍ର ସରକାରଙ୍କ ମାମଲାର ସାମ୍ବିଧାନିକ ଖଣ୍ଡପୀଠରେ ସାମିଲ୍ ହୋଇ ହିନ୍ଦୁ ମାଇନରିଟି ଓ ଗାଡିଆନ୍‌ଶିପ୍ ଆକ୍ଟ ଲାଗୁ କରିବା ଏବଂ ୧୯୮୬ ଆକ୍ଟରେ ମୁସ୍‌ଲିମ୍ ମହିଳାଙ୍କ ଛାଡ଼ପତ୍ରଜନିତ ସୁରକ୍ଷାକୁ ଗୁରୁତ୍ୱ ଦେବା ଭଳି ରାୟ ପ୍ରକାଶ କରିଥିଲେ। ସେହିପରି ଅବଦୁଲ କରିମ୍ ଓ କର୍ନାଟକ ରାଜ୍ୟ ସରକାରଙ୍କ ମାମଲାରେ ସୁପ୍ରିମକୋର୍ଟ ଖଣ୍ଡପୀଠରେ ରହି କର୍ନାଟକ ସରକାରଙ୍କୁ ଚନ୍ଦନ କାଠ ଦସ୍ୟୁ ବୀରାପ୍ପାନ ଓ ସହଯୋଗୀଙ୍କୁ ଖୋଜିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଜଣେ କନ୍ନଡ଼ ସିନେ ଅଭିନେତା ଓ ତାଙ୍କ ସହଯୋଗୀଙ୍କୁ ବୀରାପ୍ପାନ ଅପହରଣ କରିଥିଲେ। ଦୀର୍ଘ ୨୦ ବର୍ଷର ବିଚାରପତି ସମୟ ମଧ୍ୟରେ ଜଷ୍ଟିସ ମହାପାତ୍ର ନିଜକୁ ଜଣେ ଦରଦୀ ମଣିଷ ଓ ନୀତିନିଷ୍ଠ ବିଚାରପତି ଭାବେ ପ୍ରତିପାଦିତ କରିବା ସହ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅନେକ ଛାପ ଛାଡ଼ିଯାଇଛନ୍ତି। ତାଙ୍କ ସ୍ତ୍ରୀ ମଞ୍ଜୁ ମହାପାତ୍ର, ତିନି ଝିଅ ପୁଷ୍ପା, ମିତ୍ରା, ସ୍ମିତା ଓ ଜ୍ୱାଇଁ ପ୍ରଶାନ୍ତ ମିଶ୍ର, ବିମଳ ଶତପଥୀ, ଗଣେଶ ଚନ୍ଦ୍ର କବି ଓ ପିନାକୀ ରଥ ଉପସ୍ଥିତ ଥିଲେ। ଓଡ଼ିଶା ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ, ମୁରାହରି ରମଣ, ପି. ନରସିଂହ, ଆଦିତ୍ୟ କୁମାର ମହାପାତ୍ର, ସାବିତ୍ରୀ ରଥ, ବାସୁଦେବ ପାଣିଗ୍ରାହୀ, ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାଶ, ମଣିପୁର ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟପ୍ରସାଦ ମିଶ୍ର ଓ ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ତାଙ୍କର ଶେଷଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।


ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟକାର୍ଯ୍ୟାଳୟଠାରେ ବିଘ୍ନବିନାଶନ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଉଛି।

# ୩ ମାମଲା ରୁଜୁ, କିଙ୍ଗ୍‌ପିନ ଓ ସହଯୋଗୀ ଫେରାର

**ବ୍ରହ୍ମପୁର ଅଫିସ,୩୧।୮**

ବ୍ରହ୍ମପୁର ସଦର ଥାନା ପୋଲିସ ମଙ୍ଗଳବାର ବାଉଁଶିଆପଲ୍ଲୀ ଓ ରାମଚନ୍ଦ୍ରପୁରରେ ଚାଲିଥିବା ପୃଥକ ୩ ଗୁଟ୍‌ଖା ପ୍ରସ୍ତୁତ କାରଖାନାରେ ଚଢ଼ାଉ କରିଥିଲା। ସେଠାରୁ ବିପୁଳ ପରିମାଣର ଗୁଟ୍‌ଖା ଜବତ ସହ ନଂ.୩୮୮/୨୨, ୩୮୯/୨୨ ଓ ୩୯୦/୨୨ ରେ ୩ ମାମଲା ରୁଜୁ କରିଛି। ଉକ୍ତ କାରଖାନା ଚଳାଉଥିବା କିଙ୍ଗ୍‌ପିନ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଦୁର୍ବନ୍ଧ ଗ୍ରାମର ନରେନ୍ଦ୍ର କୁମାର ସାହୁ ଓ ବ୍ରହ୍ମପୁର ବଡବଜାର ଅଞ୍ଚଳର ମିଟୁ ସାହୁ ଫେରାର ଅଛନ୍ତି। ଏନେଇ ବୁଧବାର ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରୁ ଜାରି ହୋଇଥିବା ଏକ ପ୍ରେସ୍‌ନୋଟରେ ଏସ୍‌ପି ସୂଚନା ଦେଇଛନ୍ତି। ପୋଲିସ ଚଢ଼ାଉ ବେଳେ ଏକ ଗୁଟ୍‌ଖା କାରଖାନାରୁ ନଗଦ ୧ଲକ୍ଷ ୫୦ହଜାର ୧୦୦ ଟଙ୍କା ଜବତ କରିଛି। ସେହିପରି ୧୪ ହଜାର କେଜି କଞ୍ଚାମାଲ, ୨୦ବସ୍ତା ଗୁଟ୍‌ଖା, ୨ଟି ଟାଟା ଟ୍ରକ୍, ଗୋଟିଏ ଟାଟା ମ୍ୟାଜିକ ଭ୍ୟାନ, ଗୋଟିଏ ଅଟୋ, ୧୦ ଟି ବିଭିନ୍ନ ପ୍ରକାର ମେଶିନ, ପଲିଥିନ ରୋଲର ଓ ବିଭିନ୍ନ ପ୍ରକାର କଲର ଜବତ କରିଛି। କିଙ୍ଗ୍‌ପିନ ନରେନ୍ଦ୍ର ଓଡ଼ିଶା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ତାମିଲନାଡୁରେ ମଧ୍ୟ ବ୍ୟବସାୟ ଚଳାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

**ଗୁଟ୍‌ଖା କାରଖାନାରେ ଚଢ଼ାଉ ଘଟଣା**


## classifieds Everyday
0674-2580101, 2549302

real estate

healthcare

**SALE**

Bhubaneswar କାଟେଣୀ-ପିତାପଲ୍ଲୀ ଏରିୟାରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

**Bhubaneswar Sum Hospital ପାଖ ଘଙ୍ଗାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ 30' road, ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ develop ହୋଇ ମିଳୁଛି। 9090963952.** D-73300

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

**ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026.** D-74103

Newly open full body massage ladies and gents. 8327740003, 8093860513. D-73958

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

**One hour any therapy by expert therapist @999 only. 9078484455.** D-73637

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


## ଭୁବନେଶ୍ୱରରେ ୨ ହତ୍ୟା...

ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ.୪୧୮/୨୦୨୨) ରୁଜୁ କରି ଫେରାର ଥିବା ସମ୍ପୃକ୍ତ ଦୁଇ ଅଟୋ ଡ୍ରାଇଭରଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧୀରୁକୁଟି ବସ୍ତିରେ ରହୁଥିବା ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ମଧୁପୁର ଗ୍ରାମର ମନୋଜ କୁମାର ଦାସ ଓରଫ ପାଉଣୀ (୩୦)



ପାନ ଦୋକାନୀ ସୌମ୍ୟରଞ୍ଜନ ହତ୍ୟା ମାମଲାରେ ଗିରଫ ଦୁଇ ଅଭିଯୁକ୍ତ ।

ଓ ଶହୀଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିରେ ରହୁଥିବା ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ମମ୍‌ଦୁଲା ଗ୍ରାମର ଅଶୋକ ଦାସ ଓରଫ କାବୁ(୩୫)। ପୋଲିସ ଉଭୟଙ୍କୁ ପଚରାଉଚରା କରୁଛି। ଦୁର୍ଗାମଣ୍ଡପ ପାର୍ଶ୍ୱରେ ଫାଷ୍ଟଫୁଡ୍ ଦୋକାନ ଖୋଲିବାକୁ ବିରୋଧ କରି ଅଭିଯୁକ୍ତଦ୍ୱୟ ସୌମ୍ୟରଞ୍ଜନଙ୍କୁ ହତ୍ୟା କରାଯାଇଥିବା ପୋଲିସ ଜାଣିବାକୁ ପାଇଛି। ଗୁରୁବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସିପି ଦାୟିତ୍ୱରେ ଥିବା ଶହୀଦ ନଗର ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ ସୂଚନା ଦେଇଛନ୍ତି।

ସେହିପରି ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ରହୁଥିବା ଶୁଭଶ୍ରୀ ମହାପାତ୍ରଙ୍କୁ ମଙ୍ଗଳବାର ରାତିରେ ହତ୍ୟା କରାଯାଇଥିବା ନେଇ ସ୍ୱାମୀ ଅନନ୍ତ ନାରାୟଣ ରଥ ଅଭିଯୋଗ ଆଣିଛନ୍ତି। ଅନନ୍ତ ନାରାୟଣଙ୍କ ଅଭିଯୋଗକୁ ଆଧାରକରି ପୋଲିସ ଏକ ହତ୍ୟା ମାମଲା(ନଂ.୨୮୧/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନନ୍ତ ନାରାୟଣ ମଙ୍ଗଳବାର ଘରେ ନ ଥିଲେ। ରାତିରେ ତାଙ୍କ ପୁଅକୁ ଟ୍ୟୁଶନ୍ ମାଡାମ ଛାଡ଼ିବାକୁ ଯାଇଥିବାବେଳେ ଶୁଭଶ୍ରୀ ଖଟ ଉପରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଯେତେ ଡାକିଲେବି ନ ଉଠିବାରୁ ପୁଅ ବାପା ଅନନ୍ତ ନାରାୟଣଙ୍କୁ ଫୋନ୍ କରି ଏନେଇ ଜଣାଇଥିଲେ। ଏହାଶୁଣି ଅନନ୍ତ ନାରାୟଣ ତୁରନ୍ତ ଘରକୁ ଆସି ଶୁଭଶ୍ରୀଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସ୍ତ୍ରୀ ଶୁଭଶ୍ରୀଙ୍କୁ କେହି ହତ୍ୟା କରି ଫେରାର ହୋଇଯାଇଥିବା ଅନନ୍ତ ନାରାୟଣ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଶୁଭଶ୍ରୀଙ୍କୁ କିଏ ଓ କାହିଁକି ହତ୍ୟା କଲେ ସେନେଇ ଅସ୍ପଷ୍ଟ ରହିଛି। ତାଙ୍କ ବେକରେ ଦାଗ ଚିହ୍ନ ରହିଥିବାରୁ କେହି ତାଙ୍କୁ ଦୌଡି, କପଡ଼ା କିମ୍ବା ତାର ଦ୍ୱାରା ଚାପି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତ୍ୟୁର କାରଣ ଜାଣିବା ପାଇଁ ପୋଲିସ ଶୁଭଶ୍ରୀଙ୍କ ସ୍ୱାମୀ, ବାପା, ମା, ମାମୁ, ପଡୋଶୀ ଆଦି ୮ରୁ ଅଧିକ ଜଣଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି। ସେହିପରି ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ହେଲେ ଘଟଣାକୁ ଇତିମଧ୍ୟରେ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଏହାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି। ଭୁବନେଶ୍ୱରରେ ୨ଟି ହତ୍ୟା ଘଟଣା ସମ୍ପର୍କରେ ଡିସିପି ପ୍ରତୀକ ସିଂ କହିଛନ୍ତି, ଉଭୟ ମାମଲାକୁ ଗୁରୁତର ସହ ନିଆଯାଇ ତଦନ୍ତ ଜାରି ରହିଛି। ପାନ ଦୋକାନୀଙ୍କୁ ହତ୍ୟା ମାମଲାରେ ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ମହିଳାଙ୍କୁ ହତ୍ୟା ଘଟଣାର ତଦନ୍ତ ଜାରି ରହିଛି। ସବୁ ଦିଗକୁ ଅନୁଧ୍ୟାନ କରାଯାଇ ତଦନ୍ତ ଚାଲିଛି ବୋଲି ଡିସିପି ସିଂ କହିଛନ୍ତି।

## ସୋଭିଏଟ୍ ସଂଘର ଶେଷ ...

'ରକ୍ତପିପାସୁ' ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ନିକଟତର ହେବା ଆଶା ତାଙ୍କର ଭୁଲ୍ ଥିଲା ବୋଲି କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି।

ଦକ୍ଷିଣ ପଶ୍ଚିମ ରୁଷିଆର ପ୍ରିଭୋଲନୋୟେରେ ୧୯୩୧ ମାର୍ଚ୍ଚ ୨ରେ ଜନ୍ମଗ୍ରହଣ କରିଥିଲେ ମିଖାଇଲ ଗୋର୍ବାଚେଭ୍। ମାତ୍ର ୧୫ ବର୍ଷ ବୟସରେ ୟଙ୍ଗ୍ କମ୍ୟୁନିଷ୍ଟ ଲିଗ୍ 'କୋମସୋମୋଲ୍'ରେ ସେ ଯୋଗଦେଇଥିଲେ। ଆଇନରେ ସେ ଡିଗ୍ରୀ ହାସଲ କରିଥିଲେ। କୋମସୋମୋଲ୍ ସମେତ ସୋଭିଏଟ୍ ୟୁନିୟନର କମ୍ୟୁନିଷ୍ଟ ପାର୍ଟିରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ ରହିଥିଲେ। ୧୯୮୫ରେ ସେ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ହୋଇଥିଲେ। ସେହିବର୍ଷ ହିଁ ସେ ସୋଭିଏଟ୍ ସଂଘର ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ତାଙ୍କ ଶାସନକାଳରେ ଆମେରିକା-ସୋଭିଏଟ୍ ମଧ୍ୟରେ ସମ୍ପର୍କ ସୁଧାରିବା ପାଇଁ ସେ ଉଦ୍ୟମ କରିଥିଲେ। ଏଥିସହ ଅନ୍ୟ କମ୍ୟୁନିଷ୍ଟ ଏବଂ ଅଣକମ୍ୟୁନିଷ୍ଟ ଦେଶ ସହ ମଧ୍ୟ ସେ ଉତ୍ତମ ସମ୍ପର୍କ ସ୍ଥାପନ କରିଥିଲେ। ଗୋର୍ବାଚେଭ୍‌ଙ୍କ ଅମଳରେ ଦେଶବାସୀଙ୍କୁ ଅଭିବ୍ୟକ୍ତି ସ୍ୱାଧୀନତା ମିଳିଥିଲା। ସୋଭିଏଟ୍ ଲୋକଙ୍କୁ ମନଖୋଲି ଜୀବନ ବଞ୍ଚିବାର ସୁଯୋଗ ମିଳିଥିଲା। ତେବେ ବହୁ ଚେଷ୍ଟା ସତ୍ତ୍ୱେ ସେ ସୋଭିଏଟ୍ ସଂଘ ଭାଙ୍ଗିବାକୁ ରୋକିପାରି ନ ଥିଲେ। ଏଥିପାଇଁ ତାଙ୍କୁ ରୁଷିଆରେ ଅନେକ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା।

ଗୋର୍ବାଚେଭ୍‌ଙ୍କ ପରଲୋକରେ ଜାତିସଂଘ

### ପ୍ରଥମ ପୃଷ୍ଠାରୁ...

ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଶୋକବ୍ୟକ୍ତ କରିଛନ୍ତି। ଗୋର୍ବାଚେଭ୍ ଇତିହାସର ଧାରା ବଦଳାଇଦେଇଥିଲେ। ବିଶ୍ୱ ଜଣେ ମହାନ ନେତା ତଥା ବହୁପକ୍ଷବାଦ ଓ ଶାନ୍ତି ରକ୍ଷକଙ୍କୁ ହରାଇଲା ବୋଲି ଗୁଟେରସ୍ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଶୋକବ୍ୟକ୍ତ କରିଛନ୍ତି। ବାଇଡେନ୍ ତାଙ୍କୁ ଜଣେ ବିରଳ ନେତା ଅଭିହିତ କରିଛନ୍ତି। ଗୋର୍ବାଚେଭ୍ ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ। ଏକ ଭିନ୍ନ ଭବିଷ୍ୟତ ଗଠନ କରିବା ପାଇଁ ସେ ନିଜ ସମ୍ପୂର୍ଣ୍ଣ କ୍ୟାରିୟରକୁ ବିପଦରେ ପକାଇବାର ସାହସ କରିଥିଲେ। ଏହା ବଦଳରେ ଏକ ସୁରକ୍ଷିତ ବିଶ୍ୱ ଏବଂ କୋଟି କୋଟି ଲୋକଙ୍କୁ ସ୍ୱାଧୀନତା ମିଳିଥିଲା ବୋଲି ବାଇଡେନ୍ କହିଛନ୍ତି। ବ୍ରିଟେନ୍‌ର ବିଦାୟୀ ରାଷ୍ଟ୍ରପତି ବୋରିସ୍ ଜନ୍‌ସନ୍ ଗୋର୍ବାଚେଭ୍‌ଙ୍କୁ ପ୍ରଶଂସା କରିବା ସହ ବିଶ୍ୱକୁ ବଦଳାଇ ଏକ ସୁନ୍ଦର ସ୍ଥାନରେ ପରିଣତ କରିଥିଲେ ବୋଲି କହିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ ତାଙ୍କୁ 'ଶାନ୍ତିର ମଣିଷ' ବୋଲି ଅଭିହିତ କରିଛନ୍ତି। ରୁଷିଆବାସୀଙ୍କୁ ସେ ସ୍ୱାଧୀନତାର ରାସ୍ତା ଦେଖାଇଥିଲେ। ୟୁରୋପରେ ଶାନ୍ତି ପ୍ରତି ତାଙ୍କର ପ୍ରତିବଦ୍ଧତା ନୂଆ ଇତିହାସ ରଚିଥିଲା ବୋଲି ମାକ୍ରଁ କହିଛନ୍ତି।

## ବିବାହ ପାଇଁ ରାଜି ନ ...

ରାଜି ନ ହେବାରୁ ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ ଟିପୁନ। ଯାତ୍ରୀଙ୍କୁ ମାଡ଼ ମାରିବା ସହ ସେ କଚାଡ଼ି ଦେଇଥିଲେ। ଫଳରେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ପରେ ସେ ମୃତଦେହକୁ ଜଙ୍ଗଲରେ ଲୁଚାଉଥିବା ବେଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଜଙ୍ଗଲରେ ଲୁଚିଥିବା ଅଭିଯୁକ୍ତ ଟିପୁନଙ୍କୁ ଗିରଫ କରିଥିଲା। ମୃତ ଯାତ୍ରୀଙ୍କ ମା' କାମିନୀ ଭକ୍ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ.୨୨୯/୨୨) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ସାଇଣ୍ଟିଫିକ୍ ଟିମ୍ ସହ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ଏସ୍‌ଆଇ ପି.ସି ପଣ୍ଡା ତଦନ୍ତ ଜାରି ରଖିଛନ୍ତି।

## ଦେଶରେ ଦୈନିକ...

ହତ୍ୟାକାଣ୍ଡ ଘଟିଥିବା ଉକ୍ତ ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ୨୦୨୧ରେ ଓଡ଼ିଶାରେ ମୋଟ ୧,୩୯୪ ହତ୍ୟାକାଣ୍ଡ ଘଟିଛି। ବର୍ଷକ ପୂର୍ବରୁ ଅର୍ଥାତ୍ ୨୦୨୦ରେ ରାଜ୍ୟରେ ୧,୪୭୦ ହତ୍ୟାକାଣ୍ଡ ଘଟିଥିବାବେଳେ ୨୦୧୯ରେ ଏହି ସଂଖ୍ୟା ଥିଲା ୧,୩୫୬। ରାଜ୍ୟରେ ରାଜନୈତିକ ଉଦ୍ଦେଶ୍ୟ ରଖି ୨ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ପ୍ରେମ ବ୍ୟାପାରକୁ ନେଇ ୬୭ ଜଣଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏହା ବ୍ୟତୀତ ବିଭିନ୍ନ ବିବାଦରୁ ୬୮୪ ଜଣଙ୍କୁ ମାରିଦିଆଯାଇଥିବାବେଳେ ଜମିଜମା ବିବାଦରେ ୧୧୧ ଜଣ ହତ୍ୟାର ଶିକାର ହୋଇଛନ୍ତି। ପାରିବାରିକ ବିବାଦ ୫୩୫ ଜୀବନ ନେଇଥିବାବେଳେ ଛୋଟମୋଟ ଗଣ୍ଡଗୋଳରେ ୨୬, ଆର୍ଥିକ ବିବାଦରୁ ୧୨ ଏବଂ ଅନ୍ୟାନ୍ୟ କାରଣରୁ ୨୦୫ ଜଣଙ୍କ ଜୀବନ ଯାଇଛି। ଓଡ଼ିଶାରେ ଗତବର୍ଷ ୩ ନାବାଳକ ଓ ୬ ନାବାଳିକା ହତ୍ୟାକାଣ୍ଡର ଶିକାର ହୋଇଥିବାବେଳେ ୧୮ରୁ ୩୦ ବର୍ଷ ବୟସ ମଧ୍ୟରେ ସର୍ବାଧିକ ୫୬୫ ପୁରୁଷ ଓ ୪୭୩ ମହିଳାଙ୍କ ଜୀବନ ଯାଇଛି। ୩୦ରୁ ୪୫ ବର୍ଷ ବୟସ ବର୍ଗରେ ୧୮୭ ପୁରୁଷ ଓ ୯୭ ମହିଳାଙ୍କୁ ହତ୍ୟା କରାଯାଇଥିବାବେଳେ ୪୫ରୁ ୬୦ ବର୍ଷ ବୟସ ବର୍ଗରେ ୪୮ ପୁରୁଷ ଓ ୨୪ ମହିଳା ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ୪ ପୁରୁଷ ଓ ୪ ମହିଳା ହତ୍ୟାର ଶିକାର ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ପାପଯୁକ୍ତ ଚନ୍ଦ୍ର ପ୍ରଭାବରେ ଆଜି ମାନସିକ ସ୍ଥିରତା ରହି ନ ପାରେ। କିନ୍ତୁ ଦ୍ୱିଜା ନକ୍ଷତ୍ରର ଶିକ୍ଷାକ୍ଷେତ୍ରରେ ସୁନାମ, ପିଲାଙ୍କ ସଫଳତା, ଉନ୍ନତ ଆଲୋଚନା, ପାରିବାରିକ ସଦ୍‌ଭାବ ସବୁ ପାଇବେ। ବନ୍ଧୁଙ୍କ ସହଯୋଗରେ ଅଟକି ରହିଯାଇଥିବା ଅଫିସ୍‌ର କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବ। ଶିଳ୍ପ, ବାଣିଜ୍ୟ ଓ ରାଜନୀତିରେ ଆଶା ପୂରଣ ହେବ।

**ବୃଷ**
କେନ୍ଦ୍ରସ୍ଥ ଶୁକ୍ର ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ମିତ୍ରମାନେ ସାହାଯ୍ୟ କରି କାମକୁ ଆଗକୁ ବଢାଇ ନେବେ। ଗୃହ ନିର୍ମାଣ, ଯାନ ବାହାନ ମରାମତି, ଦୋକାନର ଉନ୍ନତୀକରଣ ଓ ସଭାସମିତିରୁ ଉପକୃତ ହେବେ। ପରିବାରରେ ଗତକାଲି ଘଟିଯାଇଥିବା ଘଟଣାର ମୋଡ ବଦଳି ଯାଇପାରେ।

**ମିଥୁନ**
ସ୍ୱଗୃହୀ ବୁଧ ଚତୁର୍ଥ କେନ୍ଦ୍ରସ୍ଥ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ଜମିଜମା, ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ। ଗୃହ ସୀମାକୁ କେନ୍ଦ୍ରକରି ଭାଇ କିମ୍ବା ପଡୋଶୀଙ୍କ ସହ ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି ହେବ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କର୍କଟ**
ରବିଙ୍କ ସୁପ୍ରଭାବରୁ ଆର୍ଥିକ ସ୍ଥିତି ଭଲ ରହିବ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ କରିବେ। ଆପଣଙ୍କ କାର୍ଯ୍ୟକଳାପରେ ସାମୟିକ ଅସନ୍ତୁଷ୍ଟ ହୋଇ ବନ୍ଧୁମାନେ ସିନା କହିବେ ନାହିଁ ପଛରେ ସମାଲୋଚନା କରିପାରନ୍ତି। କଚେରୀ ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧି ପାଇବ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ।

**ସିଂହ**
ମଙ୍ଗଳଙ୍କ ସ୍ଥାନ ସ୍ଥିତିଜନିତ ଆଜି କୌଣସି କାମ ଅଟକିବ ନାହିଁ। ମାତ୍ର ସମସ୍ୟା ମଧ୍ୟରେ ସମ୍ପନ୍ନ ହେବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗିରହିବ, ଯାହାକି ଦୁଶ୍ଚିନ୍ତା ସୃଷ୍ଟି କରିପାରେ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ବ୍ୟବସାୟ, ବାଣିଜ୍ୟରୁ ଭଲ ଲାଭ ପାଇବେ। କିନ୍ତୁ ପ୍ରତିଦ୍ୱନ୍ଦିତା ଲାଗିରହିବ।

**କନ୍ୟା**
ବୁଧ ଓ ଗୁରୁଙ୍କ ଅନୁକୂଳ ସ୍ଥିତି ହେତୁ ଆଜି ଯାହା କରନ୍ତୁ ନା କାହିଁକି କୌଣସି ଅସୁବିଧା ହେବ ନାହିଁ। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ଲୋକମାନେ ମଧ୍ୟ ହଠାତ୍ ପରିସ୍ଥିତିବଶତଃ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ଅବଶ୍ୟ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇପାରନ୍ତି।

**ତୁଳା**
ଶନି ଓ ରାହୁଙ୍କ ଦ୍ୱାରାର ପୀଡିତ କର୍ମାଧିପତି ହେତୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ପାଇଲେ ମଧ୍ୟ କାମ ହାସଲ କରିପାରିବେ ନାହିଁ। ଦୀର୍ଘ ଦିନରୁ ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମ ସୁରୁଖୁରୁରେ ହୋଇଯିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା**
ବକ୍ରୀ ବୃହସ୍ପତି ସ୍ୱଗୃହସ୍ଥ ଏବଂ କୋଣ ଭାବରେ ଥିବାରୁ ଆଲୋଚନା କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ଅସୁବିଧା ଭୋଗିବେ। ସାଧାରଣ କଥାକୁ ନ ବୁଝି ମଧ୍ୟ ଘଟଣାକୁ ଅତିରଞ୍ଜିତ କରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ**
ଚନ୍ଦ୍ର ଓ କେତୁଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। ବନ୍ଧୁମାନେ ଦୂରେଇ ରହିବା କାରଣରୁ ପାରିବାରିକ କ୍ଷେତ୍ରରେ ଥିବାବିବାଦ ସମାଧାନର ସମୟ ବିଳମ୍ବିତ ରହିବ। ଅଫିସରେ କାର୍ଯ୍ୟ ବ୍ୟସ୍ତତା ହେତୁ ଚିନ୍ତାଧାରା ବକ୍ଷିପ୍ତ ହୋଇପାରେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ।

**ମକର**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କସହ ନୂତନ ସମ୍ପର୍କରୁ ଖୁସି ରହିବେ। ଗୁରୁଜନମାନଙ୍କ ପରାମର୍ଶ କ୍ରମେ ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆଇନ ଅଦାଲତରୁ ସୁଫଳ ପାଇବେ ତଥାପି କେତେକାଂଶରେ ଅସ୍ଥିରତା ଲାଗିରହିବ।

**କୁମ୍ଭ**
ଆଜି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ସାଙ୍ଗସାଥୀଙ୍କ ସହଯୋଗରୁ ବିବଦମାନ ସ୍ଥିତିରୁ ମୁକ୍ତି ମିଳିବ ଓ ମନ ଖୁସି ହୋଇଯିବ। କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପୂର୍ବ ପରିକଳ୍ପିତ ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିପାରନ୍ତି।

**ମୀନ**
ବିଭିନ୍ନ କାମରେ ଅନୁପବେଶ କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। କର୍ମକ୍ଷେତ୍ରରେ, ସଭାସମିତିରେ,ରାଜନୈତିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହୟତାରୁ ଉପକୃତ ହେବେ। ଆନୁଷ୍ଠାନିକ କାମରୁ କିମ୍ବାସଭାସମିତିରେ ସଫଳତା ହାସଲ କରି ଆନନ୍ଦ ଅନୁଭବ କରିବେ।

# ସାମାଜିକ ଦୂରତାରୁ ସାମାଜିକ ନିବିଡ଼ତା

ନୂଆଁଖାଇ ତିହାର୍‌ର ମୂଳ ଆବେଦନ ସାମାଜିକ ନିବିଡ଼ତା। ଏଥିରେ ସାମାଜିକ ଦୂରତାର ସ୍ଥାନ ନାହିଁ। କେଉଁ ଆବହମାନ କାଳରୁ ପଶ୍ଚିମ ଓଡିଶା ବା କୋଶଳାଞ୍ଚଳର ଭୌଗୋଳିକ ପରିସୀମାରେ ନୂଆଁଖାଇ ତିହାର ପାଳିତ ହୋଇଆସୁଛି। ଏହାକୁ ପ୍ରଥମ ଅନ୍ନର ପର୍ବ କୁହାଯାଏ। ମୂଳତଃ ଏହା କୃଷିଭିତ୍ତିକ ତିହାର। ଭାଦ୍ରବ ମାସରେ ଆଁଟ(ଉଚ୍ଚ) ଜମିରେ ଧାନକେଣ୍ଡା ଗଜୁରି ଉଠେ। ଏହାକୁ ଦେଖି ମଣିଷ ମନ ଭାବୋଚ୍ଛାସରେ ଭରିଯାଏ। ପ୍ରଥମ ଅନ୍ନକୁ କୃତଜ୍ଞତା ସ୍ୱରୂପ ଇଷ୍ଟ ଦେବଦେବୀଙ୍କୁ ଅର୍ପଣ କରେ। ଏଇ ପ୍ରଥମ ଅନ୍ନ ଅର୍ପଣ ପର୍ବ ବା ତିହାର ହେଉଛି ନୂଆଁଖାଇ। ବିଭିନ୍ନ ରାଜ୍ୟରେ ପ୍ରଥମ ଅନ୍ନକୁ ନେଇ ଅନେକ ପର୍ବପର୍ବାଣି ପାଳନ ହୋଇଥାଏ। ତେବେ ପଶ୍ଚିମ ଓଡିଶାର ନୂଆଁଖାଇର ସ୍ୱାତନ୍ତ୍ରତା ରହିଛି।

ନୂଆଁଖାଇ ପରିବାରକୁ ଏକାକାର କରେ। ବନ୍ଧୁ ପରିଜନ, ସମ୍ପର୍କୀୟ, ପଡୋଶୀଙ୍କୁ ସ୍ନେହବନ୍ଧନରେ ଯୋଡେ। ପରସ୍ପରକୁ ଦାୟିତ୍ୱସମ୍ପନ୍ନ କରେ। ନୂଆଁଖାଇ ଦିନ ଯିଏ ଯେତେ ଦୂରେଥିଲେ ମଧ୍ୟ ଘରକୁ ଫେରିବାକୁ ବ୍ୟାକୁଳ ହୁଏ। ଅଧିକାଂଶ ଲୋକେ ଦୂରଦୂରାନ୍ତରୁ ଘରକୁ ଓ ଗାଁକୁ ଫେରୁଥିବାରୁ ଏକ ମହାମିଳନ ପର୍ବରେ ରୂପାନ୍ତରିତ ହୋଇଯାଏ। ଇଷ୍ଟ ଦେବଦେବୀଙ୍କୁ ଅର୍ପିତ ନୂଆକୁଣ୍ଡା ସହ ଅନେକ ବ୍ୟଞ୍ଜନକୁ ପରିବାର ଲୋକେ ଏକତ୍ର ବସି ଖାଆନ୍ତି। ଏହାପରେ ପରିବାରର ବୟୋଜ୍ୟେଷ୍ଠଙ୍କୁ କନିଷ୍ଠମାନେ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥାନ୍ତି। ପରସ୍ପର ଭିତରେ ସ୍ନେହ ଓ ଶ୍ରଦ୍ଧା ଝଲସିଉଠେ। ଏହାପରେ ପଡୋଶୀ, ସମ୍ପର୍କୀୟ ଓ ଗାଁ ଲୋକଙ୍କ ସହ ଆରମ୍ଭ ହୁଏ ଜୁହାର ଭେଟ୍ କାର୍ଯ୍ୟକ୍ରମ। ନୂଆଁଖାଇ ତିହାର ଦିନ ଗାଁ ବା ସହର ଏକ ବୃହତ୍ ପରିବାରରେ ରୂପାନ୍ତରିତ ହୋଇଯାଏ। ମତାନ୍ତର, ମନାନ୍ତର ଭୁଲି ଜୀବନକୁ ଗତିଶୀଳ କରିବା ପାଇଁ ନୂଆ ସଂକଳ୍ପ ନିଅନ୍ତି। ଏହାହିଁ ନୂଆଁଖାଇର ପାରମ୍ପରିକତା, ମୂଳତତ୍ତ୍ୱ ଓ ବିଚାରବୋଧ। ତେବେ ସମୟଚକ୍ରରେ ନୂଆଁଖାଇ ତିହାର ପାଳନରେ ଅନେକ ପରିବର୍ତ୍ତନ ଘଟିଛି। କାଳକ୍ରମେ ମୂଳ କୃଷି ପରମ୍ପରାରେ ଅନେକ ନୂଆ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଉପକ୍ରମ ଯୋଡିହୋଇଛି। ଦିନକୁ ଦିନ ନୂଆଁଖାଇ ଉତ୍ସବ ମୁଖରିତ ଓ ଆକର୍ଷଣୀୟ ହୋଇଉଠୁଛି ସତ, ମାତ୍ର ଏହାର ମୂଳ ବିଚାରବୋଧଟି ଯେମିତି ସଂକ୍ରମିତ ହୋଇଚାଲିଛି।


ବଲାଙ୍ଗୀରରେ ନୂଆଁଖାଇ ହାଟ

## କୋଭିଡ୍ ପରବର୍ତ୍ତୀ ନୂଆଁଖାଇ

ପ୍ରାୟ ଦୁଇବର୍ଷ ତଳର କୋଭିଡ୍ ମହାମାରୀ ସମଗ୍ର ମଣିଷ ଜାତିକୁ ଦେହଲାଇ ଦେଲା। ଜୀବନ ବଞ୍ଚାଇବାକୁ ହେଲେ ସାମାଜିକ ଦୂରତା ଅବଲମ୍ବନ କରିବାକୁ ହିଁ ପଡିବ ବୋଲି କୁହାଗଲା। ସାମାଜିକ ଦୂରତା ଶବ୍ଦର ବ୍ୟବହାରକୁ ନେଇ ଅନେକ ବିଜ୍ଞଜନ, ବୁଦ୍ଧିଜୀବୀ ପ୍ରଶ୍ନ କଲେ। ସାମାଜିକ ଦୂରତା ବଦଳରେ ଶାରୀରିକ ଦୂରତା କଥା କୁହାଯାଉ ବୋଲି ପରାମର୍ଶ ଦେଲେ। ସାମାଜିକ ଦୂରତା ଶବ୍ଦର ବହୁଳ ବ୍ୟବହାର ମଣିଷର ଅନ୍ତରାତ୍ମା ଓ ସମାଜକୁ ବହୁଳ ମାତ୍ରାରେ ପ୍ରଭାବିତ କରିବ ବୋଲି ଚେତାଇ ଦେଲେ। ଲୋକେ ଜୀବିକା ହରାଇ ନିଜ ଗାଁକୁ ଫେରିଲା ବେଳେ ଗ୍ରାମବାସୀ ଓ ସରକାରୀ କଳ ପ୍ରବାସୀଙ୍କୁ ଗାଁକୁ ପଶିବାକୁ ଦେଲେନାହିଁ। ଭୋକ ଉପାସ, ଭୟ ଓ ଭ୍ରାନ୍ତି ଭିତରେ ମଣିଷ ସେଦିନ କୋଭିଡ୍ ମହାମାରୀ କାଳର ସାମାଜିକ ଦୂରତାକୁ ଅଙ୍ଗେ ନିଭାଇଥିଲା। କେବଳ ପ୍ରବାସୀ ନୁହଁ, ପରିବାର, ଗାଁ ଓ ସହର ଭିତରେ ପୀଡିତ ମଣିଷଟିଏ କେତେ ଅଲୋଡା, ଅବହେଳା ଏବଂ ଅମାନବିକ ପରିସ୍ଥିତିର ସମ୍ମୁଖୀନ ହେଲା। ସେଇ ଗଭୀର ପୀଡା ଆଜିବି ଅନେକଙ୍କ ଅନ୍ତର୍ମନକୁ ଦେହଲାଇ ଦେଉଛି। କୋଭିଡ ସମାଜରେ ସାମାଜିକ ଫାଟ ଓ ଦୂରତା ସୃଷ୍ଟି କରିଥିଲା। ଏଭଳି ସମୟରେ କୋଭିଡ ପରବର୍ତ୍ତୀ ନୂଆଁଖାଇ ଅଧିକ ପ୍ରାସଙ୍ଗିକ ହୋଇପଡିଛି। ସାମାଜିକ ଦୂରତାରୁ ସାମାଜିକ ନିବିଡତା ଆଡକୁ ପୁଣି ଥରେ ମଣିଷକୁ ଫେରାଇ ନେବାକୁ ନୂଆ ଆହ୍ୱାନ ନେଇ ଆସିଛି ନୂଆଁଖାଇ।

– ରିପୋର୍ଟ: ବୀରେନ୍ଦ୍ର କୁମାର ଝାଙ୍କର

## ନୂଆଁଖାଇର ନିଆରା ପରମ୍ପରା

# ନଈ ଓ ଡଙ୍ଗାପୂଜା

ସାରା ପୃଥିବୀର ଜୀବନ ଜୀବିକାରେ ନଈର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ଏଇ ନଈକୂଳରେ ହିଁ ଯାତାୟତ ଓ ନୌବାଣିଜ୍ୟ ପାଇଁ ଗଢି ଉଠିଥିଲା ବସତି। ସେଇ କ୍ରମରେ ଓଡିଶାର ନୌବାଣିଜ୍ୟ ପରମ୍ପରା ବି ବହୁତ ପୁରୁଣା। ଆଉ ଅତୀତରେ ଓଡିଶାର ପୂର୍ବାଞ୍ଚଳ ସହ ପଶ୍ଚିମାଞ୍ଚଳର ଯୋଗାଯୋଗର ମାଧ୍ୟମ ହିଁ ଥିଲା ଏଇ ଡଙ୍ଗା। ବଡ ବଡ ପଟୁଆ (ଡଙ୍ଗାକୁ ଡଙ୍ଗା ପଟାରେ ଯୋଡି ଗଢା ବଡ ଡଙ୍ଗା)ରେ ପରିବହନ ହେଉଥିଲା ଅତ୍ୟାବଶ୍ୟକ ସାମଗ୍ରୀ। ନଈକୁ ଆଧାରକରି ଅତୀତରୁ ଏଯାଏ ଗୁଜୁରାଣ ମେଣ୍ଟାଉଛନ୍ତି ଅନେକ ପରିବାର। ପଶ୍ଚିମ ଓଡିଶାରେ ନୂଆଁଖାଇ ବେଳେ ନଈ ଓ ଡଙ୍ଗାପୂଜାର ପରମ୍ପରା ନିଆରା।

ନଈକୁ ନିର୍ଭର କରି ଚଳୁଥିବା ପରିବାର ଭିତରେ ନଈ ଓ ଡଙ୍ଗା ସହ ଅନେକ ପରିବାରଙ୍କ ସମ୍ପର୍କ ସ୍ୱତନ୍ତ୍ର। ସେଇମାନଙ୍କ ଭିତରେ କେଉଟ, ଗିଙ୍ଗରା ଓ ଝରାମାନଙ୍କ ଜାତିରେ ନୂଆଁଖାଇ ସମୟରେ ନଈ ଓ ଡଙ୍ଗାକୁ ପୂଜା କରିବାର ବିଧି ରହିଛି।

**ପୂର୍ବ ପ୍ରସ୍ତୁତି :** ନୂଆଁଖାଇର ପୂର୍ବ ଦିନ ଆରମ୍ଭ ହୁଏ ଡଙ୍ଗାପୂଜାର ପ୍ରସ୍ତୁତି। ସଞ୍ଜ ଆଗରୁ ଡଙ୍ଗାକୁ ଭଲଭାବେ ଧୁଆଧୋଇ କରି ମଙ୍ଗକୁ ଚିତ୍ରେଇବା ପାଇଁ ସଜ କରାହୁଏ କଟକୀ ସନ୍ଦୂର ଓ ନଡିଆ କାଞ୍ଚି ପୋଡା କଳା ଦେଇ। ସକାଳେ ଡଙ୍ଗା ଦୁଇ ମଙ୍ଗର କାଠଖୋଦେଇ ଚିତ୍ରରେ ମଖାଇ ଦିଆହୁଏ ନାଲି ସିନ୍ଦୂର ଓ କଳା। ସେଇ ଚିତ୍ର ଡଙ୍ଗା ତିଆରି ବେଳେ ହିଁ ଖୋଦେଇ ହୋଇଥାଏ। ଚିତ୍ର କହିଲେ ତିନିରୁ ଚାରି କେତକୀ ଫୁଲ ଡାଞ୍ଚାର କାଙ୍ଗଲା। ଆଉ କେତେକ ଡଙ୍ଗାରେ ସେଇ କାଙ୍ଗଲା ପାର୍ଶ୍ୱରେ ହାତୀମୁଣ୍ଡ। କେତେକ ଡଙ୍ଗାର ଚଉପାଶରେ ସଉକିନ ମଙ୍ଗୁଆଳ ସଜାଇଥାନ୍ତି ବିଭିନ୍ନ ଫୁଲର ଧଡିଚିତ୍ର। ନୂଆଁଖାଇ ସକାଳେ ଦୁଇ ମଙ୍ଗରେ କଟକୀ ସିନ୍ଦୂର ଓ କଳା ମଖାଇ ଦେବା ପରେ ଡଙ୍ଗାପୂଜା ପାଇଁ ତୟାର ହୋଇ ରହିଥାଏ ଡଙ୍ଗା। ଏ ସମ୍ପର୍କରେ ସାମାଜିକ କର୍ମୀ ଘାସିରାମ ପଣ୍ଡା କହନ୍ତି, ନଈ ଚାଷଜମି ପରି ଓ ଡଙ୍ଗା ବଳଦ। ଚାଷୀ ଯେମିତି ଲଙ୍ଗଳରେ ଚଷେ ସେମିତି ଡଙ୍ଗାକୁ ଧରି ତ ନଈରେ ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କ ଚାଷ। ସେଥିପାଇଁ ନୂଆଁଖାଇରେ ନଈ ଓ ଡଙ୍ଗା ପୂଜାର ପରମ୍ପରା ସ୍ୱତନ୍ତ୍ର ହୋଇ ରହିଛି।

**ନୂଆଁଖାଇର ନଈ ଓ ଡଙ୍ଗାପୂଜା :** ନଈ ଓ ଡଙ୍ଗାକୁ ଆଧାରକରି ବଞ୍ଚୁଥିବା ପରିବାରରେ ଯେଉଁଠି ଯାହା ନୂଆଁଖାଇର ପରମ୍ପରା ରହିଛି ସେଇ ଅନୁଯାୟୀ ଘରର ବୟୋଜ୍ୟେଷ୍ଠ ଇଷ୍ଟ ଦେବତାଙ୍କ ପୂଜାବିଧି କରି ତାଙ୍କ ପାଖରେ ଚୂରାକଣ୍ଡା ଲଗେଇବା ପରେ ବାହାରି ଯାନ୍ତି ନଈକୂଳରେ ବନ୍ଧା ଡଙ୍ଗା ପାଖକୁ। ନଈକୂଳରେ ତୟାର ଡଙ୍ଗାରେ ସଦ୍ୟ କଟକୀ ସିନ୍ଦୂର ଓ କଳା ବୋଳାହୋଇ ଜକଜକ କରୁଥାନ୍ତି ଆଗ ମଙ୍ଗରେ ଚୌରାଶୀ ଦେବୀ।

–ଆଦିତେଶ୍ୱର ମିଶ୍ର, କନ୍ଧମାଳ



# ନୂଆଁଖାଇ ଓ ରକ୍ଷାବନ୍ଧନ



କୃଷିଭିତ୍ତିକ ପର୍ବ ନୂଆଁଖାଇ। ଏହା କୃଷି ସଭ୍ୟତାର ସାକ୍ଷୀ ହେବା ସଙ୍ଗେ ସଙ୍ଗେ ଉନ୍ନତ ସାମାଜିକ ଜୀବନଯାପନ କରିବା ଲାଗି ପ୍ରେରଣା ଦେଇଥାଏ। ପରସ୍ପର ଭିତରେ ମୈତ୍ରୀଭାବ ଓ ସୌହାର୍ଦ୍ଦ୍ୟ ସ୍ଥାପନ କରି ସୁସ୍ଥ ସାମାଜିକ ଜୀବନ ଅତିବାହିତ କରିବାକୁ ଶିକ୍ଷା ଦେଇଥାଏ। ନୂଆଁଖାଇ ପରମ୍ପରା ଅନନ୍ୟ। ପଶ୍ଚିମ ଓଡିଶାର ବିଭିନ୍ନ ଜାନିଯାତ୍ରାଠାରୁ ନୂଆଁଖାଇର ସ୍ୱତନ୍ତ୍ରତା ଅଲଗା। କୃଷିଭିତ୍ତିକ ପର୍ବ ହୋଇଥିବାରୁ ଚାଷୀକୁଳ ଏହିଦିନ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ପରେ ରକ୍ଷାବନ୍ଧନ କରିଥାନ୍ତି। ଗୃହପାଳିତ ପ୍ରାଣୀ, ହଳ ଲଙ୍ଗଳ, ଟାଙ୍ଗିଆ, ରଫା, ଦା ପ୍ରଭୃତି କୃଷି ସରଞ୍ଜାମକୁ ରାଖି ବାନ୍ଧି ପୂଜା କରାଯାଇଥାଏ। ସେହିପରି ଘରର ଦୁଆର ବନ୍ଧ ଓ କବାଟରେ ମଧ୍ୟ ରାଖି ବନ୍ଧାଯାଇଥାଏ। କୃଷି କାର୍ଯ୍ୟରେ ସୁଫଳ ଲାଗି ଧାନ କିଆରିରେ ନାରିକେଳ, ଫଳ ଚନ୍ଦନ ଦେଇ ପୂଜା କରାଯାଇଥାଏ। ଏହା କଲେ ଧାନ ଫସଲରେ ରୋଗ ପୋକ ଲାଗନ୍ତି ନାହିଁ ବୋଲି ବିଶ୍ୱାସ ରହିଛି। ସମ୍ପ୍ରତି ରକ୍ଷାବନ୍ଧନ ଓ ନୂଆଁଖାଇ ପରସ୍ପର ଅଙ୍ଗାଙ୍ଗି ଭାବେ ଜଡିତ। ଆଧୁନିକ ସମାଜରେ ଅନେକ ପରିବର୍ତ୍ତନ ଆସିଥିଲେ ମଧ୍ୟ ଏହି ପର୍ବ ପୂର୍ବଭଳି ପାଳନ ହୋଇଆସୁଛି। ନୂଆଁଖାଇରେ ବ୍ୟବହାର ହେଉଥିବା ରାଖୀକୁ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଥାଏ। ହଳଦିଆ, ଲାଲ ଓ ଧଳା ରଙ୍ଗ ସୂତା ଏବଂ କପାକୁ ବ୍ୟବହାର କରାଯାଇଥାଏ। ନୂଆଁଖାଇ ସ୍ୱତନ୍ତ୍ର ହାଟରେ ଏହି ନିଆରା ରାଖି ବିକ୍ରି ହୋଇଥାଏ। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହି ରାଖିର ଚାହିଦା ରହିଛି।

–ଶଙ୍କର ବେହେରା, ସମ୍ବଲପୁର

# ମତ୍ସ୍ୟଜୀବୀଙ୍କ ପାଇଁ ନୂଆଁଖାଇ ଫିକା

ଚଳିତବର୍ଷ ମହାନଦୀର ଉପରମୁଣ୍ଡ ଛତିଶଗଡରେ ପ୍ରବଳ ବର୍ଷା ହେବା ଫଳରେ ତଳମୁଣ୍ଡ ଓଡିଶାର ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜାରେ ବନ୍ୟା ପରିସ୍ଥିତି ଦେଖାଦେଇଥିଲା। ଏଥିରେ କଣ୍ଟେଇକେଲା ଓ ରେମତା ଗ୍ରାମପଞ୍ଚାୟତର ବହୁଗ୍ରାମ ଜଳମଗ୍ନ ହୋଇରହିଥିଲା। ଏହାଦ୍ୱାରା ନଦୀ ପାର୍ଶ୍ୱବର୍ତ୍ତୀ କଣ୍ଟେଇକେଲା ପଞ୍ଚାୟତର ସୁଖାସୋଡା, ସେମିଲିଆ ଓ ମହୁଲପାଲି ଆଦି ଗ୍ରାମ ପ୍ରଭାବିତ ହୋଇଥିଲା। ସେହିପରି ରେମତା ପଞ୍ଚାୟତର ଚିଖିଲି, ମହୁଦି ଓ ସରଧା ଆଦି ଗ୍ରାମ ପ୍ରଭାବିତ ହୋଇଥିଲା। ଏହିସବୁ ଗ୍ରାମରେ ବହୁ ମତ୍ସ୍ୟଜୀବୀ ବସବାସ କରୁଥିବାବେଳେ ମହାନଦୀରୁ ମାଛମାରି ଜୀବିକା ନିର୍ବାହ କରୁଛନ୍ତି। ବନ୍ୟାଜଳରେ ମତ୍ସ୍ୟଜୀବୀଙ୍କ ଡଙ୍ଗା, ଜାଲ ଆଦି ଭାସିଯିବା ଫଳରେ ଏଥିରେ ସେମାନେ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇ ଜୀବିକା ହରାଇଛନ୍ତି। ସେମାନଙ୍କ ପାଇଁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି। ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ ପାଳନପାଇଁ ସାରା ପଶ୍ଚିମ ଓଡିଶା ଉତ୍ସବମୁଖର ହୋଇ ଉଠିଥିବାବେଳେ ଏଠାକାର ମତ୍ସ୍ୟଜୀବୀଙ୍କ ପାଇଁ ଏହା ଫିକା ପଡିଛି। ପୂର୍ବସ୍ଥିତି ଫେରିବା ନେଇ ସେମାନେ ଚିନ୍ତାରେ ଅଛନ୍ତି। ତଥାପି ସେମାନେ ନିଜ ମଧ୍ୟରେ ସାହାଯ୍ୟ ସହଯୋଗର ହାତ ବଢାଇ ବିଧିପାଳନ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଚିଖିଲି ଗ୍ରାମର ମତ୍ସ୍ୟଜୀବୀମାନେ ନୂଆଁଖାଇ ବିଧି ପାଳନ କରିବା ପାଇଁ ଗାଁରେ ଏକତ୍ରିତ ହୋଇ ଆଲୋଚନା କରିଛନ୍ତି।

–ନୀଳେନ୍ଦ୍ର କୁମାର ଗଜେନ୍ଦ୍ର, ଝାରସୁଗୁଡା

## ଆଞ୍ଚଳିକ ଖବର

## ଅନୁଗୋଳରେ ସ୍ୱାୟତ୍ତ ଶାସନ ଦିବସ

# ଉନ୍ନୟନ କାର୍ଯ୍ୟର ପଡ଼ିଲା ଭିତ୍ତି

### ମହିଳା କାଉନସିଲରଙ୍କୁ ଶାଢ଼ି, ସ୍ୱାମୀଙ୍କୁ ସମ୍ବଲପୁରୀ କୁର୍ତ୍ତା ଦିଅ

ଅନୁଗୋଳ ଅଫିସ, ୩୧।୮

ଅନୁଗୋଳ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାମଧୂନ ସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ପୌରପାଳିକା କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଥିଲା। ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଉପାଧ୍ୟକ୍ଷା ଅନୁପମା ସାହୁ, ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସହ ଅନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ। ସେହିପରି ୨୩ଟି ୱାର୍ଡ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ହୋଇଥିଲା। ଏହାପରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ପୌରାଧ୍ୟକ୍ଷ ସାମନ୍ତ, ଉପାଧ୍ୟକ୍ଷା ସାହୁଙ୍କ ସହ ଅନ୍ୟ କାଉନସିଲରଙ୍କ ଉପସ୍ଥିତିରେ ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା। ଏହାପରେ ସହରରେ ୪ଟି ୱାଟର ଏଟିଏମ୍, ରାତ୍ରି ଆଶ୍ରୟସ୍ଥଳ ଓ ମୋ ଖତ ଆଉଟ୍‌ଲେଟ୍ ଉଦ୍‌ଘାଟନ କରାଯାଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ ଠାରେ ସ୍ୱଚ୍ଛ ଓଡ଼ିଶା ଲାଉଞ୍ଜର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ସଭାଘର ଠାରେ ସାଧାରଣ ସଭାର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଗୋଳ ବିଧାୟକ ସିଂହ ପୌର କର୍ମଚାରୀଙ୍କ ଡ୍ରେସ କୋର୍ଡକୁ ପ୍ରଶଂସା କରିଥିଲେ। ତେବେ ଆସନ୍ତାବର୍ଷ ଠାରୁ ମହିଳା କାଉନସିଲରଙ୍କ ପାଇଁ ଶାଢି ଓ ତାଙ୍କ ସ୍ୱାମୀଙ୍କ ପାଇଁ ସମ୍ବଲପୁରୀ କୁର୍ତ୍ତା କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହ ପରିମଳ ବ୍ୟବସ୍ଥାରେ ସୁଧାର ଓ ସହରକୁ ପ୍ରଦୂଷଣ ମୁକ୍ତ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ନଗରପାଳ ଅକ୍ଷୟ ସାମନ୍ତ ସହରକୁ ପରିମଳ ରଖିବାକୁ ହେଲେ ସହରବାସୀଙ୍କ ସହଭାଗିତା ଆବଶ୍ୟକ ବୋଲି ମତ ଦେଇଥିଲେ। ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସ୍ମାର୍ଟ ସିଟି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ମୁନମୁନ୍ ସିଂହ ପରିଚାଳନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।


ସଭାଘର ଠାରେ ପୌରପାଳିକାର ସାଧାରଣ ସଭାରେ ମଞ୍ଚାସୀନ ଅତିଥିମାନେ।

### ଦୁର୍ଘଟଣାରେ ମା' ପୁଅ ଗୁରୁତର

ଭୁବନ,୩୧।୮(ଡି.ଏନ.ଏ)– ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ହେଉଥିବା ଗଣେଶ ପୂଜା ଦେଖିବାକୁ ଆସିଥିବା ଦୁର୍ଗାବତୀ ଦେବୀ(୪୫) ଓ ତାଙ୍କ ପୁଅ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ମା' ପୁଅ ଏକ ସ୍କୁଟିରେ ଭୁବନରୁ ଫେରୁଥିବା ବେଳେ ନଟାକଟାସ୍ଥିତ ଜାତୀୟ ରାଜପଥ ୫୩ ଉପରେ ଏକ ଷଣ୍ଢକୁ ଧକ୍କା ଦେଇଥିଲେ। ଉଭୟଙ୍କୁ ପ୍ରଥମେ ଭୁବନ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

भारतीय कंटेनर निगम लिमिटेड
ଭାରତୀୟ କଣ୍ଟେନର ନିଗମ ଲିମିଟେଡ୍
एक नवरत्न कम्पनी (भारत सरकार का उपक्रम)
ଏକ ନବରତ୍ନ କମ୍ପାନୀ (ଭାରତ ସରକାରଙ୍କ ଏକ ଉଦ୍ୟୋଗ)
कॉनकॉर CONCOR
ଏନ୍‌ଏସ୍‌ଆଇସି ବିଜ୍‌ନେସ୍ ପାର୍କ, ନ୍ୟୁ ଏମ୍‌ଡିବିପି ବିଲ୍ଡିଂ, ୨ୟ ମହଲା, ଓଖ୍‌ଲା ଇଣ୍ଡ. ଇଷ୍ଟେଟ୍, ନୂଆଦିଲ୍ଲୀ-୧୧୦୦୨୦

ସର୍ବସାଧାରଣ ନିଲାମ/ଟେଣ୍ଡର ବିଜ୍ଞପ୍ତି
କ୍ଲିୟର୍ ହୋଇ ନ ଥିବା/ଦାବିହୀନ ଆମଦାନୀକୃତ କାର୍ଗୋର ଇ-ନିଲାମ ମାଧ୍ୟମରେ ବିକ୍ରୟ

ଭାରତୀୟ କଣ୍ଟେନର ନିଗମ ଲିମିଟେଡ୍ ତା୩୧।୦୩।୨୦୨୧ରିଖ କିମ୍ବା ତାହା ପୂର୍ବରୁ ଏରିଆ ୧ ଏବଂ ଏରିଆ ୪ ଟର୍ମିନାଲରେ ଆସି ପହଞ୍ଚିଥିବା ସ୍କ୍ରାପ୍ ସାମଗ୍ରୀ, ଖାଲି କ୍ଷତିଗ୍ରସ୍ତ କଣ୍ଟେନର ଏବଂ ଦାବିହୀନ/କ୍ଲିୟର୍ ହୋଇ ନ ଥିବା ଆମଦାନୀକୃତ କାର୍ଗୋକୁ ଇ-ନିଲାମ ମାଧ୍ୟମରେ ତା୧୬।୦୯।୨୦୨୨ ଓ ୩୦।୯।୨୦୨୨ରିଖ ଦିନ ''ଯେପରି ଅଛି ଯେଉଁଠି ଅଛି ଭିତ୍ତି''ରେ ନିଲାମ କରିବାକୁ ଯାଉଛି। ନିଲାମ ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଏବଂ କାର୍ଗୋ ବିବରଣୀ www.concorindia.co.in ଏବଂ www.mstcecommerce.comରେ ତା୦୧।୦୯।୨୦୨୨ ଓ ୧୯।୦୯।୨୦୨୨ରିଖଠାରୁ ଉପଲବ୍ଧ ହେବ। ସରକାରୀ ଉଦ୍ୟୋଗ/ବିଭାଗ, ଯେଉଁମାନଙ୍କର କଣ୍ଟେନର/ସାମଗ୍ରୀ କୌଣସି ବିବାଦ, ଅଦାଲତ/ନ୍ୟାୟାଧିକରଣ/ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ସ୍ଥିତାଦେଶ କିମ୍ବା ଏପରି ଅନ୍ୟ କୌଣସି କାରଣରୁ ଦାବିହୀନ/କ୍ଲିୟର୍ ନ ହେବା ସ୍ଥିତିରେ ରହିଥିବ ଏବଂ ସମ୍ପୃକ୍ତ ଟର୍ମିନାଲଠାରେ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଥିବା ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବ ତେବେ ସେମାନେ ଏ ସମ୍ପର୍କରେ ଏରିଆ ୧ ଏବଂ ଏରିଆ ୪ ସିଓଏନ୍‌ସିଓଆର୍‌ର ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପୃକ୍ତ ଆୟୋଗର ସୀମାଶୁଳ୍କ ଆୟୁକ୍ତଙ୍କୁ ସୂଚିତ କରିପାରିବେ ଏବଂ ଏପରି ସାମଗ୍ରୀଗୁଡ଼ିକର ନିଷ୍କାସନ ସମ୍ପର୍କରେ ସେମାନଙ୍କର ଆପତ୍ତି/ଦାବିକୁ ଏହି ବିଜ୍ଞପ୍ତିର ୭ (ସାତ ଦିନ) ମଧ୍ୟରେ ଦାଏର କରିପାରେ, ଅନ୍ୟଥା ସାମଗ୍ରୀଗୁଡ଼ିକୁ ପରବର୍ତ୍ତୀ କୌଣସି ନୋଟିସ ବିନା ''ଯେପରି ଅଛି ଯେଉଁଠି ଅଛି ଭିତ୍ତି''ରେ ନିଲାମ କରିଦିଆଯିବ। ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି www.concorindia.co.in ଏବଂ www.mstcecommerce.comରେ ଲଗ୍ ଇନ୍ କରନ୍ତୁ।
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଏରିଆ ୧

# 'ବିକାଶ ପାଇଁ ସହାୟତା ଦରକାର'

ଭୁବନ,୩୧।୮(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୫ଟାରେ ପ୍ରଭାତଫେରି ଏବଂ ସକାଳ ୮ଟାରେ ପତାକା ଉତ୍ତୋଳନ କରାଯାଇଥିଲା। ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନ ଏନ୍‌ଏସିକୁ ରାଜ୍ୟରେ ଶ୍ରେଷ୍ଠ ଏନ୍‌ଏସିରେ ପରିଣତ କରିବାକୁ ହେଲେ ଅଞ୍ଚଳବାସୀଙ୍କ ସହଯୋଗ ଆବଶ୍ୟକ ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ପରିଚାଳନା କରିଥିବା ବେଳେ ସମସ୍ତ କାଉନସିଲର, କର୍ମଚାରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ପରେ କାଳୀବଜାରଠାରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ଏକ ବୈଠକରେ ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ ଯୋଗଦେଇ ଭୁବନ ଅଞ୍ଚଳରେ ଥିବା ଆମ୍ବମାଳିଆ ଧଡାକୁ ଏକ ବିନୋଦନ କେନ୍ଦ୍ର କରିବାକୁ କହିଥିଲେ।


ଭୁବନରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଛି।

IIIT BHUBANESWAR
I I I T Bhubaneswar
Imagine, Innovate, Inspire
(A University established by Government of Odisha)

Admission Announcement
B.Tech. Programme

IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA 2022.
Applications are invited for admission to B.Tech. Programme under **Odisha category** in the following disciplines :
- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering

Admission to the above disciplines shall be strictly done only through JEE (Main) 2022 Rank.
For Admission Bulletin and more details visit the following link : https://www.iiit-bh.ac.in/admission

Phone : 0674-2653305, 2653308
E-mail : btechadmission@iiit-bh.ac.in, Home page : www.iiit-bh.ac.in
IIIT Bhubaneswar, Gothapatna, PO: Malipada, Bhubaneswar-751003, India

କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। **-ଶ୍ରୀଅରବିନ୍ଦ**



# ଅଭିବ୍ୟକ୍ତିର ସ୍ୱାଧୀନତା ଓ ବାଚନିକ ହିଂସା



ଇଆନ ବୁରୁମା

ଇଂଲଣ୍ଡର ଲେଖକ ସଲମାନ ରଶ୍‌ଦିଙ୍କୁ ହତ୍ୟା କରିବା ଲାଗି ୨୪ ବର୍ଷୀୟ ଲେବାନୀୟ-ଆମେରିକୀୟ ହାଦି ମତାର ଉଦ୍ୟମ କରିଥିଲେ। ଏହି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ରୁହୋଲା ଖୋମିନିଙ୍କର ଜଣେ ପ୍ରଶଂସକ ବୋଲି ମତାର ଦାବି କରନ୍ତି। ରଶ୍‌ଦିଙ୍କ ସାଟାନିକ ଭର୍ସେସ ଉପନ୍ୟାସ ପ୍ରକାଶ ପାଇବା ପରେ ୧୯୮୯ରେ ତାଙ୍କ ବିରୋଧରେ ଖୋମିନି ହତ୍ୟା ଫତୱା ଜାରି କରିଥିଲେ। କିନ୍ତୁ ଏହି ହତ୍ୟାକାରୀଙ୍କର ଇରାନ ସରକାରଙ୍କ ସହ ସମ୍ପର୍କ ରହିଥିବାର କୌଣସି ପ୍ରମାଣ ନାହିଁ। ତଥାପି, ଜଣେ ସମାଲୋଚକ ଉକ୍ତ ହତ୍ୟା ଉଦ୍ୟମକୁ 'ଦେଶ ପ୍ରୋତ୍ସାହିତ ସନ୍ତ୍ରାସବାଦ'ବୋଲି କହିଛନ୍ତି। ତାଙ୍କ କଥା ପ୍ରାୟ ସତ ଜଣାପଡୁଛି। ଯଦିଓ ଇରାନ ସରକାର ରଶ୍‌ଦିଙ୍କୁ ହତ୍ୟା କରିବା ପାଇଁ ଚେଷ୍ଟା କରିନାହାନ୍ତି, ତଥାପି ଖୋମିନିଙ୍କ ଫତୱା ଏବେ ବଳବତ୍ତର ରହିଛି ଏବଂ ମତାରଙ୍କ ଭଳି କଠୋରପନ୍ଥୀ ହତ୍ୟାକାରୀଙ୍କୁ ପ୍ରେରିତ କରିବାରେ ସେହି ଦେଶ କିଛି ପରିମାଣରେ ଦୋଷୀ ହେବା ଉଚିତ।

ହତ୍ୟାକାରୀ କିମ୍ବା ହତ୍ୟାକାରୀ ହେବାକୁ ଯାଉଥିବା ବ୍ୟକ୍ତି ପୂର୍ବରୁ ହିଂସାତ୍ମକ ଭାଷା ଦ୍ୱାରା ଉତ୍ତେଜିତ ହୋଇଥାନ୍ତି। ୨୦୧୧ରେ ନରୱେର ଆଣ୍ଡର୍ସ ବ୍ରିଭିକ୍ ଏକ ସାମାଜିକ ଗଣତାନ୍ତ୍ରିକ କ୍ୟାମ୍ପରେ ୬୯ ଜଣ ଯୁବକଙ୍କୁ ହତ୍ୟା କରିଥିଲେ। ଉଦାରବାଦୀ ୟୁରୋପୀୟମାନେ ମୁସଲମାନଙ୍କୁ ସୁରକ୍ଷା ଦେବା ପାଶ୍ଚାତ୍ୟ ସଭ୍ୟତା ଉପରେ ଗମ୍ଭୀର ସଙ୍କଟ ଆଣୁଛି ବୋଲି ସତର୍କ କରୁଥିବା ଲେଖକମାନଙ୍କ ଲେଖାକୁ ସେ ଉତ୍ସୁକତାର ସହ ପଢୁଥିଲେ। ତା'ମାନେ କ'ଣ ପାଶ୍ଚାତ୍ୟକୁ ରକ୍ଷାକରିବା ପାଇଁ ହତ୍ୟା କରିବା ଲାଗି ଲେଖକ ଓ ବ୍ଲଗରମାନଙ୍କ ଲେଖା ବ୍ରିଭିକଙ୍କୁ ପ୍ରେରିତ କରିଛି ? ସେମାନେ କ'ଣ ବ୍ରିଭିକଙ୍କ ଭୟଙ୍କର କାର୍ଯ୍ୟ ନିମନ୍ତେ ଦାୟୀ ହେବେ ? ରଶ୍‌ଦିଙ୍କ ବାକ୍ ବା ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ତାଙ୍କ ସାହସ ତଥା ଧୈର୍ଯ୍ୟ ବିଷୟରେ ଅନେକ କିଛି କୁହାଯାଇଛି ଓ ଏବେ ମଧ୍ୟ କୁହାଯାଉଛି। ଆମେରିକାରେ ମୁସଲମାନ କିମ୍ବା ବାମପନ୍ଥୀଙ୍କ ସହ ଲଢ଼େଇରେ ମାତିଥିବା ଦକ୍ଷିଣପନ୍ଥୀମାନଙ୍କୁ ଆମେରିକା ସମ୍ବିଧାନ ସୁରକ୍ଷା ଦିଏ। ସାମ୍ପ୍ରତିକ ସ୍ଥିତିରେ ଦକ୍ଷିଣପନ୍ଥୀମାନେ ମୁସଲମାନ ଓ ବାମପନ୍ଥୀମାନଙ୍କୁ ଆମେରିକା ଏବଂ ଖ୍ରୀଷ୍ଟୀୟ ଜୀବନ ଧାରା ପ୍ରତି ବିପଦ ବୋଲି ବିବେଚନା କରନ୍ତି। ସେମାନେ ବ୍ୟକ୍ତି ବିରୋଧରେ ହିଂସାତ୍ମକ ବିପଦ ସୃଷ୍ଟି କରୁ ନ ଥିଲେ ମଧ୍ୟ ମୁକ୍ତ ଭାବେ ଯେକୌଣସି ସମ୍ପ୍ରଦାୟ ବା ଧର୍ମ ପ୍ରତି ଯେମିତି ଚାହିଁବେ ସେମାନଙ୍କ ଘୃଣା ପ୍ରକଟ କରିପାରୁଛନ୍ତି।

ବାକ୍ ବା ଅଭିବ୍ୟକ୍ତିର ସ୍ୱାଧୀନତା ସମ୍ପର୍କିତ ୟୁରୋପୀୟ ଆଇନଗୁଡ଼ିକ କଠିନ। ଫ୍ରାନ୍ସ ଏବଂ ଅନ୍ୟ କେତେକ ୟୁରୋପୀୟ ଦେଶରେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀକୁ ଜାତି, ଧର୍ମ, ବର୍ଗ, ଜାତୀୟତା ଏବଂ ଲିଙ୍ଗ ଆଧାରରେ ବଦନାମ କିମ୍ବା ଅପମାନ କରିବା ନିଷେଧ। ତୁମେ ଇସଲାମ, ଖ୍ରୀଷ୍ଟିଆନ କିମ୍ବା ଅନ୍ୟ ଧର୍ମକୁ ଖରାପ କହିପାର, କିନ୍ତୁ ଜଣେ ବ୍ୟକ୍ତିଙ୍କ ଧର୍ମୀୟ ବିଶ୍ୱାସକୁ ଅପମାନିତ କରିପାରିବ ନାହିଁ। ଜଣଙ୍କୁ ଅପମାନିତ କରିବା ଏବଂ ତାଙ୍କ ଭାବନାକୁ କ୍ଷତି ପହଞ୍ଚାଇବା ମଧ୍ୟରେ ପ୍ରଭେଦ ରହିଛି। ଜାଣିଶୁଣି ଜଣଙ୍କର କ୍ଷତି କରିବାର ପ୍ରୟାସ ହେଉଛି ଅପମାନ। ଅନ୍ୟପକ୍ଷରେ ଭାବନାକୁ କ୍ଷତି ପହଞ୍ଚାଇବାର ମତ ଜଣଙ୍କୁ ଆପତ୍ତିଜନକ ଲାଗିପାରେ। ଏପରିକି କ୍ଷତି କରିବା ଲକ୍ଷ୍ୟ ନ ଥିଲେ ବି ଏହା ହୋଇଥାଏ। ଏକ ଅପମାନ ଲାଗି ଜଣେ ଲେଖକଙ୍କୁ ଦୋଷୀ କରାଯାଇପାରେ, କିନ୍ତୁ ମନ୍ଦ ଅନୁଭବ ପାଇଁ ନୁହେଁ। ରଶ୍‌ଦି ସାଟାନିକ ଭର୍ସେସରେ କାହାକୁ ଅପମାନ କରିଥିବାର କୌଣସି ପ୍ରମାଣ ନାହିଁ, କିନ୍ତୁ ତାଙ୍କ ବହି ପଢିଥିବା କିମ୍ବା ନ ପଢିଥିବା ବହୁ ଲୋକଙ୍କ ଭାବନାରେ ଆଘାତ ପହଞ୍ଚାଇଥିବା କୁହାଯାଉଛି।




ଅନେକ ବ୍ୟକ୍ତି ଅନୁସରଣ କରୁଥିବା ବିଶ୍ୱାସ ଏବଂ ଆଇନଗୁଡ଼ିକଠାରୁ ଧର୍ମକୁ ବଡ଼ ବୋଲି ଭାବନ୍ତି। ଜାତୀୟତା ଭଳି ଉକ୍ତ ଭାବନା ବ୍ୟକ୍ତି ପରିଚୟର ଆଧାରକୁ ପ୍ରତିପାଦିତ କରିପାରେ। ନିଜ ଜୀବନ ଆହ୍ୱାନପୂର୍ଣ୍ଣ ବୋଲି ଜଣେ ଯେତେବେଳେ ଅନୁଭବ କରେ, ସେତେବେଳେ ବିନା କାରଣରେ ଏହାକୁ ଅପମାନ ଭାବେ ଗ୍ରହଣ କରେ। ରଶ୍‌ଦି କିମ୍ବା ଅନ୍ୟ କେହି ଲେଖକ ଅବା ବିଚାରକଙ୍କୁ ପ୍ରତିରୋଧ କରିବା ଉଚିତ ନୁହେଁ। ଆସନ୍ନ ବିପଦରୁ ଲୋକମାନଙ୍କୁ ସୁରକ୍ଷିତ ରଖିବା ଉଚିତ, ଯାହା ସମ୍ଭବତଃ ୟୁରୋପରେ ଘଟୁଛି। ଏହା ବ୍ୟତୀତ ବ୍ୟକ୍ତିଗତ ଅପମାନ ବା ବଦନାମରୁ ମଧ୍ୟ ରକ୍ଷା କରିବା ଦରକାର। କିନ୍ତୁ କାହିଁକି ନିର୍ଦ୍ଦିଷ୍ଟ ଭାବନା ଏବଂ ବିଶ୍ୱାସକୁ ସମାଲୋଚନା କିମ୍ବା ଉପହାସରୁ ମୁକ୍ତ ରଖାଯାଉନାହିଁ ତାହାର କାରଣ ଜଣାପଡୁନାହିଁ।

କିଏ କହିଛି ଓ କାହାକୁ କ'ଣ କହିଛି ତା'ଉପରେ ଅଭିବ୍ୟକ୍ତିର ପ୍ରଭାବ ନିର୍ଭର କରେ। ନିର୍ଦ୍ଦିଷ୍ଟ ବ୍ୟକ୍ତି, ଲେଖକ ଏବଂ ବ୍ଲଗରମାନଙ୍କ ଦ୍ୱାରା ପ୍ରୋତ୍ସାହିତ ଚରମ ଇସ୍‌ଲାମ ବିରୋଧୀ କିମ୍ବା ଉଦାରବାଦୀ ବିରୋଧୀ ଦୃଷ୍ଟିକୋଣ ଦ୍ୱାରା ବ୍ରିଭିକ ପ୍ରେରିତ ହୋଇଥିଲେ ବି ସେ କରିଥିବା ହତ୍ୟା ପାଇଁ ସେମାନେ ଦାୟୀ ନୁହନ୍ତି। ଭୟ ଓ ଘୃଣା ଖେଳାଇବାର ସମ୍ଭାବ୍ୟ ପରିଣାମ ସମ୍ପର୍କରେ ବିଚାର ନ କରି ଜଣେ ସେମାନଙ୍କୁ ସମାଲୋଚନା କରିପାରନ୍ତି। ସେମାନେ ନୈତିକତା ଦୃଷ୍ଟିରୁ ଦୋଷୀ ହୋଇପାରନ୍ତି, କିନ୍ତୁ ସେମାନଙ୍କ ବିଚାର ସେତେ ଗୁରୁତ୍ୱ ବହନ କରେ ନାହିଁ। ଅନ୍ୟପକ୍ଷରେ ଜଣେ ରାଜନେତା କିମ୍ବା ଧର୍ମଗୁରୁ ଘୃଣା ଭାବକୁ ପ୍ରୋତ୍ସାହିତ କରିବା ସବୁଠୁ ବଡ଼ ବିପଦ। ଖୋମିନିଙ୍କ ଫତୱାର ପରିଣାମ ସମ୍ପୂର୍ଣ୍ଣ ସ୍ପଷ୍ଟ। ସାଟାନିକ ଭର୍ସେସକୁ ଅନୁବାଦ କରିଥିବା ଜାପାନୀ ଅନୁବାଦକଙ୍କୁ ୧୯୯୧ରେ ହତ୍ୟା କରାଯାଇଥିଲା। ଇଟାଲୀ ଓ ନରୱେର ଅନୁବାଦକ ହିଂସାତ୍ମକ ଆକ୍ରମଣରୁ ରକ୍ଷା ପାଇଯାଇଥିଲେ। ରଶ୍‌ଦିଙ୍କୁ ହତ୍ୟା ଉଦ୍ୟମ କରିଥିବା ବ୍ୟକ୍ତି ପ୍ରାୟତଃ ସଫଳ ହୋଇଛନ୍ତି। କିନ୍ତୁ ଏସବୁ ପାଇଁ କେବଳ ଇରାନର ଧର୍ମଯାଜକମାନେ ନୁହନ୍ତି, ବରଂ ବାଚନିକ ହିଂସା ଦ୍ୱାରା ଯେଉଁ ଉତ୍ତେଜନା ସୃଷ୍ଟି ହେଉଛି ତାହା ସବୁଠୁ ଘାତକ ସାବ୍ୟସ୍ତ ହୋଇଛି।

ସର୍ବସମ୍ମତି ଉପରେ ମୁକ୍ତ ଓ ଗଣତାନ୍ତ୍ରିକ ସମାଜଗୁଡ଼ିକ ନିର୍ଭର କରେ; ଯାହାଦ୍ୱାରା ବିବାଦୀୟ ସ୍ୱାର୍ଥ ଏବଂ କ୍ଷମତା ପ୍ରତିଯୋଗିତାର ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରେ। ବୈଧ ଓ ନିଷ୍ପକ୍ଷ ନିର୍ବାଚନ ପରେ ସରକାର ପରିବର୍ତ୍ତନକୁ ଗ୍ରହଣ କରାଯିବା ଉଚିତ। ରାଜନୈତିକ ବିଚାରକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ଶତ୍ରୁଭାବେ ଦେଖିବା ଉଚିତ ନୁହେଁ। କିନ୍ତୁ ଆମେରିକାର ରିପବ୍ଲିକାନ ପାର୍ଟିରେ ସେଭଳି ଦୃଷ୍ଟିକୋଣ ନାହିଁ। ଅନେକ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗୋଲାମ ହୋଇ ରହିଛନ୍ତି। କଂଗ୍ରେସର ରିପବ୍ଲିକାନ ପାର୍ଟିର କଠୋରପନ୍ଥୀ ସଦସ୍ୟମାନେ ନିୟମିତ ଭାବେ ଡେମୋକ୍ରାଟମାନଙ୍କୁ ଏପରି କି ଡୋନାଲ୍ଡ ଟ୍ରମ୍ପଙ୍କୁ ଉପେକ୍ଷା କରୁଥିବା ରିପବ୍ଲିକାନମାନଙ୍କୁ ବିଶ୍ୱାସଘାତକ ଭାବେ ଚିତ୍ରଣ କରୁଛନ୍ତି। ୨୦୧୬ରେ ନିର୍ବାଚନ ପ୍ରଚାରରେ ଟ୍ରମ୍ପ ତାଙ୍କ ବିରୋଧୀଙ୍କୁ ଜେଲରେ ରଖିବା ଲାଗି କହିଥିଲେ। ବହୁ ରିପବ୍ଲିକାନ ରାଜନେତା ଗୃହଯୁଦ୍ଧ ଆରମ୍ଭ ହୋଇଥିବା କହିଥିଲେ ଓ ନାଗରିକମାନେ ଅସ୍ତ୍ର ଧରି ବାହାରି ଆସିବା ଉପରେ ଗୁରୁତ୍ୱ ଦେଇଥିଲେ। ପରିଣାମ ସ୍ୱରୂପ, ୨୧ ଜାନୁୟାରୀ ୨୦୨୧ରେ ହିଂସୁକ ଲୋକମାନେ ଟ୍ରମ୍ପ ଏବଂ ତାଙ୍କ ରାଜନେତାଙ୍କ କଥାକୁ ଗୁରୁତ୍ୱ ଦେଇ କ୍ୟାପିଟଲକୁ ପଶିଯାଇଥିଲେ।

କୁଟିଳ ବ୍ୟକ୍ତି କିମ୍ବା ଲୋକଙ୍କୁ ଭ୍ରମିତ କରୁଥିବା କଠୋରପନ୍ଥୀଙ୍କ ମନ୍ତବ୍ୟ ଏବଂ ସରକାରୀ ପଦସ୍ଥ ବ୍ୟକ୍ତିଙ୍କ ମତ ମଧ୍ୟରେ ପାର୍ଥକ୍ୟ ରହିଛି। ଇଣ୍ଟରନେଟ କିମ୍ବା ଟେଲିଭିଜନରେ ମିଥ୍ୟା ଏବଂ ଗାଳିକୁ ପ୍ରସାର କରୁଥିବା ବ୍ୟକ୍ତିମାନେ ଅନେକାଂଶରେ ବିପଜ୍ଜନକ ଓ ଘୃଣାସ୍ପଦ। କିନ୍ତୁ ଘୃଣା ମନ୍ତବ୍ୟ ଦେଇ ଲୋକଙ୍କୁ ହତ୍ୟା କରିବା ଲାଗି ଉସୁକାଉଥିବା ରାଜନୈତିକ ଏବଂ ଧର୍ମୀୟ ନେତାମାନେ ତା'ଠାରୁ ଘୃଣ୍ୟ ଓ ବିପଜ୍ଜନକ।

**ଲେଖକ, ନେଦରଲାଣ୍ଡ**

## ଦ୍ୱନ୍ଦ୍ୱବାଦ ବିପ୍ଳବର ବୀଜଗଣିତ



ଉମା ଶଙ୍କର ପ୍ରସାଦ

ଜୀବନକୁ ଉନ୍ନତ କରିବା ପାଇଁ, ଦାରିଦ୍ର୍ୟ ଓ ଦୁଃଖକଷ୍ଟ, ଅବିଚାର ଓ ଯଥେଚ୍ଛାଚାର ଶାସନକୁ ଜୀବନରୁ ଦୂର କରିବା ପାଇଁ ଲୋକମାନେ ଚିରକାଳ ସ୍ୱପ୍ନ ଦେଖି ଆସିଛନ୍ତି। ସେମାନେ ସେମାନଙ୍କର ମର୍ଯ୍ୟାଦାକୁ ବଜାୟ ରଖିବା ପାଇଁ ସଦାସର୍ବଦା ଉଦ୍ୟମ ଜାରି ରଖିଛନ୍ତି। ଦିନ ଥିଲା କ୍ରୀତଦାସମାନେ ସେମାନଙ୍କ ମାଲିକଙ୍କ ବିରୋଧରେ ବିଦ୍ରୋହ କରିଛନ୍ତି। ସ୍ପାଟାକସ୍‌ଙ୍କ ଅଭ୍ୟୁତ୍‌ଥାନ ସମେତ ବହୁ କ୍ରୀତଦାସଙ୍କ କଥା ଇତିହାସରେ କୁହାଯାଇଛି। ଭୂସ୍ୱାମୀମାନଙ୍କ ବିରୋଧରେ କୃଷକମାନେ ଅଦ୍ୟାବଧି ସଂଗ୍ରାମ ଜାରି ରଖିଛନ୍ତି। କଳକାରଖାନାରେ ଶ୍ରମିକମାନେ ନିଜର ନ୍ୟାଯ୍ୟ ଦାବିରୁ ବଞ୍ଚିତ ହୋଇ ବିପ୍ଳବ କରିବା ସହ ଯନ୍ତ୍ରପାତି ଧ୍ୱଂସ କରିଛନ୍ତି। ଯୁଗ ଯୁଗ ଧରି ମଣିଷର ଇତିହାସ ହେଲା ଦରିଦ୍ର ଓ ଧନୀମାନଙ୍କ ମଧ୍ୟରେ ନିପୀଡ଼ିତ ଓ ନିପୀଡ଼ନକାରୀମାନଙ୍କ ମଧ୍ୟରେ ସଂଗ୍ରାମର ଇତିହାସ। ସମୟର ପ୍ରବହମାନରେ ବହୁଦିନ ବିତିଗଲାଣି, କିନ୍ତୁ ସବୁକିଛି ଅନେକ ଦିଗରୁ ସେଇଭଳି ରହିଯାଇଛି- ସଂଖ୍ୟାଲଘୁମାନେ ସଂଖ୍ୟାଗୁରୁମାନଙ୍କ ଉପରେ ଶାସନ କରିଆସିଛନ୍ତି। ସମାଜ ବ୍ୟବସ୍ଥା ସବୁ ଗୋଟିଏ ଅନ୍ୟଟିକୁ ସ୍ଥାନାନ୍ତରିତ କରିଥିଲେ, ଅଥଚ ଶ୍ରମଜୀବୀ ଜନସାଧାରଣଙ୍କ ଦାରିଦ୍ର୍ୟ ଓ ଅଧିକାରହୀନତା ଏବଂ ମଣିଷ ଦ୍ୱାରା ମଣିଷର ଶୋଷଣ ରହି ଯାଇଥିଲା। ସମାଜ ଗଢ଼ଣରେ ଏକ ମୌଳିକ ପରିବର୍ତ୍ତନ ଘଟାଇବାର ପ୍ରଥମ ସୁଯୋଗଟି ଆସିଥିଲା କେବଳ ଆମ ଯୁଗରେ, ଶୋଷିତ ଶ୍ରେଣୀଗୁଡ଼ିକ ମଧ୍ୟରେ ସବୁଠାରୁ ସଂଗଠିତ ଓ ରାଜନୈତିକ ଭାବେ ସଚେତନ ଶ୍ରେଣୀ, ଶ୍ରମିକ ଶ୍ରେଣୀର ଆତ୍ମପ୍ରକାଶ ସହିତ। ବ୍ରିଟେନ, ଫ୍ରାନ୍ସ ଓ ଜର୍ମାନୀର ଶ୍ରମିକ ଶ୍ରେଣୀ ସେଇ ଊଣେଇଶ ଶତାବ୍ଦୀରେ ତା'ର ଅଧିକାର ଦାବି କରିବାକୁ ଆରମ୍ଭ କରିଥିଲା କିନ୍ତୁ ତା'ର କର୍ମୋଦ୍ୟମ ଥିଲା ସ୍ୱତଃସ୍ଫୂର୍ତ୍ତ ଧରଣର।

ଅତୀତର ଦାର୍ଶନିକମାନେ ସାମାଜିକ ବୈଷମ୍ୟର କାରଣ ସମୂହକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଥିଲେ। ସେମାନେ ମନେକରୁଥିଲେ ଯେ ଜନସାଧାରଣଙ୍କ ଅଭିମତ ସମାଜ ଜୀବନରେ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସୁତରାଂ ସେମାନେ ମନେକରୁଥିଲେ ମଣିଷର ଚେତନା, ତା'ର ଚିନ୍ତା ଓ ମତକୁ ପରିବର୍ତ୍ତିତ କରି ହିଁ କେବଳ ଏକ ଅନ୍ୟାୟ ବ୍ୟବସ୍ଥାର ପରିବର୍ତ୍ତନ କରିବା ସମ୍ଭବ। ଡାକ୍ତର ଯେପରି ରୋଗୀର ଚିକିତ୍ସା କରନ୍ତି, ସେଭଳି ସମାଜକୁ 'ରୋଗ ମୁକ୍ତ' ଓ ଉନ୍ନତ କରିହେବ ଜ୍ଞାନାଲୋକ ମାଧ୍ୟମରେ। ସମାଜର ଜ୍ଞାନୀ ଗୁଣୀ ମାନେ ଧନୀମାନଙ୍କୁ ବୁଝେଇ ଶୁଝେଇ ନିଜର ବଳକା ସମ୍ପଦକୁ ଦରିଦ୍ରମାନଙ୍କୁ ବିତରଣ କରିବା ପାଇଁ ପ୍ରଚେଷ୍ଟା କରିଥିଲେ। ସେମାନେ ବିଶ୍ୱାସ କରୁଥିଲେ ଯେ ସାମାଜିକ ଅନ୍ୟାୟକୁ ଏହି ପ୍ରକାରେ ଲାଘବ କରିହେବ, ମାତ୍ର ସେମାନଙ୍କର ସମସ୍ତ ଉଦ୍ୟମ ସ୍ୱଭାବତଃ ବ୍ୟର୍ଥତାରେ ପର୍ଯ୍ୟବସିତ ହୋଇଥିଲା। ମାର୍କସ୍ ଏବଂ ଏଙ୍ଗେଲସ୍ ଦାର୍ଶନିକ ଚିନ୍ତା ଓ ବିଜ୍ଞାନର କୃତିରାଜି ତଥା ଆନ୍ତର୍ଜାତିକ ବିପ୍ଳବୀ ଆନ୍ଦୋଳନର ଅଭିଜ୍ଞତା ଉପରେ ନିର୍ଭର କରି ଏଭଳି ଏକ ଦର୍ଶନ ସୃଷ୍ଟି କରିଥିଲେ ; ଯାହା ମଧ୍ୟରେ ବ୍ୟାପକ ଶ୍ରମଜୀବୀ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତିଫଳିତ ହୋଇଥିଲା। ତେଣୁ ମାର୍କସ୍‌ବାଦୀ ଦର୍ଶନ ବିଶ୍ୱ ଦର୍ଶନର ଉପାନ୍ତନର ଆବିର୍ଭୂତ ହୋଇନାହିଁ ; ଏହାଥିଲା ଅତୀତର ସବୁଠାରୁ ପ୍ରଗତିଶୀଳ ଦର୍ଶନ ସମୂହର ଅନୁବର୍ତ୍ତନ। ମାର୍କସ୍ ସଦାସର୍ବଦା ମନେକରୁଥିଲେ ଦର୍ଶନର ପ୍ରଧାନ କାର୍ଯ୍ୟ ହେଲା ଜଗତକୁ ପୁନର୍ନିର୍ମାଣ କରିବାର ସମ୍ଭାବ୍ୟ ଉପାୟ ସମୂହକୁ ପ୍ରତିପାଦନ କରିବା। ଜଗତକୁ କେବଳ ବାଖ୍ୟା କରିବା ପରିବର୍ତ୍ତେ ବରଂ ବ୍ୟବହାରିକ ବିପ୍ଳବୀ ସଂଗ୍ରାମରେ ପ୍ରବୃତ୍ତ ହେବା। ସେମାନଙ୍କ ମତରେ, ଦର୍ଶନର ଦାୟିତ୍ୱ ହେଲା ଜଗତକୁ ରୂପାନ୍ତରିତ କରିବା କାର୍ଯ୍ୟରେ ଏକ ଯନ୍ତ୍ର ହିସାବରେ କାର୍ଯ୍ୟ କରିବା। ମାର୍କସ୍‌ବାଦୀ ଦର୍ଶନର ଏହା ହିଁ ଥିଲା ଏକ ଚାରିତ୍ରିକ ବୈଶିଷ୍ଟ୍ୟ: ଏହା ହିଁ ତା'ର ବୈପ୍ଳବିକ ଚରିତ୍ରର ସାରମର୍ମ। ରୁଷ୍ ବିପ୍ଳବୀ-ଗଣତନ୍ତ୍ରବାଦୀ ଆଲେକ୍‌ଜାଣ୍ଡାର ଗେର୍ତ୍ସେନ ମାଖୁନାରେ କହିଥିଲେ ''ଦ୍ୱନ୍ଦ୍ୱବାଦ ହେଉଛି ବିପ୍ଳବର ବୀଜଗଣିତ''।

ଦର୍ଶନ ତା'ର ଜନ୍ମଲଗ୍ନଠାରୁ ବର୍ତ୍ତମାନ ଯୁଗ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କେତେକ ସାମାଜିକ ଶକ୍ତିର ସାମର୍ଥ୍ୟକୁ ପ୍ରତିଫଳିତ କରିଛି ଏବଂ କରିଚାଲିଛି। ମାର୍କସ୍‌ବାଦୀ ଦର୍ଶନ ହେଲା ଏଭଳି ଏକ ତତ୍ତ୍ୱ, ଯାହା ଶ୍ରମିକ ଶ୍ରେଣୀର ଓ ତା'ର ନେତୃତ୍ୱାଧୀନ ଶ୍ରମଜୀବୀ ଜନସାଧାରଣଙ୍କର ବିଶ୍ୱ ଦୃଷ୍ଟିକୋଣ ଓ ଭାବାଦର୍ଶକୁ ପ୍ରତିପାଦନ କରିଥାଏ। ମାର୍କସ୍ ଲେଖିଥିଲେ, ''ଦର୍ଶନ ଯେପରି ତା'ର ବସ୍ତୁଗତ ଅସ୍ତ୍ର ଖୋଜିପାଏ ସର୍ବହରା ମଧ୍ୟରେ, ସେହିପରି ସର୍ବହରା ତା'ର ଆତ୍ମିକ ଅସ୍ତ୍ର ଖୋଜି ପାଏ ଦର୍ଶନ ମଧ୍ୟରେ।''

**ମୋ-୬୩୭୦୬୭୫୫୬୨**

## ଏଇ ଭାରତରେ

୧୯୮୪ରେ ଆସାମର ଗୋପୀନାଥ ଶର୍ମା ଆରମ୍ଭ କରିଥିବା ଛୋଟ ନର୍ସରିଟି ଏବେ ସାରା ଦେଶରେ ଏକ ନୂତନ ପରିଚୟ ସୃଷ୍ଟି କରିପାରିଛି। ଗୋପୀନାଥ ଗୁଆହାଟୀରୁ ୩୦ କି.ମି. ଦୂର ଧୁପଗୁରୀର ଏକ ସ୍କୁଲରେ ପ୍ରିନ୍ସିପାଲ ଥିବାବେଳେ ଗଛ ଲଗାଇବା ସହ ନର୍ସରି ଖୋଲି ଲୋକମାନଙ୍କୁ ଗଛ ଦେଉଥିଲେ। ୩୮ ବର୍ଷ ପୂର୍ବେ ଗୋପୀନାଥ ଆରମ୍ଭ କରିଥିବା ନର୍ସରି ଏବେ ପ୍ରସିଦ୍ଧ ଡାଫୋଡିଲ ନର୍ସରି ଭାବେ ପରିଚିତ। ଗୋପୀନାଥଙ୍କ ପୁଅ ଧ୍ରୁବଜ୍ୟୋତି ଗୁଆହାଟୀ ଡିମୋରିଆ କଲେଜରେ ଜୀବ ବିଜ୍ଞାନ ବିଭାଗର ମୁଖ୍ୟ ରହି ଉକ୍ତ ନର୍ସରିର ଦାୟିତ୍ୱ ମଧ୍ୟ ବୁଝୁଛନ୍ତି। ଏଥିରେ ତାଙ୍କ ସ୍ତ୍ରୀ ରେଖା ସହଯୋଗ କରୁଛନ୍ତି। ଏହି ନର୍ସରି ଉତ୍ତରପୂର୍ବାଞ୍ଚଳରେ ସବୁଠୁ ବଡ଼। ଏଥିରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଗଛ ରହିଛି। କେବଳ ଏତିକି ନୁହେଁ ଧ୍ରୁବଜ୍ୟୋତି ମଧ୍ୟ ଡାଫୋଡିଲ କଲେଜ ଅଫ୍ ନର୍ସରି ଖୋଲିଛନ୍ତି। ଏହା ସହ ଭାରତ ସରକାରଙ୍କ କିଛି ପ୍ରୋଜେକ୍ଟ ଯୋଡ଼ି ହୋଇଛି। ଉକ୍ତ ନର୍ସରିରେ ୭୦୦ରୁ ଅଧିକ ମଦର ପ୍ଲାଣ୍ଟ ରହିଛି। ଏହା ବ୍ୟତୀତ ୪୦୦୦ରୁ ଊର୍ଦ୍ଧ୍ୱ କିସମର ଫୁଲ, ଫଳ, ଔଷଧୀୟ ଏବଂ ଶୋଭାବର୍ଦ୍ଧକ ଗଛ ଶୋଭା ପାଉଛି। ନର୍ସରିରେ ୩୦୦ ଲୋକଙ୍କୁ ନିଯୁକ୍ତ କରାଯାଇଛି। ଧ୍ରୁବଜ୍ୟୋତି ତାଙ୍କ ଘରେ ହର୍ଟିକଲ୍‌ଚର ସମ୍ପର୍କିତ ୫ରୁ ୭ ହଜାର ବହି ରଖିଛନ୍ତି। ଏହି ନର୍ସରି ଏବେ ପର୍ଯ୍ୟଟକଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରତିଦିନ ଏଠାକୁ ୨୦୦ରୁ ୩୦୦ ଲୋକ ବୁଲିବାକୁ ଆସୁଛନ୍ତି। ଧ୍ରୁବଜ୍ୟୋତି ୬୦୦ ଲୋକଙ୍କୁ ନର୍ସରି ଖୋଲିବା ଲାଗି ସାହାଯ୍ୟ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧ ସେପ୍ଟେମ୍ବର ୧୯୯୭**

- ମର୍ମନ୍ତୁଦ କାର ଦୁର୍ଘଟଣାରେ ବ୍ରିଟେନର ଯୁବରାଣୀ ଡାଏନାଙ୍କ ପରଲୋକ।
- ଉନ୍ନତ ଏଚ୍‌ଆଇଭି ଚିହ୍ନଟ ସଂକ୍ରାନ୍ତୀୟ ବିଦ୍ୟାର ଆଦାନ ପ୍ରଦାନ ଲାଗି ଭାରତ ଓ ନାଇଜେରିଆ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- କର୍ନାଟକର ଆଲ୍ଲାପ୍ପାନାଗୁଡ଼ାଠାରେ ଏକ ପର୍ଯ୍ୟଟକ ବସ୍ ଓ ଗୋଟିଏ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ ପର୍ଯ୍ୟଟକଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 6 | | | | 2 | |
| | 9 | 1 | | | | 7 | | |
| 8 | | | 1 | | | | | |
| 7 | 8 | | 4 | | 1 | | | |
| 4 | | | 3 | 8 | | 1 | | 2 |
| | 3 | | | 9 | | | | 7 |
| 6 | | | | | | | | |
| | | 7 | 8 | | | 4 | | |
| | | | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 2 | 5 | 7 | 9 | 1 | 4 | 3 |
| 1 | 7 | 5 | 3 | 4 | 8 | 9 | 6 | 2 |
| 9 | 4 | 3 | 6 | 2 | 1 | 5 | 8 | 7 |
| 7 | 3 | 4 | 8 | 5 | 2 | 6 | 1 | 9 |
| 5 | 1 | 9 | 4 | 6 | 7 | 2 | 3 | 8 |
| 2 | 8 | 6 | 1 | 9 | 3 | 4 | 7 | 5 |
| 4 | 2 | 8 | 7 | 1 | 5 | 3 | 9 | 6 |
| 3 | 9 | 1 | 2 | 8 | 6 | 7 | 5 | 4 |
| 6 | 5 | 7 | 9 | 3 | 4 | 8 | 2 | 1 |

ଗତକାଲିର ଉତ୍ତର

# ନୂଆଁଖାଇର ନିଆରା ଧାରା



ଅଲେଖ ଚନ୍ଦ୍ର ସାମଲ

ଅନ୍ନର ଅନ୍ୟ ନାମ ବ୍ରହ୍ମ, ଈଶ୍ୱର। ପ୍ରତ୍ୟେକ ଏଇ ଅନ୍ନରୁ ଜାତ । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଅନ୍ନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଜୀବନ ଧାରଣର ମାଧ୍ୟମ, ଆନନ୍ଦର ଉତ୍ସ ଏବଂ ଆତ୍ମାର ଅଙ୍ଗ । ତେଣୁ ଜୀବନ ଧାରଣ ପାଇଁ ଯିଏ ଅସରନ୍ତି ଭାବେ ଖାଦ୍ୟ ସମ୍ଭାରର ସନ୍ଧାନ ଦିଅନ୍ତି, ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଉଦ୍ଦେଶ୍ୟରେ ନବାନ୍ନ ପର୍ବର ସୃଷ୍ଟି। ଭାରତରେ ଆବହମାନ କାଳରୁ ପ୍ରଚଳିତ ବହୁ ପର୍ବପର୍ବାଣି ମଧ୍ୟରୁ ଶସ୍ୟ ପୂଜା ବା ନବାନ୍ନ ଏକ ପ୍ରାଚୀନ ପର୍ବ। ଭାରତର ବିଭିନ୍ନ ସ୍ଥାନରେ, ବିଭିନ୍ନ ସମାଜରେ, ବିଭିନ୍ନ ଧର୍ମରେ ଏହି ପର୍ବ ପାଳନ କରାଯାଏ, ମାତ୍ର ପଶ୍ଚିମ ଓଡ଼ିଶା ଭଳି ଏତେ ସାମୂହିକ ଭାବରେ ନୁହେଁ ।

ନୂଆଁଖାଇ ପର୍ବ ଅବସରରେ ସାଧାରଣତଃ ଲୋକମାନେ ୯ଟି ମୁଖ୍ୟବିଧି ପାଳନ କରିଥାନ୍ତି। ୧. ବେହରଣ - ନୂଆଁଖାଇ ପାଳନର ତିଥି ନିର୍ଣ୍ଣୟ ପାଇଁ ବୈଠକ। ୨. ଲଗ୍ନ ଦେଖା - ଶସ୍ୟ ଅମଳ କରିବାର ପ୍ରଥମ ଦିନ ଧାର୍ଯ୍ୟ। ୩. ଡକାହକା - ନିଜ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିବା। ୪. ସଫାସୁତରା - ଘର ଦୁଆରକୁ ଲିପାପୋଛା କରି ନୂଆ କରି ସଜାଇବା। ୫. ଘିନା ବିକା - ଏହି ଦିନ ନୂତନ ଦ୍ରବ୍ୟ ଓ ପୋଷାକପତ୍ର କିଣାବିକା କରିବା। ୬. ନୂଆଁଧାନ ଖୋଜା - ଏହି ଦିନ ଘରକୁ ନୂଆଧାନ ଆଣିବା। ୭. ବାଲିପକା - ଦେବୀଙ୍କ ନିକଟରେ ନୂଆ ଧାନକୁ ଭୋଗଲାଗି କରିବା। ୮. ନୂଆଁଖାଇ - ସମସ୍ତ ପରିବାରବର୍ଗ ଭୋଗଲାଗି ହୋଇଥିବା ପ୍ରସାଦ ଖାଇବାର ବିଧି। ୯. ଜୁହାର ଭେଟ - ଏହି ଦିନ ଘରେ ଓ ଗାଁରେ ଗୁରୁଜନମାନଙ୍କୁ କନିଷ୍ଠମାନେ ଭକ୍ତି ପ୍ରଦର୍ଶନ କରିବାର ବିଧି।

ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାବ୍ଦୀରେ ଚୌହାନ ବଂଶର ରମାଇ ଦେଓ ନାମରେ ଜଣେ ରାଜା ଥିଲେ। ସେ ପାଟନାର ରାଜା। ପଶ୍ଚିମ ଓଡ଼ିଶାର କେତେକାଂଶ ବିଶେଷତଃ ବଲାଙ୍ଗୀର ଜିଲା ପାଟନା ରାଜାଙ୍କ ଅଧୀନରେ ଥିଲା। ଅର୍ଥନୈତିକ ଅଭିବୃଦ୍ଧି ତଥା ଜୀବିକା ନିର୍ବାହ କରିବା ପାଇଁ ରାଜା ରମାଇ ଦେଓ କୃଷିକାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଉତ୍ସାହ ପ୍ରଦାନ କଲେ ଏବଂ ସମ୍ବଲପୁରକୁ ରାଜ୍ୟ ଭାବେ ଘୋଷଣା କଲେ। ଫଳରେ ଏଠାରେ କୃଷିଭିତ୍ତିକ ପରମ୍ପରା ଗଢ଼ିଉଠିଲା। ଏହି କୃଷିଭିତ୍ତିକ ପରମ୍ପରା ଅନୁଯାୟୀ ସେବେଠାରୁ ଏହି ନୂଆଁଖାଇ ପର୍ବ ପାଳନ ହୋଇଆସୁଛି ବୋଲି ବିଶ୍ୱାସ କରାଯାଏ।

ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା ଆଦିମ ଅଧିବାସୀମାନଙ୍କର ନୂଆଁଖାଇ ମୂଳ ପର୍ବ। ଜଙ୍ଗଲକୁ ପ୍ରାଣଠାରୁ ଅଧିକ ଭଲ ପାଉଥିବା ଆଦିବାସୀମାନେ ସଭ୍ୟତା ଉନ୍ମେଷର ବହୁ ବର୍ଷ ପୂର୍ବରୁ ଖାଦ୍ୟ ଅନ୍ୱେଷଣ କରୁଥିଲେ ଏବଂ ପ୍ରତିଟି ଖାଦ୍ୟକୁ ନିଜ ପାଟିକୁ ନେବା ପୂର୍ବରୁ ତାଙ୍କର ପ୍ରିୟ 'ଜୀ' ବା ଡୁମା (ପିତୃ-ପୁରୁଷଙ୍କ) ଉଦ୍ଦେଶ୍ୟରେ ଭୋଗ ଲଗାଉଥିଲେ। ସେମାନଙ୍କର ବିଶ୍ୱାସ ଯେ ଯେତିକି ଶସ୍ୟ ବା ଫଳକୁ ଖାଦ୍ୟ ଉପଯୋଗୀ ବୋଲି ଭାବି ଖାଉଛନ୍ତି ତାହା ତାଙ୍କର ପିତୃ ପୁରୁଷମାନେ ତାଙ୍କ ପାଇଁ ଛାଡ଼ି ଯାଇଛନ୍ତି। ସେମାନେ ବି ସେମାନଙ୍କର ପରପିଢ଼ି ପାଇଁ କିଛି ନୂଆ ଖାଦ୍ୟ ଅନୁସନ୍ଧାନ ଓ ଆବିଷ୍କାର କରି ଛାଡ଼ିଯାଆନ୍ତି। ଏହି ପ୍ରକ୍ରିୟାରେ ଅନେକ ନୂଆଖାଦ୍ୟ ଯଥା ଟୋଲ, ଚର, ମହୁଲ, କେନ୍ଦୁ, କୋଦୁଅ ମାଖନ୍ ଏବଂ ଧାନ ଆଦି ଖାଇବା ଯୋଗ୍ୟ ପଦାର୍ଥ ସେମାନେ ତାଙ୍କର ପରପିଢ଼ି ପାଇଁ ଜଣାଇ ଦେଇଯାଇଥିଲେ। ଏହିସବୁ ନୂଆ ଫଳକୁ ଖାଇବା ଓ ଚାଖିବାର ପ୍ରକ୍ରିୟାକୁ ନୂଆଁଖାଇ କୁହାଯାଏ। ଯାହାକି ଆଦିବାସୀ ପରମ୍ପରା ଓ ସଂସ୍କୃତି ସହ କାହିଁ କେଉଁ କାଳରୁ ଜଡ଼ିତ। ତେଣୁ ଯେତେବେଳେ ଆଦିବାସୀମାନେ କୌଣସି ଫଳ ବା ଶସ୍ୟକୁ ଖାଇବା ପାଇଁ ଯାଆନ୍ତି ତା' ପୂର୍ବରୁ ସେ ତାଙ୍କର ପ୍ରିୟ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି।



ବହୁ ପ୍ରାଚୀନ କାଳରୁ ଅନ୍ନକୁ ଭଗବାନଙ୍କ ଅନ୍ୟରୂପ ଏବଂ ତାଙ୍କ ଦାନର ସ୍ୱରୂପ ରୂପରେ କଳ୍ପନା କରାଯାଇଛି। ସଂସାର ଜଞ୍ଜାଳ ମଧ୍ୟରେ ମଣିଷ ନିଜକୁ ଖୁବ୍ ଛୋଟ ମନେକରେ, ମାତ୍ର ଏପରି ଏକ ସୁଯୋଗ ଖୋଜେ ଯାହା ମାଧ୍ୟମରେ କି ସେଇ ପୃଥିବୀର ସଂକୀର୍ଣ୍ଣ ପରିସର ଊର୍ଦ୍ଧ୍ୱରେ ରହି ଏକ ସ୍ଥିର ଚିନ୍ତନରେ ରହି ସେଇ ଭଗବତ୍ ଶକ୍ତି ସହ ସମ୍ମିଳିତ ହୋଇପାରିବ। ଏଇ ଚିନ୍ତନ ହିଁ ରୂପରେଖ ନେଇଛି ନାନା ପର୍ବ ଓ ପର୍ବାଣି, ପୂଜା ଓ ପାଠ ମାଧ୍ୟମରେ। ଆଉ ଏହିପରି ଅନେକ ପର୍ବ ମଧ୍ୟରେ ନବାନ୍ନ ପର୍ବ ଅନ୍ୟତମ। ଏହା ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ନାମରେ ଜଣାଯାଏ। ଭାରତର ଅନ୍ୟାନ୍ୟ ପ୍ରଦେଶରେ ତଥା ଓଡ଼ିଶାର ଅନ୍ୟାନ୍ୟ ଜିଲାରେ ନୂତନ ଅନ୍ନକୁ ଭଗବାନଙ୍କ ପାଖରେ ଦେଇ ତାହା ପରେ ତାକୁ ନିଜେ ଗ୍ରହଣ କରିବା ବିଧି ପ୍ରଚଳିତ ଥିଲେ ମଧ୍ୟ 'ନୂଆଁଖାଇ' ପର୍ବ ତା'ଠାରୁ ବହୁତ ଅଲଗା । କେତେକ ସ୍ଥାନରେ ବିଜୟାଦଶମୀ ଏବଂ ଅନ୍ୟ କେତେକ ସ୍ଥାନରେ ଦୀପାବଳି ଓ ଅନ୍ୟ ଭଲ ଦିନ ଦେଖି ନବାନ୍ନ ଭକ୍ଷଣ କରାଯାଇଥାଏ । ଅର୍ଥାତ୍ ନୂଆଁଖାଇ ପାଳନ କରାଯାଇଥାଏ । ଏହି ମାସରେ ପ୍ରଥମ ଧାନ କଟା ଯାଇ ନ ଥାଏ । କେବଳ ଧାନ ଫଳ ଧରିବା ଆରମ୍ଭ କରିଥାଏ। ଏହି ଦିବସରେ ପୂର୍ବ ଦିନରୁ ନୂତନ ଧାନ ସଂଗ୍ରହ କରାଯାଏ । ଦିବସର ପାହାନ୍ତିଆରୁ ଘରର ବୋହୂମାନେ ସ୍ନାନାଦି ସାରି ସମଗ୍ର ଅଞ୍ଚଳଟିକୁ ପରିଷ୍କାର କରି ରଖନ୍ତି । ଏହି ଦିନ ପ୍ରତ୍ୟେକ ଘରେ ପିଠାପଣା, ଖିରି ତଥା ଅନ୍ୟ ପୂଜା ସାମଗ୍ରୀ ତିଆରି ହୁଏ । ପ୍ରଥମେ ତାହା ଇଷ୍ଟଦେବ ବା ମହାଲକ୍ଷ୍ମୀଙ୍କ ଆଗରେ ପୂଜା କରାଯାଇଥାଏ। ପୂଜା ପରେ ଘରର ସଭିଏଁ ଏକତ୍ର ବସି ଏହି ପ୍ରସାଦ ସେବନ କରନ୍ତି। ପ୍ରସାଦ ସେବନ ପରେ ଘରେ ଇଷ୍ଟଦେବଙ୍କ ଦର୍ଶନ କରାଯାଏ ଏବଂ ତା' ପରେ ସାନମାନେ ବଡ଼ମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି। କେବଳ ଯେ ପାରିବାରିକ କ୍ଷେତ୍ରରେ ଏହା ସୌହାର୍ଦ୍ଦ୍ୟର ସଂହତି ସ୍ଥାପନ କରେ ତାହା ନୁହେଁ, ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ଉପାଦେୟତା ରହିଛି । ନବାନ୍ନ ଦିନ ନୂଆ ଅନ୍ନ ଭକ୍ଷଣ ପରେ ବଡ଼ମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଏହାର ଅନ୍ୟ ଏକ ମୁଖ୍ୟ ଅଙ୍ଗ । ନୂଆଁଖାଇ ଜୁହାର ବର୍ତ୍ତମାନ ଏହି ଦିବସର ସାମାଜିକ ପରମ୍ପରା । ନବାନ୍ନ ଭକ୍ଷଣ ପରେ ଦେବଦର୍ଶନ ଆରମ୍ଭ ହୋଇଥାଏ । ଏହି ଦିବସରେ ହସଖୁସିରେ ଲୋକେ ପରସ୍ପରକୁ ଜୁହାର କରି 'ଜିଇଁ ଜାଗିଥିଲେ ବରଷେ' ବୋଲି କହିଥାନ୍ତି । ଅର୍ଥାତ୍ ଭଗବାନଙ୍କ ଦୟାରୁ ଜୀବନରେ ଥିଲେ ପୁଣି ଏପରି ଏକ ମଧୁମୟ ଉତ୍ସବ ପାଳନ କରିବାର ସୁଯୋଗକୁ ଅତି ଆଗ୍ରହଭରା ପ୍ରାଣରେ ଅପେକ୍ଷା କରିବାର ଆଶାପୋଷଣ କରାଯାଏ । ଏଥିସହ ଆଗାମୀ ବର୍ଷ ପୁଣି ନୂତନ ଫସଲ ଉପୁଜାଇ ଏଇ ଉତ୍ସବର ପାଳନ ପାଇଁ ଚାଷୀ ସଂକଳ୍ପ ନେଇଥାଏ । ତେଣୁ ଏହାକୁ ସଂକଳ୍ପ ଦିବସ ମଧ୍ୟ କୁହାଯାଏ । ନବାନ୍ନ ପର୍ବ କେବଳ ପଶ୍ଚିମ ଓଡ଼ିଶାରେ ପାଳନ ହୁଏ ନାହିଁ ବସ୍ତର, ଛତିଶଗଡ଼, ସାରଙ୍ଗଗଡ଼, ବୈସେନା, ସରାଇପାଲି, ଫୁଲଝର ଓ ରାୟଗଡ଼ ପ୍ରଭୃତି ଅଞ୍ଚଳରେ ଓଡ଼ିଆ ଲୋକଙ୍କ ମଧ୍ୟରେ ମହାସମାରୋହରେ ପାଳନ କରାଯାଏ।

**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ଧନୁପାଲି, ସମ୍ବଲପୁର, ମୋ- ୯୪୩୭୨୫୬୧୨୩**

## ପାଠକ ଶ୍ରେଷ୍ଠ ବିଚାରକ

### ପୂଜ୍ୟପୂଜାଙ୍କୁ ଅସମ୍ମାନ

ମହାଶୟ,

ମହାପୁରୁଷମାନଙ୍କ ବଳିଦାନର ଫଳ ସ୍ୱରୂପ ଆଜି ଆମ୍ଭେମାନେ ସ୍ୱାଧୀନ ଭାରତର ନାଗରିକ ଦାବି କରୁଛେ । ସେମାନଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି । ସେମାନଙ୍କ ଜୟନ୍ତୀ ଦିବସ ବହୁ ଆଡ଼ମ୍ବରରେ ପାଳନ ପ୍ରହସନ ଭଳି ଲାଗୁଛି। ଆମେ ଉଚ୍ଚଶିକ୍ଷିତ ହୋଇ ଜନ୍ମଦାତା ଓ ଜନ୍ମଦାତ୍ରୀଙ୍କୁ ବୃଦ୍ଧାଶ୍ରମରେ ରଖିଲା ଭଳି ସରକାର ମଧ୍ୟ ମହାପୁରୁଷମାନଙ୍କ ବଳିଦାନ ଓ ତ୍ୟାଗକୁ ଭୁଲି ଆଜି ସେମାନଙ୍କୁ କାନ୍ଥ ବାଡ଼ରେ ଛାପି ବାହାବା ନେଉଛନ୍ତି। କିନ୍ତୁ ଏହା କେତେ ଅପରାଧ ତାହା ଜନସାଧାରଣ ବିଚାର କରିବେ। ଯେଉଁମାନଙ୍କ ବିଷୟରେ ଆଜୀବନ ଶିକ୍ଷା ପୁସ୍ତିକାର ଶିର ମଣ୍ଡନ କରିଚାଲିଛି ଓ ଯେଉଁମାନଙ୍କ ଆଦର୍ଶ, ତ୍ୟାଗ ଓ ବଳିଦାନରେ ଅନୁପ୍ରାଣିତ ହେବା ନିମନ୍ତେ ଶିକ୍ଷା ଦିଆଯାଉଛି ଆଜି ସେମାନଙ୍କୁ ସରକାରୀ କାନ୍ଥବାଡ଼ରେ ଚିତ୍ରିତ କରି 'ପୂଜ୍ୟପୂଜା'କୁ ଅସମ୍ମାନ କରିବାକୁ କେମିତି ସାହସ କଲେ ସରକାର ? ଯେଉଁମାନଙ୍କ ସ୍ଥାନ ଆମ୍ଭମାନଙ୍କ ମୁଣ୍ଡ ଉପରେ, ସେମାନଙ୍କୁ ଆଣି କାନ୍ଥବାଡ଼ରେ ଚିତ୍ରିତ କରାଯାଇଅଛି ; ତାହା କେଉଁ ଉଦ୍ଦେଶ୍ୟରେ ଓ କାହା ନିର୍ଦ୍ଦେଶରେ କହିପାରିବେ କି ? ଥରେ ଚିନ୍ତା କରିଛନ୍ତି କି ପଶୁଜନ୍ତୁ ଏବଂ ଅନ୍ଧାରି ମଦ୍ୟପ ମଣିଷଟି ସେହି ଜାଗାରେ ଏକ କଲେ କ'ଣ ହେବ ? ସେହି ବାଟ ଦେଇ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜନେତା ବଡ଼ ବଡ଼ ପ୍ରଶାସନିକ ଅଧିକାରୀମାନେ ଯାତାୟାତ କଲେ ମଧ୍ୟ ଏ ବିଷୟରେ ପ୍ରତିବାଦ କରୁନାହାନ୍ତି। ଯଥାଶୀଘ୍ର ସରକାର ଉପଯୁକ୍ତ ସ୍ଥାନରେ ରଖି ପୂଜ୍ୟପୂଜାଙ୍କୁ ସମ୍ମାନ ଦେବା ନିମନ୍ତେ ଅନୁରୋଧ।

**-ସମରେନ୍ଦ୍ର ମହାପାତ୍ର, ସୋଗଲ, ବାଲିକୁଦା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବୁଲିଗଲି କାହିଁ ବଣ-ପାହାଡ଼ର ରାଇଜେ
ମନେ ପଡ଼େ କେତେ ଆଉ କେତେ ମନେ ନାହିଁ ଯେ !
ଜୟପୁର ମାଳ ପାହାଡ଼ ପାଚେରି
ରହିଥିଲା ମୋର ଚଉପାଶେ ବେଢ଼ି
ଦେଖି ସେ ବିରାଟ ରୂପ ଉଠିଥିଲି ଗାଇ ଯେ
ବୁଲିଗଲି କେଉଁ ବଣ ପାହାଡ଼ର ରାଇଜେ।

-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭାଜପାମୁକ୍ତ ଭାରତ ପାଇଁ ଆହ୍ୱାନ



ପାଟନାରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ।

**ପାଟନା,୩୧।୮**

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ବୁଧବାର ପାଟନାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହୋଇ ଭାଜପାମୁକ୍ତ ଭାରତ ଗଠନ ଲାଗି ଆହ୍ୱାନ ଦେଇଛନ୍ତି। ଉଭୟ କଂଗ୍ରେସ ଓ ଭାଜପା ଦେଶର ବିକାଶ କରିବାରେ ବିଫଳ ହୋଇଛନ୍ତି। ତେଣୁ ଉଭୟ ଦଳକୁ କ୍ଷମତାଠାରୁ ଦୂରେଇ ରଖିବାକୁ ହେଲେ ଜାତୀୟ ସ୍ତରରେ ସମସ୍ତ ଅଣଭାଜପା ଏବଂ ଅଣକଂଗ୍ରେସ ଦଳଙ୍କୁ ଏକାଠି କରିବା ଲାଗି କେସିଆର୍ କହିଛନ୍ତି। ମଞ୍ଚରେ ଆର୍‌ଜେଡି ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏହି ଅବସରରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ନୀତୀଶ ଜୋର୍‌ଦାର ବର୍ଷିଛନ୍ତି। ରାଜ୍ୟଗୁଡ଼ିକର ଆବଶ୍ୟକତା ପ୍ରତି କେନ୍ଦ୍ର ସରକାର ସମ୍ବେଦନହୀନ ହୋଇପଡ଼ିଥିବାବେଳେ ଅତ୍ୟଧିକ ପ୍ରଚାର ପ୍ରସାରରେ ମାତିଥିବା ନୀତୀଶ କହିଛନ୍ତି। ଦକ୍ଷିଣ ଭାରତରେ ଭାଜପା ନିଜର ସ୍ଥିତି ମଜଭୂତ କରିବା ଲାଗି ଆକ୍ରମଣାତ୍ମକ ପ୍ରଚାରରେ ଲିପ୍ତ ଥିବା ସେ ଅଭିଯୋଗ କରିଛନ୍ତି। କେସିଆର୍‌ଙ୍କ ଉଦ୍ଦେଶ୍ୟରେ ନୀତୀଶ କହିଥିଲେ, ଜଣେ ମାତ୍ର ନେତା ନିଜର ସଂଗ୍ରାମ ବଳରେ ତେଲଙ୍ଗାନା ସୃଷ୍ଟି କରିଛନ୍ତି। ଲୋକେ କେବେହେଲେ ତାଙ୍କଠାରୁ ଦୂରେଇ ଯିବେନି। ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଦିଗରେ କେସିଆର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ବିହାର ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଛନ୍ତି।

୨୦୨୦ରେ ଲଦାଖର ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ସହ ମୁହାଁମୁହିଁ ବେଳେ ଶହୀଦ ହୋଇଥିବା ୫ ଜଣ ଯବାନଙ୍କ ପରିବାରକୁ କେସିଆର୍ ଏହି ଅବସରରେ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତାର ଚେକ୍ ପ୍ରଦାନ କରିଥିଲେ। ଏଥିସହିତ ଗତ ମାର୍ଚ୍ଚରେ ହାଇଦ୍ରାବାଦ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ବିହାରର ୧୨ ଜଣ ପ୍ରବାସୀ ଶ୍ରମିକଙ୍କ ପରିବାରକୁ କେସିଆର୍ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ତେଲଙ୍ଗାନା ରାଷ୍ଟ୍ର ସମିତି ଅଧ୍ୟକ୍ଷ କେସିଆର୍‌ଙ୍କ ଏଭଳି କାର୍ଯ୍ୟକୁ ନୀତୀଶ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟପକ୍ଷରେ କେସିଆର୍ ତାଙ୍କ ଉଦ୍‌ବୋଧନରେ ବିହାରକୁ ବିପ୍ଳବର ଭୂମି କହିବା ସହ ତାଙ୍କ ନିଜ ରାଜ୍ୟକୁ ଗୋଦାବରୀ ନଦୀର ରାଜ୍ୟ ଏବଂ ଏହା ଦକ୍ଷିଣ ଭାରତର ଗଙ୍ଗା ବୋଲି କହିଥିଲେ।

### ଗୋଟିଏ ମଞ୍ଚରେ ନୀତୀଶ, କେସିଆର୍

ବିହାରକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ଦିଆଯାଉ ନ ଥିବାରୁ ନୀତୀଶ କେନ୍ଦ୍ର ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ମିଳିଲେ, ଏହାର ବିକାଶ ତ୍ୱରାନ୍ୱିତ ହୋଇପାରନ୍ତା। ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ଅନ୍ୟମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଉଥିଲା। ଏବେ ମୋଦି ସରକାର କିଛି କାମ ନ କରି କେବଳ ପ୍ରଚାର ପ୍ରସାର ଚଳାଇଛନ୍ତି। ବିହାର ମେଣ୍ଟ ସରକାରରେ ଥାଇ ଭାଜପା ତାଙ୍କ ଦଳକୁ ବିଭାଜନ କରିବାକୁ ଉଦ୍ୟମ ଚଳାଇଥିଲା ବୋଲି ନୀତୀଶ ଅଭିଯୋଗ କରିଥିଲେ।

## ସେପ୍ଟେମ୍ବର ଶେଷ ସପ୍ତାହରେ ଓଡ଼ିଶା ଆସିବେ ଜେ.ପି. ନଡ୍ଡା

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**



ଭାଜପା ରାଷ୍ଟ୍ରୀୟ ସଭାପତି ଜଗତ ପ୍ରକାଶ (ଜେପି) ନଡ୍ଡା ସେପ୍ଟେମ୍ବର ଶେଷ ସପ୍ତାହରେ ଓଡ଼ିଶା ଗସ୍ତରେ ଆସିବେ । ୨୦୨୪ ନିର୍ବାଚନ ପାଇଁ ଭାଜପା ଓଡ଼ିଶା ଉପରେ ମଧ୍ୟ ଫୋକସ କରୁଥିବାରୁ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଭାଜପା କର୍ମୀଙ୍କ ପାଇଁ ଆୟୋଜିତ ହେବାକୁ ଥିବା ଏକ କର୍ମଶାଳାରେ ନଡ୍ଡା ଯୋଗ ଦେବେ । ତାଙ୍କ ସହିତ ଭାଜପା ରାଷ୍ଟ୍ରୀୟ ମହାସଚିବ ବି.ଏଲ୍. ସନ୍ତୋଷ ଏବଂ ଓଡ଼ିଶା ପ୍ରଭାରି ସୁନୀଲ ବଂଶଲ ମଧ୍ୟ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି ବୋଲି ଭାଜପା ରାଜ୍ୟ ମହାସଚିବ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ପୂର୍ବରୁ ଏହି କର୍ମଶାଳା ଜୁଲାଇ ମାସରେ ହେବାକୁ ଥିବାବେଳେ ତାହାକୁ ସେପ୍ଟେମ୍ବର ଶେଷ ସପ୍ତାହକୁ ଘୁଞ୍ଚାଇ ଦିଆଯାଇଛି ବୋଲି ହରିଚନ୍ଦନ କହିଛନ୍ତି । ତେବେ ନଡ୍ଡାଙ୍କ ଗସ୍ତ ନେଇ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇନାହିଁ। ସୂଚନାଯୋଗ୍ୟ ଯେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଅଗଷ୍ଟ ୮ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିଲେ । ରାଜ୍ୟରେ ଦଳର ଦୁର୍ବଳ ସଂଗଠନକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ । ୨୦୧୭ ପଞ୍ଚାୟତ ନିର୍ବାଚନ ତୁଳନାରେ ୨୦୨୨ରେ ଦଳକୁ କମ୍ ଆସନ ମିଳିଥିଲା। ଏ ନେଇ ଶାହା ଅସନ୍ତୋଷ ବ୍ୟକ୍ତ କରିଥିଲେ । ଆସନ୍ତା ନିର୍ବାଚନରେ ଭଲ କରିବାକୁ ହେଲେ ଦଳକୁ ଗାଁ, ୱାର୍ଡ ଓ ବୁଥ୍ ସ୍ତରରେ ମଜଭୁତ କରିବାକୁ ହେବ ବୋଲି ସେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

## ବିଜୁ ମହିଳା ଜନତା ଦଳର ପୁନର୍ଗଠନ

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

### ୨୩ ଜଣ ଉପଦେଷ୍ଟା, ୩ କାର୍ଯ୍ୟକାରୀ ସଭାନେତ୍ରୀ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବିଜୁ ମହିଳା ଜନତାଦଳର ପୁନର୍ଗଠନ କରିଛନ୍ତି। ୨୩ ଜଣଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବା ବେଳେ ୩ଜଣଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଛି। ସୁବାସିନୀ ଜେନାଙ୍କୁ ବାଲେଶ୍ୱର, ଯାଜପୁର ସୁଲତା ଦେଓ ଓ ନବରଙ୍ଗପୁର ପାଇଁ ନିବେଦିତା ମହାନ୍ତିଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ଭୁବନେଶ୍ୱର, କଟକ, ବାଲେଶ୍ୱର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ ଓ କୋରାପୁଟ ଜୋନ ପାଇଁ କର୍ମକର୍ତ୍ତା ଘୋଷଣା ହୋଇଛି । ଭୁବନେଶ୍ୱର ଜୋନ ପାଇଁ ସଂଯୁକ୍ତା ମହଲ ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ ପୁଷ୍ପାଞ୍ଜଳି ରଣା, କଟକ ଜୋନ ପାଇଁ ସଭାନେତ୍ରୀ ସୁଭଦ୍ରା ଦାସ ଓ କାର୍ଯ୍ୟକାରୀ ସଭାପତି ପ୍ରଭାସିନୀ ଷଡଙ୍ଗୀଙ୍କ ନାଁ ଘୋଷଣା କରାଯାଇଛି। ବୀଣାପାଣି ସାହୁଙ୍କୁ ବାଲେଶ୍ୱର ଜୋନର ସଭାନେତ୍ରୀ ଓ ମୀନା ମାଝୀଙ୍କୁ କାର୍ଯ୍ୟକାରୀ ସଭାନେତ୍ରୀ ନିଯୁକ୍ତ କରାଯାଇଛି। ସେହିପରି ସମ୍ବଲପୁର ଜୋନର ସଭାନେତ୍ରୀ ସିପ୍ରା ମହାନ୍ତି ଓ କାର୍ଯ୍ୟକାରୀ ସଭାନେତ୍ରୀ ସନ୍ଧ୍ୟାରାଣୀ ଲାକ୍ରା, ବଲାଙ୍ଗୀର ଜୋନର ସଭାନେତ୍ରୀ କଲ୍ୟାଣୀ ନାୟକ ଓ କାର୍ଯ୍ୟକାରୀ ସଭାନେତ୍ରୀ ପୁଷ୍ପାଞ୍ଜଳି ପାଣ୍ଡେ, ଗଞ୍ଜାମ ଜୋନର ସଭାନେତ୍ରୀ ମମତା ବିଶୋୟୀ ଏବଂ କୋରାପୁଟ ଜୋନର ସଭାନେତ୍ରୀ ଲତା ରାୟ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ସୁକାନ୍ତି ବୁରୁଦାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ୪୫ଜଣ ବରିଷ୍ଠ ଉପସଭାନେତ୍ରୀ, ୭୧ଜଣଙ୍କୁ ସାଧାରଣ ସମ୍ପାଦିକା, ୩୩ଜଣ ସହ ସମ୍ପାଦିକା, ୩୪ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାନେତ୍ରୀ ଓ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଭାବେ ୬୮ଜଣଙ୍କୁ ମୁଖ୍ୟମନ୍ତ୍ରୀ ମନୋନୀତ କରିଛନ୍ତି ।

## ଛତିଶଗଡ଼ରେ ଲଙ୍କା, ଲେମ୍ବୁ ରାଜନୀତି

**ରାଞ୍ଚି, ୩୧।୮ :**

ଲେମ୍ବୁ ଏବଂ ଲଙ୍କା ଏବେ ଛତିଶଗଡ ରାଜନୀତିରେ ପ୍ରବେଶ କରିଛି। ରାଜ୍ୟରେ ବଢୁଥିବା ଅପରାଧ ସମ୍ପର୍କରେ ଭାଜପା ନେତା କହିଛନ୍ତି, ପ୍ରତ୍ୟେକ ଥାନାରେ ଲେମ୍ବୁ ଏବଂ ଲଙ୍କା ଟାଙ୍ଗିବା ଜରୁରୀ। ପୋଲିସ ଅପରାଧ ନିୟନ୍ତ୍ରଣ କରିବାରେ ସକ୍ଷମ ହେଉ ନ ଥିବାରୁ ଅନ୍ତତଃ ପକ୍ଷେ ଏଭଳି କୌଶଳ ଅବଲମ୍ବନ କଲେ ଅପରାଧ କିଛି ପରିମାଣରେ ହ୍ରାସ ହୋଇପାରେ। ଭାଜପା ନେତାଙ୍କ ଏହି ବିବୃତ୍ତି ଏଭଳି ସମୟରେ ଆସିଛି ଯେତେବେଳେ ରାଜ୍ୟ ଗୃହମନ୍ତ୍ରୀ ତାମ୍ରଧ୍ୱଜ ସାହୁ ବିଭାଗର ସମୀକ୍ଷା ବୈଠକରେ ଜୁଆ, ବେଆଇନ କାର୍ଯ୍ୟ ସହିତ ଜଡ଼ିତ ବ୍ୟକ୍ତିଙ୍କ ତାଲିକା ପ୍ରକାଶ କରିଥିଲେ। ଦୁର୍ବଳ ବ୍ୟବସ୍ଥା ପାଇଁ ମନ୍ତ୍ରୀ ଥାନା ଅଧିକାରୀଙ୍କୁ ଭର୍ତ୍ସନା ମଧ୍ୟ କରିଛନ୍ତି। ତେବେ ଭାଜପାକୁ ଟାର୍ଗେଟ କରି କଂଗ୍ରେସ ମଧ୍ୟ ଏହାର ଜବାବ ଦେଇଛି। କଂଗ୍ରେସ ପକ୍ଷରୁ କୁହାଯାଇଛି, ଭାଜପା ନେତା ଲେମ୍ବୁ ଓ ଲଙ୍କାକୁ ନିଜ ଘର ଆଗରେ ଟାଙ୍ଗି ଦିଅନ୍ତୁ, ଯାହା ଦ୍ୱାରା ସେମାନଙ୍କର ପଦ ସୁରକ୍ଷିତ ରହିପାରିବ। ଭାଜପା ନେତା ଧରମଲାଲ କୌଶିକ କହିଛନ୍ତି, ଅପରାଧ ନିୟନ୍ତ୍ରଣ ପାଇଁ ଥାନା ଆଗରେ ଲେମ୍ବୁ ଏବଂ ଲଙ୍କା ବାନ୍ଧିବା ଆବଶ୍ୟକ । ଆଉ ଏ ନେଇ ରାଜ୍ୟ ସରକାର ଏକ ଅଭିଯାନ ଚଳାଇବା ଜରୁରୀ ବୋଲି କହି ରାଜ୍ୟ ସରକାରଙ୍କୁ କଟାକ୍ଷ କରିଛନ୍ତି।

## ରାଜ୍ୟ

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବର୍ଷା ଗାଏବ, ଟାଇଁ ଟାଇଁ ଖରା

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

### ଆସନ୍ତା ୯, ୧୦ରେ ପ୍ରବଳ ବର୍ଷିବ

ଗତ କିଛି ଦିନ ହେବ ରାଜ୍ୟରେ ବର୍ଷା ଏକପ୍ରକାର ଉଭାନ ହୋଇଯାଇଛି। କାଁ ଭାଁ କେଉଁଠି ଅସରାଏ ଦି'ଅସରା ବର୍ଷା ହେଉଛି। ତେବେ ପରିବେଶ ଉତ୍ତପ୍ତ ରହିଛି। ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଉପରକୁ ଚାଲିଯାଉଛି। ଦିନରେ ତାତି ଏତେ ବଢ଼ିଯାଉଛି ଯେ ବାହାରେ ରହିବା କଷ୍ଟକର କହୋଇପଡୁଛି। ଆକାଶ ମେଘମୁକ୍ତ ଯୋଗୁ ସୂର୍ଯ୍ୟଙ୍କ କିରଣ ସିଧାସଳଖ ପୃଥିବୀ ପୃଷ୍ଠରେ ପଡୁଥିବାରୁ ତାପମାତ୍ରା ବଢ଼ିଯାଉଛି ବୋଲି ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି। ଆସନ୍ତା ସପ୍ତାହେ ଯାଏ ଏଭଳି ପାଗ କରହିବ।

ଆସନ୍ତା ସେପ୍ଟେମ୍ବର ୭ କିମ୍ବା ୮ ତାରିଖରେ ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର କକସମ୍ଭାବନା ରହିଛି। ଏହା ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୯ ଓ ୧୦ ଦୁଇ ଦିନ ପ୍ରବଳ ବର୍ଷିବ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ ପହିଲାରୁ ଅଗଷ୍ଟ ୩୧ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ବର୍ଷା ରହିଛି। ୨୩ଟି ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୭ ଜିଲାରେ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

**ଆସିକା/ଭଞ୍ଜନଗର, ୩୧।୮ (ଡି.ଏନ୍.ଏ)**

ଗାଙ୍ଗପୁର ଥାନା ଅନ୍ତର୍ଗତ ମରେଇପାଟ ଗ୍ରାମ ସଂଲଗ୍ନ ଜଙ୍ଗଲରେ ଏକ ବରଗଛରୁ ବୁଧବାର ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି । ଉଭୟେ ବେକରେ ରଶି ବାନ୍ଧି ବରଗଛରେ ଝୁଲିପଡିଥିଲେ। ମୃତ ଯୁବକ ହେଲେ ଗାଙ୍ଗପୁର ଥାନା ମକରାପଲ୍ଲୀ ଗ୍ରାମର ଅମର ମଲିକ (୨୧) ଓ ଯୁବତୀ ଜଣକ ଗାଙ୍ଗପୁର ହରିଜନ ସାହିର ଅଗନ୍ତୀ ନାଇକ (୨୨) ବୋଲି ଚିହ୍ନଟ ହୋଇଛି । ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହକୁ ଭଞ୍ଜନଗର ସରକାରୀ ଡାକ୍ତରଖାନାକୁ ବ୍ୟବଚ୍ଛେଦ ଲାଗି ପଠାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି । ପ୍ରେମ ଜନିତ କାରଣରୁ ଏଭଳି ଘଟଣା ହୋଇଥିବା ପୋଲିସ ସନ୍ଦେହ କରୁଛି । ଗାଙ୍ଗପୁର ଥାନାରେ ୧୮, ୧୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ଗଛରେ ୨ ଝୁଲନ୍ତା ମୃତଦେହ ଠାବ

**ଆନନ୍ଦପୁର,୩୧।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ୫୩ ନଂ. ରାଜ୍ୟ ରାଜପଥର ଚାରିନାଳିଆଠାରେ ଗଛରେ ଝୁଲନ୍ତା ଅବସ୍ଥାରେ ୨ ମୃତଦେହ ସମ୍ପର୍କରେ ସୂଚନା ମିଳିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମୃତଦେହଦ୍ୱୟର ପରିଚୟ ମିଳିପାରି ନ ଥିବାବେଳେ ଗୁରୁବାର ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯିବାର ବ୍ୟବସ୍ଥା ହେବ ବୋଲି ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ପୁରୁଷ ଅଛନ୍ତି। ସେମାନଙ୍କୁ ଚିହ୍ନଟ ପ୍ରକ୍ରିୟା ବ୍ୟବସ୍ଥା ଗ୍ରହଣ କରାଯିବ। ପାରିପାର୍ଶ୍ୱିକ ସ୍ଥିତି ଅନୁଯାୟୀ କିଛିଦିନ ତଳର ଦୁଇ ମୃତଦେହ ହୋଇଥିବା ପୋଲିସ କହିଛି।

**ଚତୁର୍ଥ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା**



**ସାନଭି ପ୍ରିୟଦର୍ଶିନୀ (ପିହୁ)**
ଦେଓକୋରି (ବାଲିସାହି), ପଣ୍ଡୁଆ, ଜଗତ୍‌ସିଂହପୁର
ଆଜି ପବିତ୍ର ନୂଆଖାଇରେ ଚତୁର୍ଥ ବାର୍ଷିକ ଜନ୍ମଦିନ ଉପଲକ୍ଷେ ଜଗତର ନାଥ ଜଗନ୍ନାଥ ଓ ଜଗତ୍ ଜନନୀ ମାଆ ଶାରଳା ତୋ ଚଲାପଥ ଚିର କୁସୁମିତ କରନ୍ତୁ। ଏହି ଅବସରରେ ତୋର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ। ଶୁଭେଚ୍ଛା ସହ: ବଡ଼ମାମା, ବାବା, ମାମା, ସୌମ୍ୟାଦିଦି, ଗୁଡୁଭାଇ, ଜଗାମାମୁ, ସୁନୀତା ମାଇଁ, ଅମୁମାମୁ, ବସନ୍ତମାଆ, ମୀନା ମାଆ, ଶ୍ରୀମତୀମାଆ, ପ୍ରଫୁଲ୍ଲ ଜେଜେ, ଉଷାଦିଦି, ସୁମନ୍ତ ପିଉସା, ବିଜୁ ମାମୁ, ବିନୁମାମୁ, ବିନୁମାମୁ, ଗେଲ୍ଲୁଦିଦି, ତ୍ରିଶାଦିଦି ଲଭଲିଦିଦି, ଟକୁନିମାଉସୀ, ପ୍ରଶାନ୍ତମଉସା, ବନ୍ଧୁ ଓ ପରିବାରବର୍ଗ ।
ଧ-୧୩୯୨

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କାବେରୀ ନନ୍ଦ**
ଆବିର୍ଭାବ-୦୭।୦୫।୧୯୭୦
ତିରୋଧାନ- ୨୨।୦୮।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଚିର ସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: ଜୁଜୁ, ଝିଅ, ଜ୍ୱାଇଁ, ନାତି, ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୧୩୮୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶରତ କୁମାର ମହାନ୍ତି**
Retd. D.S.P.
ପଲଟନ ପଡ଼ିଆ, ଖୋରଧା
ଆବିର୍ଭାବ :୧୩.୦୩.୧୯୨୫
ତିରୋଧାନ :୦୧.୦୯.୨୦୨୧
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-: ଶୋକସନ୍ତପ୍ତ :-
ପୁତ୍ର-ବୋହୂ : ନରେଶ-କବିତା,
ଝିଅ-ଜ୍ୱାଇଁ : କଳ୍ପନା-ରାଜୀବ, କଲ୍ୟାଣୀ-ମିହିର,
ନାତି-ନାତୁଣୀ ବୋହୂ : ବଣ୍ଟି-ପ୍ରଜ୍ଞା, ମୁନା, ଚନ୍ଦନ-ବିଜୟଲକ୍ଷ୍ମୀ,
ନାତୁଣୀ-ନାତୁଣୀ ଜ୍ୱାଇଁ : ମାମା-ପାପୁଲ, ସୋନୁ, ଗୁଲ୍‌ଗୁଲି-ପ୍ରଣବ,
ଅଣନାତି : ଗୁଡ୍ଡୁଲ, ପ୍ରଣୟ ଓ ପରିବାରବର୍ଗ
ଧ-୧୩୯୧

**ଦ୍ୱିତୀୟ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସବିତା କୁମାରୀ ଦାଶ**
ପ୍ଲଟ୍ ନଂ.-୨୩୧୦, ସନ୍ତୋଷୀ ମାଆ ନଗର ଲେନ୍-୨, ମାଣ୍ଡିଆପଲ୍ଲୀ, JN ଗଞ୍ଜାମ
ଆବିର୍ଭାବ: ୦୧।୦୪।୧୯୬୧
ତିରୋଧାନ: ୨୩।୦୮।୨୦୨୦
ଆମେ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ ତାଙ୍କର ଚରଣ କମଳରେ ତମକୁ ଟିକିଏ ଜାଗା ଦିଅନ୍ତୁ । ତମେ ଯେଉଁଠାରେ ବି ଥାଅ, ଭଲରେ ଥାଅ । ତମ ଆତ୍ମାର ସଦ୍‌ଗତି ହେଉ
ତମର ଅଭାଗା ସ୍ୱାମୀ, ପୁତ୍ର, କନ୍ୟା, ଝିଅ, ଜ୍ୱାଇଁ, ଦିପୁ, ଦୀପା ଏବଂ ଆୟାପା, ପ୍ରିୟଜନମାନେ ।
ଧ-୧୩୯୪

## ଗଣେଶ ପୂଜାକୁ ନେଇ ଗୋଷ୍ଠୀ ସଂଘର୍ଷ

**ଅସ୍ତରଙ୍ଗ,୩୧।୮(ଡି.ଏନ୍.ଏ.)**

### ପୋଲିସ ଉପସ୍ଥିତିରେ ପୂଜା କାର୍ଯ୍ୟ ସମ୍ପନ୍ନ

ଦୀର୍ଘ ୨ ବର୍ଷ ପରେ ଚଳିତବର୍ଷ ଭକ୍ତଙ୍କ ସମାଗମରେ ଗଣେଶ ମହୋତ୍ସବ ପାଳନ ହେଉଥିବାରୁ ସବୁଠି ପୂଜା ବେଶ୍ ଧୁମ୍‌ଧାମରେ ପାଳନ ହେଉଛି। ହେଲେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ ଗ୍ରାମରେ ବୁଧବାର ଗଣେଶ ପୂଜାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଖବରପାଇ ଅସ୍ତରଙ୍ଗ ଥାନା ପୋଲିସ ଓ ପ୍ରଶାସନ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିବା ସହ ପୋଲିସ, ତହସିଲଦାରଙ୍କ ଉପସ୍ଥିତିରେ ଗଣେଶ ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇଛି। ସୂଚନାଥାଉକି, ନୂଆଗଡ଼ ଗ୍ରାମରେ ଗଣେଶ ପୂଜା ପାଇଁ ଗୋଟିଏ ଗୋଷ୍ଠୀ ପୂଜା କାର୍ଯ୍ୟ କରୁଥିଲେ। ହେଲେ ଏହି ସମୟରେ ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ଆସି ପୂଜା କାର୍ଯ୍ୟକୁ ନେଇ କିଛି କହିବାରୁ ସେଠାରେ ବଚସା ହୋଇଥିଲା। ପରେ ଏହା ଉତ୍ତ୍ୟକ୍ତ ହେବାରୁ ଉଭୟ ଗୋଷ୍ଠୀର ପିଲାମାନେ ଆସି ପାଟିତୁଣ୍ଡ ହୋଇ ଶେଷରେ ଗଣ୍ଡଗୋଳର ରୂପ ନେଇଥିଲା। ଖବରପାଇ ଅସ୍ତରଙ୍ଗ ପୋଲିସ ଓ ତହସିଲଦାର ରାଜଲକ୍ଷ୍ମୀ ନାୟକ, ସାମୁଦ୍ରିକ ଥାନା ଅଧିକାରୀ ବାମଦେବ ନନ୍ଦ ପହଞ୍ଚି ଉଭୟ ଗୋଷ୍ଠୀଙ୍କଠାରୁ ଘଟଣା ବିଷୟରେ ଶୁଣି ବୁଝାଶୁଝା କରିଥିଲେ। ଗଣ୍ଡଗୋଳରେ ସାମାନ୍ୟ କେତେଜଣ ଆହତ ହୋଇଥିଲେ। ଗ୍ରାମରେ ଗଣ୍ଡଗୋଳ ହୋଇଥିବାରୁ ପରିସ୍ଥିତିକୁ ଦେଖି ପୋଲିସ ୧୪୪ଧାରା ଜାରି କରିଥିଲେ। ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ଉପସ୍ଥିତ ରହି ଗଣେଶ ପୂଜା କାର୍ଯ୍ୟ ସମ୍ପାଦାନ କରିଥିଲେ।

## ଋଣ ଟଙ୍କା ଆତ୍ମସାତ୍ ଅଭିଯୋଗରେ ଜଣେ ଗିରଫ

**ବ୍ରହ୍ମପୁରଅଫିସ,୩୧।୮:** ଋଣ ଟଙ୍କା ଆତ୍ମସାତ ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଭାରତ ଫାଇନାନ୍ସ ଇନ୍ଦୁସ୍‌ଲାଣ୍ଡ ଲିମିଟେଡ ବ୍ରଜନଗର ଶାଖାର ପରିଚାଳକ ସୁକାନ୍ତ କୁମାର ସେଠୀ (୨୯)। ସୁକାନ୍ତ ଋଣ ଦିଆଯାଇଥିବା କିଛି ଲୋକଙ୍କଠାରୁ କିସ୍ତି ବାବଦକୁ ୫ଲକ୍ଷ ୯୦ହଜାର ୪୩୦ ଟଙ୍କା ଆଦାୟ ପରେ ଜମା ନ କରି ଆତ୍ମସାତ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ମାମଲା ନମ୍ବର ୩୮୬/୨୨ ରେ ପୋଲିସ ବୁଧବାର ତାଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବ୍ରହ୍ମପୁରରେ ଥିବା ଭାରତ ଫାଇନାନ୍ସ ଇନ୍ଦୁସ୍‌ଲାଣ୍ଡ ସଂସ୍ଥା ସହର ଓ ସହରତଳି ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ଋଣ ପ୍ରଦାନ କରିବା ସହ କିସ୍ତି ଆକାରରେ ସେମାନଙ୍କଠାରୁ ଟଙ୍କା ଆଦାୟ କରିଥାଏ। ଏହିଧାରାରେ ସଦର ଥାନା ଅନ୍ତର୍ଗତ ବ୍ରଜନଗରରେ ଉକ୍ତ ସଂସ୍ଥାର ଏକ ଶାଖା ରହିଛି। ସେଠାରେ ଖୋର୍ଦ୍ଧା ଦକ୍ଷିଣା ପରିଖେତ ଗ୍ରାମର ସୁକାନ୍ତ ଶାଖା ପରିଚାଳକ ଭାବେ କାମ କରୁଥିଲେ। ଗତ ୨୨ ତାରିଖରେ ସେ ଛୁଟିରେ ଥିଲେ। ଏଣୁ ଉକ୍ତ ଶାଖା ଦାୟିତ୍ୱରେ ସନ୍ତୋଷ କୁମାର ରାଉତ ଥିଲେ। ସେ ଋଣ ନେଇଥିବା ଲୋକମାନଙ୍କୁ ସେମାନଙ୍କ ବକେୟା ଅର୍ଥ ପରିଶୋଧ କରି ନ ଥିବା କହିଥିଲେ। ଲୋକମାନେ ତାଙ୍କ ବକେୟା ଅର୍ଥ ଉକ୍ତ ଅଫିସର ପରିଚାଳକ ସୁକାନ୍ତଙ୍କୁ ଦେଇଥିବା କହିଥିଲେ। ଏନେଇ ସେ ବ୍ରହ୍ମପୁର ମୁଖ୍ୟ ଶାଖା ପରିଚାଳକଙ୍କୁ ଜଣାଇଥିଲେ। ଯାଞ୍ଚ ବେଳେ ଉକ୍ତ ଟଙ୍କା ସୁକାନ୍ତ ସେଠୀ ଆତ୍ମସାତ କରିଥିବା ଜଣାପଡ଼ିଥିଲା। ପରେ ଶାଖା ପରିଚାଳକ କାର୍ତ୍ତିକ ଦାସ ଏନେଇ ଗତ ୨୬ ତାରିଖରେ ସଦର ଥାନାରେ ଅଭିଯୋଗ କରିଥିଲେ।

**ନିରୁଦ୍ଦିଷ୍ଟ**



ଧ୍ରୁବ ଚରଣ ବାରିକ, ବୟସ-୮୦ବର୍ଷ, ଉଚ୍ଚତା ୫'୪'', ବର୍ଣ୍ଣ-କଳା, ପୋଷାକ- ହାଲୁକା ସବୁଜ ରଙ୍ଗର ସାର୍ଟ ଓ କଳା ରଙ୍ଗର ପ୍ୟାଣ୍ଟ୍ ପିନ୍ଧିଥିଲେ। ୨୮ ଅଗଷ୍ଟ ୨୦୨୨ ଦିନ ସକାଳ ୧୦.୧୦ ମିନିଟ୍ ସମୟରେ ଭୁବନେଶ୍ୱର ଜାଗମରା ଠାରୁ ନିଖୋଜ ଅଛନ୍ତି। କେହି ସହୃଦୟ ବ୍ୟକ୍ତି ଦେଖିଲେ ଦୟାକରି ୯୩୩୮୮୧୦୬୩୧ ନମ୍ବରରେ କଲ୍ କରିବାକୁ ଅନୁରୋଧ।
ବି:ଦ୍ର: ବାପା! ତୁମେ ଯେଉଁଠି ବି ଅଛ ଘରକୁ ଚାଲିଆସ। ଆମେ ବହୁତ କଷ୍ଟ ପାଉଛୁ। ଲୁଲୁ
ଧ-୧୩୯୩

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ସେପ୍ଟେମ୍ବର ୧/୨୦୨୨ Dhenkanal, Thursday, September 1/ 2022

# ଏସିଆ କପ୍ ସୁପର-୪ରେ ଭାରତ

**ଦୁବାଇ,୩୧।୮(ପି.ଟି)**

ଏସିଆ କପ୍ ଟି୨୦ କ୍ରିକେଟ ହଂକଂ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚରେ ବିଜୟ ସହିତ ସୁପର୍ -୪ରେ ପ୍ରବେଶ କରିଛି ଭାରତ। ସୂର୍ଯ୍ୟକୁମାର ଓ କୋହଲିଙ୍କ ଅର୍ଦ୍ଧଶତକ ବଳରେ ଭାରତ ୧୯୨ ରନର ବିଶାଳ ସ୍କୋର କରିଥିଲା। ଜବାବରେ ହଂକଂ ୫ ଉଇକେଟ ବିନିମୟରେ ୧୫୨ ରନ କରି ବିଜୟଠାରୁ ୪୦ ରନ ଦୂରରେ ରହିଯାଇଥିଲା। ଟସହାରି ବ୍ୟାଟିଂ ଆମନ୍ତ୍ରଣ ପାଇବା ପରେ ଦୁଇ ଓପନର ରୋହିତ ଓ ରାହୁଲ ସତର୍କତାର ସହିତ ବ୍ୟାଟିଂ କରିଥିଲେ। ରୋହିତ ଶର୍ମା ସାମାନ୍ୟ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ ହେଁ ରାହୁଲ ଫର୍ମ ପାଇଁ ସଂଘର୍ଷ କରୁଥିବା ଦେଖାଯାଇଥିଲା। ରୋହିତ ୧୩ ବଲ ଖେଳି ୨ ଚୌକା ଓ ୧ ଛକା ସହିତ ୨୧ ରନ କରି ପ୍ୟାଭିଲିୟନ୍ ଫେରିଥିଲେ। ରାହୁଲ ୩୬ ରନର ଇନିଂସ ଖେଳିବା ପାଇଁ ୩୯ ବଲର ସାହାରା ନେଇଥିଲେ। ଆଉଟ ହେବା ପୂର୍ବରୁ ସେ ବିରାଟ କୋହଲିଙ୍କ ସହିତ ୫୬ରନର ଭାଗୀଦାରି କରିଥିଲେ। ଏହାପରେ କୋହଲି ଓ ସୂର୍ଯ୍ୟକୁମାର ଅବିଭାଜିତ ୯୮ ରନ ଯୋଡିବା ସହିତ ଭାରତର ସ୍କୋର ୧୯୨ରେ ପହଞ୍ଚାଇଥିଲେ। ଅନ୍ତିମ ୭ ଓଭରରେ ଉଭୟ ଓଭର ପିଛା ୧୪ ରନ୍‌ହାରରେ ରନ୍ ସଂଗ୍ରହ କରିଥିଲେ। କୋହଲି ଷ୍ଟ୍ରାଇକ ରୋଟେଟ କରି ଖେଳୁଥିବା ବେଳେ ସୂର୍ଯ୍ୟକୁମାର ବିସ୍ଫୋରକ ବ୍ୟାଟିଂ କରିଥିଲେ। କୋହଲି ୪୪ ବଲ ଖେଳି ୫୯ ରନ କରିଥିବା ବେଳେ ଏଥିରେ ସାମିଲ ଥିଲା ୧ ଚୌକା ଓ ୩ ଛକା। ମାତ୍ର ୨୬ ବଲ ଖେଳି ୬୮ ରନର ଧୂଆଁଧାର ଇନିଂସ ଖେଳିଥିଲେ ଯାଦବ। ଏହି ଇନିଂସରେ ୬ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା। ଯାଦବ ଅନ୍ତିମ ଓଭରରୁ ୨୬ ରନ୍ ସଂଗ୍ରହ କରିଥିଲେ। ଏହି ଓଭରରୁ ହ୍ୟାଟ୍ରିକ ସହିତ ମାରିଥିଲେ ୪ ଛକା। ପ୍ରଥମ ୩ ବଲରୁ ୩ ଛକା ମାରି ହ୍ୟାଟ୍ରିକ ପୂରଣ କରିଥିବା ବେଳେ ପରବର୍ତ୍ତୀ ବଲରୁ କୌଣସି ରନ ସଂଗୃହୀତ ହୋଇ ନ ଥିଲା। ଅନ୍ତିମ ଦୁଇ ବଲରେ ଗୋଟିଏ ଛକା ଓ ଦୁଇ ରନ୍ ହାସଲ କରିଥିଲେ ଯାଦବ। ହଂକଂ ପକ୍ଷରୁ ଆୟୁଷ ଶୁକ୍ଳା ଓ ମହମ୍ମଦ ଘଜନଫର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ହଂକଂ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ବାବର ହାୟାତ ସର୍ବାଧିକ ୪୧ ରନ୍ କରିଥିବା ବେଳେ କିଞ୍ଚିତ ଶାହ ୩୦ ରନ କରିଥିଲେ। ଶେଷ ଆଡକୁ ଜିଶାନ ଅଲି(୨୬) ଓ ସ୍କଟ ମ୍ୟାକେଞ୍ଜି(୧୬) ଦ୍ରୁତ ବ୍ୟାଟିଂ କରିଥିଲେ ହେଁ ଦଳ ୧୫୨ରେ ସୀମିତ ରହିଯାଇଥିଲା। ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଭୁବନେଶ୍ୱର କୁମାର, ରବୀନ୍ଦ୍ର ଜାଡେଜା ଓ ଆଭେଶ ଖାନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରା ଯାଇଥିଲା।





ଅପରାଜିତ ଅର୍ଦ୍ଧଶତକ ହାସଲ ଅବସରରେ ବିରାଟ କୋହଲି ଓ ସୂର୍ଯ୍ୟକୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨/୧୯୨ (ସୂର୍ଯ୍ୟକୁମାର ଯାଦବ-୬୮*, ବିରାଟ କୋହଲି-୫୯*, ଲୋକେଶ ରାହୁଲ-୩୬, ମହମ୍ମଦ ଘଜନଫର-୧/୧୯, ଆୟୁଷ ଶୁକ୍ଳା-୧/୨୯)। ହଂକଂ ୨୦ ଓଭରରେ ୧୫୨/୫ (ବାବର ହାୟତ-୪୧, କିଞ୍ଚିତ ଶାହ-୩୦, ଜିଶାନ ଅଲି-୨୬*,ଅର୍ଶଦୀପ ସିଂ-୧/୪୪, ରବୀନ୍ଦ୍ର ଜାଡେଜା -୧/୧୫, ଭୁବନେଶ୍ୱର କୁମାର-୧/୧୫)।

# ହାର୍ଦ୍ଦିକଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ

**ଦୁବାଇ, ୩୧।୮ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଟି୨୦ ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୮ସ୍ଥାନ ଉପରକୁ ଉଠି ଅନ୍ତର୍ଜାତୀୟ ଟି୨୦ ଅଲରାଉଣ୍ଡର ର୍‍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୫ମ ସ୍ଥାନ ଅଧିକାର କରିଛନ୍ତି। ଏଠାରେ ଚାଲିଥିବା ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ତାଙ୍କର ଚମତ୍କାର ପ୍ରଦର୍ଶନ ଯୋଗୁ ଏହା ସମ୍ଭବପର ହୋଇପାରିଛି। ହାର୍ଦ୍ଦିକ ଏହି ମ୍ୟାଚରେ ୨୫ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିବା ବେଳେ ମାତ୍ର ୧୭ ବଲ୍‌ରେ ୩୩ ରନ କରି ଅପରାଜିତ ରହିଥିଲେ। ଏସିଆ କପ୍ ଟୁର୍ଣ୍ଣାମେଣ୍ଟରେ ଆଫଗାନିସ୍ତାନର ଜବରଦସ୍ତ ଆରମ୍ଭ ଯୋଗୁ ର୍‍ୟାଙ୍କିଙ୍ଗ ତାଲିକାରେ ଦଳର ବହୁ ଖେଳାଳିଙ୍କ ଉନ୍ନତି ଘଟିଛି। ରଶିଦ ଖାଁ ୨ସ୍ଥାନ ଉପରକୁ ଉଠି ନିଜ ଦେଶର ଲେଗ୍ ସ୍ପିନର ଆଡିଲ ରଶିଦ୍ ଓ ଅଷ୍ଟ୍ରେଲିଆର ଆଡାମ ଜାମ୍ପାଙ୍କ ଆଗରେ ବୋଲର ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିନେଇଛନ୍ତି।। ଅଷ୍ଟ୍ରେଲିଆର ଜୋସ୍ ହାଜ୍‌ଲେଉଡ୍ ଓ ଦକ୍ଷିଣ ଆଫ୍ରିକାର ଟାବ୍ରେଜ୍ ଶାମ୍‌ସି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରଶିଦଙ୍କ ସାଥୀ ଖେଳାଳି ମୁଜିବୁର ରହମାନ ଟପ୍ ୧୦ରେ ପ୍ରବେଶ କରି ୭ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚରେ ୪ ଉଇକେଟ ନେଇଥିବା ଭୁବନେଶ୍ୱର କୁମାର ୮ମ ସ୍ଥାନରେ ରହିଛନ୍ତି। ଟି୨୦ ବ୍ୟାଟିଂ ତାଲିକାର ଟପ୍ ଟେନ୍‌ରେ କୌଣସି ନୂଆ ଖେଳାଳି ନାହାନ୍ତି। ତେବେ ପାକିସ୍ତାନର ମହମ୍ମଦ ରିଜୱାନ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବାବର ଆଜାମ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି।




ହାର୍ଦ୍ଦିକ ପାଣ୍ଡ୍ୟା

# ଗଞ୍ଜେଇ ସେବନ କରୁଥିଲେ ଅଲିମ୍ପିକ ସନ୍ତରଣକାରୀ




**ସିଙ୍ଗାପୁର,୩୧।୮(ପି.ଟି):** ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଯୋଶେଫ୍ ସ୍କୁଲିଙ୍ଗ ଗଞ୍ଜେଇ ସେବନ ନେଇ କ୍ଷମା ପ୍ରାର୍ଥନା କରିଛନ୍ତି। ଭିଏତନାମରେ ମିଲିଟାରୀ ସେବାରୁ ଅବ୍ୟାହତି ନେଇ ଅଭ୍ୟାସ କରୁଥିବା ସମୟରେ ସେ ଗଞ୍ଜେଇ ସେବନ କରୁଥିବା ନେଇ ଯୋଶେଫ୍ ସ୍ୱୀକାର କରିଛନ୍ତି। ୨୦୧୬ ରିଓ ଡି ଜେନେରିଓରେ ମାଇକେଲ ଫେଲପ୍ସଙ୍କୁ ହରାଇ ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏକ ଇନଷ୍ଟାଗ୍ରାମ ଭିଡିଓ ଜାରି କରି ସେ ଏହା ସ୍ୱୀକାର କରିଛନ୍ତି। ମେ ମାସରେ ଜୀବନରେ ଚାଲିଥିବା କିଛି ସମସ୍ୟା କାରଣରୁ ମୁଁ ଗଞ୍ଜେଇ ସେବନ କରିଥିଲି। ଏହା ସହିତ ସିଙ୍ଗାପୁର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ପଷ୍ଟୀକରଣ ପ୍ରଦାନ କରାଯାଇଛି। ଆସନ୍ତା ୬ ମାସ ଯାଏ ନିୟମିତ ଯୋଶେଫଙ୍କ ମୂତ୍ର ପରୀକ୍ଷା କରାଯିବ। ଏହା ସହିତ ଡ୍ୟୁଟିରେ ଥିବା ସମୟରେ ସେ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ।

# ଶ୍ରୀକାନ୍ତଙ୍କ ବିଜୟ: ଲକ୍ଷ୍ୟ, ସାଇନାଙ୍କ ବିଦାୟ

**ଓସାକା, ୩୧।୮ (ପି.ଟି.):** ଜାପାନ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଓପନିଂ ରାଉଣ୍ଡରେ ଭାରତୀୟ ଶୁଟର କିଡାମ୍ବି ଶ୍ରୀକାନ୍ତ ବିଶ୍ୱର ୪ ନମ୍ବର ଖେଳାଳି ଲି ଜି ଜିଆଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ସେନ୍ କିନ୍ତୁ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ମାଲେସୀୟ ଖେଳାଳିଙ୍କ ସହ ଶ୍ରୀକାନ୍ତଙ୍କର ଏହା ଥିଲା ୪ର୍ଥ ମୁକାବିଲା ଏବଂ ପ୍ରଥମ ବିଜୟ। ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ୨୧ ବର୍ଷୀୟ ସେନ୍ ଜାପାନିଜ ଖେଳାଳି କେନ୍ତା ନିଶିମୋତୋଙ୍କ ବିପକ୍ଷ ପ୍ରଥମ ଗେମ୍ ଜିତିଥିଲେ। ମହିଳା ସିଙ୍ଗଲ୍ସରେ ସାଇନା ନେହ୍ୱାଲ ଟପ୍ ସିଡ୍ ଆକାନେ ୟାମାଗୁଚିଙ୍କଠାରୁ ୯-୨୧, ୧୭-୨୧ରେ ହାରିଯାଇଥିଲେ। ଭାରତୀୟ ଉଦୀୟମାନ ଡବଲ୍ସ ଯୋଡ଼ି ଏମ୍.ଆର୍. ଅର୍ଜୁନ ଓ ଧ୍ରୁବ କାପିଲା ମଧ୍ୟ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି।

# ଓଡ଼ିଶା-ଗୁଜରାଟ, ତେଲୁଗୁ-ଚେନ୍ନାଇ

**ପୁଣେ, ୩୧।୮ (କ୍ରୀଡ଼ା ପ୍ରତିନିଧି)**

## ଅଲ୍‌ଟିମେଟ ଖୋ ଖୋ ଲିଗ୍ ପର୍ଯ୍ୟାୟ ଶେଷ

ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ଲିଗ୍ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଅନ୍ତିମ ଲିଗ୍ ମ୍ୟାଚରେ ଓଡ଼ିଶା ଜଗରନଟ୍ସ ୨୯ ପଏଣ୍ଟରେ ତେଲୁଗୁ ଯୋଦ୍ଧାସଠାରୁହାରି ଯାଇଛି। ତେଲୁଗୁ ଯୋଦ୍ଧାସ ୬୫ ପଏଣ୍ଟ ହାସଲ କରିଥିବାବେଳେ ଜଗରନଟ୍ସ ୩୬ ପଏଣ୍ଟରେ ସୀମିତ ରହିଥିଲା। ତେବେ ଓଡ଼ିଶା କ୍ୱାଲିଫାୟର-୧ ଖେଳିବା ପଥରେ ଏହା ପ୍ରତିବନ୍ଧକ ସାଜି ପାରିନାହିଁ। ଜଗରନଟ୍ସ ୭ ବିଜୟ ସହ ପୂର୍ବରୁ ପ୍ଲେ-ଅଫ୍‌ରେ ପ୍ରବେଶ କରି ସାରିଛି। ଗୁଜରାଟ ୨୩ ପଏଣ୍ଟ ସହିତ ଶୀର୍ଷରେ ରହିଥିବାବେଳେ ଓଡ଼ିଶା ଦଳ ୨୧ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଫଳରେ ଓଡ଼ିଶା ଓ ଗୁଜରାଟ ମଧ୍ୟରେ କ୍ୱାଲିଫାୟର-୧ ସେପ୍ଟେମ୍ବର ୨ ତାରିଖରେ ଅନୁଷ୍ଠିତ ହେବ। ସେହିଦିନ ଚେନ୍ନାଇ କୁଇକ୍ ଗନ୍ସ ଓ ତେଲ୍‌ଗୁ ଯୋଦ୍ଧାସ ମଧ୍ୟରେ ଏଲିମିନେଟର ଖେଳାଯିବ। କ୍ୱାଲିଫାୟର-୧ର ପରାଜିତ ଦଳ ଓ ଏଲିମିନେଟରର ବିଜେତା ମଧ୍ୟରେ କ୍ୱାଲିଫାୟର-୨ ସେପ୍ଟେମ୍ବର ୩ ତାରିଖରେ ଖେଳାଯିବ। ଦୁଇ କ୍ୱାଲିଫାୟରର ବିଜେତା ମଧ୍ୟରେ ଫାଇନାଲ ୪ ତାରିଖରେ ଅନୁଷ୍ଠିତ ହେବ। ଷ୍ଟାଣ୍ଡିଂର ଦୁଇ ଶେଷ ଦଳ ମୁମ୍ବାଇ ଖିଲାଡିଜ୍ ଓ ରାଜସ୍ଥାନ ୱାରିୟର୍ସ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଜଗରନଟ୍ସ ଶେଷ ୨ଟି ମ୍ୟାଚରେ ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ। ତେଲୁଗୁ ଯୋଦ୍ଧା ୪ଟି ଯାକ ଟର୍ନରେ ପ୍ରଭାବୀ ପ୍ରଦର୍ଶନ କରିଥିଲା।



ଗୁଜରାଟ ଜାଏଣ୍ଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଜାଏଣ୍ଟ୍ସର ୭ମ ବିଜୟ

**ପୁଣେ, ୩୧।୮ (କ୍ରୀଡ଼ା ପ୍ରତିନିଧି)**

ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ବୁଧବାର ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସ ୫ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସକୁ ପରାସ୍ତ କରିଛି। ପୂର୍ବରୁ ପ୍ଲେ-ଅଫ୍‌ରେ ପ୍ରବେଶ କରି ସାରିଥିବା ଏହି ଦଳ ପୂର୍ବ ମ୍ୟାଚରେ ପରାଜିତ ହୋଇଥିଲେ ହେଁ ଏଥିରେ ବିଜୟ ସହ ମନୋବଳ ଦୃଢ଼ କରିଛି। ମୁମ୍ବାଇ ଖିଲାଡିଜ୍‌ଠାରୁ ୮ ପଏଣ୍ଟରେ ହାରି ଅଭିଯାନ ଆରମ୍ଭ କରିଥିବା ରାଜସ୍ଥାନ ପରବର୍ତ୍ତୀ ମ୍ୟାଚରେ ତେଲୁଗୁ ଯୋଦ୍ଧାସଠାରୁ ୨୧ ଓ ଓଡ଼ିଶା ଜଗରନଟ୍ସଠାରୁ ୧୯ ପଏଣ୍ଟରେ ପରାସ୍ତ ହୋଇଥିଲା। ତେଲୁଗୁ ଯୋଦ୍ଧାସଠାରୁ ୩୮, ମୁମ୍ବାଇ ଖିଲାଡିଜ୍‌ଠାରୁ ୧୪ ଓ ଓଡ଼ିଶା ଜଗରନଟ୍ସଠାରୁ ୬ ପଏଣ୍ଟରେ ହାରିବା ଫଳରେ ଦଳର ପ୍ଲେ-ଅଫ୍ ଆଶା ମଉଳି ଯାଇଥିଲା। ଏତିକିରେ ଦଳର ବିପର୍ଯ୍ୟୟ ଶେଷ ହୋଇ ନ ଥିଲା। ଚେନ୍ନାଇ କୁଇକ୍ ଗନ୍ସଠାରୁ ୨୧ ଓ ଗୁଜରାଟ ଜାଏଣ୍ଟଠାରୁ ମାତ୍ର ୨ ପଏଣ୍ଟରେ ଦଳ ପରାଜିତ ହୋଇଥିଲା।

# ସିରିଜ ଜିତିଲା ଅଷ୍ଟ୍ରେଲିଆ

**ଟାଉନ୍ସଭିଲେ,୩୧।୮(ପି.ଟି):** ମିଚେଲ ଷ୍ଟାର୍କ ଓ ଆଡାମ ଜାମ୍ପାଙ୍କ ଘାତକ ବୋଲିଂ ଫଳରେ ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ଅଷ୍ଟ୍ରେଲିଆ ଜିତିବା ସହିତ ଆଗୁଆ ସିରିଜ ବିଜୟୀ ହୋଇଛି। ଜିମ୍ବାୱେକୁ ମାତ୍ର ୯୬ ରନରେ ସୀମିତ ରଖିବା ପରେ ଅଷ୍ଟ୍ରେଲିଆ ୮ ଉଇକେଟରେ ମ୍ୟାଚ୍ ଜିତି ୨-୦ରେ ଆଗୁଆ ରହିଛି। ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଅପରାଜିତ ୪୭ ରନ କରିଥିଲେ। ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ମିଚେଲ ଷ୍ଟାର୍କ (୩/୨୪) ଘାତକ ବୋଲିଂ କରି ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସିନ୍ ୱିଲିୟମ୍ସ ଜିମ୍ବାୱେ ପକ୍ଷରୁ ସର୍ବାଧିକ ୨୯ ରନ୍ କରିଥିଲେ। ଆଡାମ ଜାମ୍ପା ତାଙ୍କୁ ଆଉଟ କରିବା ପରେ ୨୮ ଓଭର ମଧ୍ୟରେ ଜିମ୍ବାୱେ ସମସ୍ତ ଉଇକେଟ ହରାଇଥିଲା। ଷ୍ଟାର୍କଙ୍କ ବ୍ୟତୀତ ଆଡାମ ଜାମ୍ପା ୩ ଓ କାମେରନ୍ ଗ୍ରୀନ୍ ୨ ଉଇକେଟ ଅକ୍ତିଆର କରିଥିଲେ। ୯୭ ରନ୍ ଲକ୍ଷ୍ୟର ପିଛା କରୁଥିବା ଅଷ୍ଟ୍ରେଲିଆ ୧୬ ରନରେ ଦୁଇ ଓପନରଙ୍କୁ ହରାଇଥିଲା। ଡେଭିଡ ୱାର୍ନର(୧୩) ଓ ଆରୋନ ଫିଞ୍ଚ ୧ ରନ୍ କରିଥିଲେ। ତୃତୀୟ ଉଇକେଟ ପାଇଁ ସ୍ମିଥ (୪୭) ଓ ଆଲେକ୍ସ କେରୀ (୧୬) ଅବିଭାଜିତ ୮୪ ରନ୍ ଯୋଡିଥିଲେ। ଦୁଇ ଜଣଙ୍କ ପାର୍ଟନରଶିପ କାରଣରୁ ୨୧୨ ବଲ ବାକିଥାଇ ଅଷ୍ଟ୍ରେଲିଆ ମ୍ୟାଚ୍ ଜିତି ନେଇଥିଲା।

# କିଟ୍‌ରେ ଓଏସ୍‌ବିଏର କଣ୍ଡିଶନିଂ କ୍ୟାମ୍ପ




କର୍ମକର୍ତ୍ତା ଓ ଅତିଥିଙ୍କ ଗହଣରେ ଓଏସ୍‌ବିଏର କଣ୍ଡିଶନିଂ କ୍ୟାମ୍ପରେ ଯୋଗଦେଇଥିବା ଖେଳାଳିମାନେ।

**ଭୁବନେଶ୍ୱର,୩୧।୮(ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱର ସ୍ଥିତ କିଟ୍ କ୍ୟାମ୍ପସ ପରିସରରେ ଆୟୋଜିତ ହୋଇଛି ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ (ଓଏସବିଏ)ର ଏକ କଣ୍ଡିସନିଂ କ୍ୟାମ୍ପ। ଏହି କ୍ୟାମ୍ପରେ ସମ୍ଭାବ୍ୟ ଖେଳାଳିଙ୍କ ସହିତ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ରୋହିତ ପୂଜାରୀ, ଓଏସ୍‌ବିଏ କାର୍ଯ୍ୟକାରୀ ସଭାପତି ମିହିର ରାୟ, ଅବୈତନିକ ସଚିବ ନୀଲିନ କୁମାର, ଓ କିଟ୍‌ର ସାଧାରଣ କ୍ରୀଡା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ୨୦୨୨ ସିଜିନର ଇଷ୍ଟଜୋନର ସମସ୍ତ ଖେଳାଳି ଏବଂ କୋଚ୍ ଏଥିରେ ଯୋଗ ଦେଇଥିଲେ। ୨୮ ଅଗଷ୍ଟରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପ ଆସନ୍ତା ସେପ୍ଟେମ୍ବର ୩ ତାରିଖ ଯାଏଁ ଚାଲିବ। ଗୋରଖପୁରରେ ହେବାକୁ ଥିବା ୟୁପି ଇଷ୍ଟଜୋନ ଚାମ୍ପିୟନଶିପ ପାଇଁ ଏହି ଦଳ ୫ ତାରିଖରେ ଯାତ୍ରା କରିବ। ସେପ୍ଟେମ୍ବର ୮ରୁ ୧୧ ଯାଏ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। କିଟ୍ ବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ ଇଣ୍ଡୋର ହଲରେ ଏହି କ୍ୟାମ୍ପ ଆୟୋଜନ ପାଇଁ ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତଙ୍କୁ ଓଏସ୍‌ବିଏ ଧନ୍ୟବାଦ ଜଣାଇଛି।

# କ୍ରୀଡ଼ା ସଂସ୍କୃତିକୁ ସଶକ୍ତ କରିବା ବେଦାନ୍ତର ଲକ୍ଷ୍ୟ

**ଭୁବନେଶ୍ୱର,୩୧।୮:** ବେଦାନ୍ତ ଆଲୁମିନିୟମ ପକ୍ଷରୁ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ ପରିପ୍ରେକ୍ଷୀରେ ସ୍ଥାନୀୟ ଲାଞ୍ଜିଗଡ଼ର କ୍ରୀଡ଼ା କମିଟି ସହଯୋଗରେ ସପ୍ତାହବ୍ୟାପୀ ଏକ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସ୍କେଟବଲ, ଭଲିବଲ, ଥ୍ରୋବଲ, ମାରାଥନ, ୱାକାଥନ ଓ ଅନ୍ୟାନ୍ୟ କ୍ରୀଡ଼ା ଆୟୋଜିତ ହୋଇଥିଲା। ଯୁବ ପ୍ରତିଭାଙ୍କ ଅଂଶଗ୍ରହଣ ସହ କ୍ରୀଡ଼ା ସଂସ୍କୃତିକୁ ମଜଭୁତ କରିବା ବେଦାନ୍ତ କମ୍ପାନୀର ଲକ୍ଷ୍ୟ। ପଦକ୍ଷେପ ସ୍ୱରୂପ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା, ଲାଞ୍ଜିଗଡ଼ (କଳାହାଣ୍ଡି ଜିଲା) ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ଅନେକ କ୍ରୀଡ଼ା ଫର୍ମାଟ, କାର୍ଯ୍ୟକ୍ରମକୁ ସକ୍ରିୟ ଭାବେ ସମର୍ଥନ କରି ଆସୁଛି। କମ୍ପାନୀର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାକୁ ଜାଗ୍ରତ କରିବା ପ୍ରୟାସ କରାଯାଉଛି। ଭାରତ ପାଇଁ କେତେକ ପ୍ରମୁଖ ହକି ଖେଳାଳି ଓ ଫୁଟ୍‌ବଲ ଖେଳାଳି ସୃଷ୍ଟି କରିବାରେ ଓଡ଼ିଶାର ଅବଦାନ ରହିଛି। ଅନ୍ୟମାନଙ୍କ ମଧ୍ୟରେ ବେଦାନ୍ତର ଡେପୁଟି ସିଇଓ (ଆଲୁମିନା ବ୍ୟବସାୟ) ଜି.ଜି. ପାଲ, ଅଲ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ ଭୁବନେଶ୍ୱରର ଲାଇସେନ୍ସ ପ୍ରାପ୍ତ କୋଚ୍ ଜୟଦେବ ମହାପାତ୍ର ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ସମ୍ପ୍ରତି ବେଦାନ୍ତ ଆଲୁମିନିୟମ ମଧ୍ୟ 'ମୋ ସ୍କୁଲ ହକି ଟୁର୍ଣ୍ଣାମେଣ୍ଟ'ରେ ସହଯୋଗ କରିଥିଲା।



ବେଦାନ୍ତ ପକ୍ଷରୁ ଆୟୋଜିତ କ୍ରୀଡ଼ା ମହୋତ୍ସବରେ ତୀରନ୍ଦାଜୀ ପ୍ରତିଯୋଗିତାର ଏକ ଦୃଶ୍ୟ।

# ନାଡାଲ ଜିତିଲେ: ହାରିଲେ ଭେନସ୍, ରାଡୁକାନୁ, ଓସାକା

**ନ୍ୟୁୟର୍କ,୩୧।୮(ପି.ଟି)**

## ୟୁଏସ୍ ଓପନ

ୟୁଏସ୍ ଓପନରେ ଦେଖିବାକୁ ମିଳିଛି ବଡ ବିପର୍ଯ୍ୟୟ। ୨୦୧୯ ପରେ ପ୍ରଥମ ଥର ୟୁଏସ ଓପନ ଖେଳୁଥିବା ରାଫେଲ ନାଡାଲ ସହଜ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ଦିନରେ ଏକାଧିକ ତାରକା ଖେଳାଳି ବିଦାୟ ନେଇଛନ୍ତି। ଏହି ତାଲିକାରେ ଭେନସ୍ ୱିଲିୟମ୍ସ, ଏମା ରାଡୁକାନୁ ଏବଂ ନାଓମି ଓସାକାଙ୍କ ପରି ବଡ ନାମ ସାମିଲ ରହିଛି। ଜୁନରେ ୪୨ ବର୍ଷରେ ପଦାର୍ପଣ କରିଥିବା ଭେନସ ୱିଲିୟମ୍ସ ଆର୍ଥର ଆସେ ଷ୍ଟାଡିୟମରେ ନିଜର ମ୍ୟାଚ ଖେଳିଥିଲେ। ୭ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ୍ ଭେନସ ଦୁଇ ଥର(୨୦୦୦ ଓ ୨୦୦୧) ୟୁଏସ୍ ଓପନ ଜିତିଛନ୍ତି। ତେବେ ବିଗତ ବର୍ଷର ୟୁଏସ୍ ଓପନରେ ମଧ୍ୟ ସେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ପ୍ରଥମ ରାଉଣ୍ଡରେ ଭେନସ୍ ୬-୧, ୭-୬(୫) ରେ ଆଲିସନ୍ ଭାନ୍ ୟୁଟାଙ୍କଙ୍କ ନିକଟରୁ ପରାଜିତ ହୋଇଥିଲେ। ମହିଳା ଟେନିସ ତଥା ଟେନିସ୍ ପାଇଁ ଭେନସ୍ ସର୍ବଦା ପ୍ରେରଣାର ଉତ୍ସ ବୋଲି ଆଲିସନ୍ ବିଜୟ ପରେ କହିଥିଲେ। ଏହା ଭେନସଙ୍କ ୯୧ ତମ ମେଜର ଟୁର୍ଣ୍ଣାମେଣ୍ଟ ରହିଥିଲା। ତୃତୀୟ ଡିଫେଣ୍ଡିଂ ଚାମ୍ପିୟନ ଭାବରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ୧୯ ବର୍ଷୀୟା ଏମ୍ମା ରାଡୁକାନୁ। ଆଲିଜ କର୍ନେଟଙ୍କ ନିକଟରୁ ୬-୩, ୬-୩ରେ ଏମ୍ମା ପରାଜିତ ହୋଇଥିଲେ। ଫ୍ରାନ୍ସର କର୍ନେଟ ଏହା ପୂର୍ବରୁ ୱିମ୍ବଲଡନରେ ଇଗା ସ୍ୱିଆଟେକଙ୍କୁ ପରାସ୍ତ କରିଥିଲେ। ସେହିପରି ଅନ୍ୟତମ ପୂର୍ବତନ ଚାମ୍ପିୟନ୍ ନାଓମି ଓସାକା ମଧ୍ୟ ପରାଜିତ ହୋଇଛନ୍ତି। ପୂର୍ବତନ ଏକ ନମ୍ବର ଖେଳାଳି ଓସାକା ଅଷ୍ଟ୍ରେଲିଆନ୍ ଓପନ୍ ରନର୍ସଅପ ଡାନିଏଲ୍ କଲିନ୍ସଙ୍କ ନିକଟରୁ ୭-୬(୫), ୬-୩ରେ ପରାସ୍ତ ହୋଇଥିଲେ। ଏହା ପୂର୍ବରୁ ସେ ଫ୍ରେଞ୍ଚ ଓପନ ପ୍ରଥମ ରାଉଣ୍ଡରୁ ମଧ୍ୟ ବିଦାୟ ନେଇଥିଲେ।

ପ୍ରତ୍ୟାବର୍ତ୍ତନ କରୁଥିବା ରାଫେଲ ନାଡାଲ ୨୦୧୯ ପରେ ପ୍ରଥମ ଥର ପାଇଁ ୟୁଏସ୍ ଓପନରେ ଖେଳୁଥିଲେ। ୨୧ ବର୍ଷୀୟ ଅଷ୍ଟ୍ରେଲିଆନ୍ ଖେଳାଳି ରିଙ୍କି ହାଜକାଟାଙ୍କୁ ୪-୬, ୬-୨, ୬-୩ ଓ ୬-୩ରେ ପରାସ୍ତ କରି ନାଡାଲ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଅନ୍ୟ ମ୍ୟାଚ ଗୁଡିକ ମଧ୍ୟରେ ସ୍ଲୋନ୍ ଷ୍ଟିଫେନ୍ସ, ଇଗା ସ୍ୱିଆଟେକ୍, ଜେସିକା ପେଗୁଲା, ଗାର୍ବିନ ମୁଗୁରୁଜା ଏବଂ ବେଲିଣ୍ଡା ବେନ୍ସିକ ପ୍ରମୁଖ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ପୁରୁଷ ଖେଳାଳିଙ୍କ ମଧ୍ୟରେ ମାରିନ୍ ସିଲିକ୍, କାର୍ଲୋସ୍ ଆଲକାରାଜ୍‌ଜ କାମ୍ନୋରି, ହୁବାର୍ଟ ହରକାଜ, ଆନ୍ଦ୍ରେ ରୁବଲେଭ୍, ଜାନିକ୍ ସିନ୍ନର ଓ ଗ୍ରିଗୋର ଡିମିଟ୍ରୋଭ୍ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହା ସହିତ ମହିଳା ଡବଲ୍ସରେ ଭେନସ ଓ ସେରେନା ଏକାଠି ଖେଳିବାକୁ ଯାଉଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ସେପ୍ଟେମ୍ବର ୧/୨୦୨୨ (୮+୮=୧୬ ପୃଷ୍ଠା) Dhenkanal, Thursday, September 1/2022 Page 16 | ପୃଷ୍ଠା-୧

# ସୁଯୋଗ ରହିଛି, ଓଡ଼ିଶା ଆସ

## ଇନ୍‌ଭେଷ୍ଟର୍ସ ମିଟ୍‌ରେ ବିଶ୍ୱ ଶିଳ୍ପପତିଙ୍କୁ ଆମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ




ନୂଆଦିଲ୍ଲୀରେ ବୁଧବାର ଅନୁଷ୍ଠିତ ଇନଭେଷ୍ଟର୍ସ ମିଟ୍‌ରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଏଫ୍‌ଆଇସିସିଆଇ ସିନିୟର ଭାଇସ୍ ପ୍ରେସିଡେଣ୍ଟ ଶୁଭ୍ରକାନ୍ତ ପଣ୍ଡା। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ଏହାର ସୁଯୋଗ ନେଇ ଓଡ଼ିଶାରେ ପୁଞ୍ଜିନିବେଶ କରିବା ନିମନ୍ତେ ବିଶ୍ୱର ଶିଳ୍ପପତିମାନେ ଆଗେଇ ଆସନ୍ତୁ। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ଅବ୍ୟବହିତ ପୂର୍ବରୁ ନୂଆଦିଲ୍ଲୀରେ ବୁଧବାର ଅନୁଷ୍ଠିତ ଇନଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ଆହ୍ୱାନ ଦେଇଛନ୍ତି।

ଚଳିତ ବର୍ଷ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ ଅନୁଷ୍ଠିତ ହେବ। ଏହି କନ୍‌କ୍ଲେଭକୁ ସଫଳ କରିବା ପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନଭିତ୍ତିରେ ପ୍ରସ୍ତୁତି ଚଳାଇଛନ୍ତି। ଏହି କନ୍‌କ୍ଲେଭରେ ମେଟାଲ, ମେଟାଲ ଡାଉନଷ୍ଟ୍ରିମ୍, କେମିକାଲ, ଟେକ୍ସଟାଇଲ, ପେଟ୍ରୋକେମିକାଲ୍ସ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବ। ରାଜ୍ୟକୁ କିପରି ଅଧିକରୁ ଅଧିକ ପୁଞ୍ଜିନିବେଶ ଆସିବ ସେ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇ ଆସୁଛନ୍ତି। ଏହି କ୍ରମରେ ବୁଧବାର ମୁଖ୍ୟମନ୍ତ୍ରୀ ୬ ଦିନିଆ ଦିଲ୍ଲୀ ଗସ୍ତ କରିଛନ୍ତି। ଗସ୍ତର ପ୍ରଥମ ଦିବସରେ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ଦ୍ୱାରା ନୂଆଦିଲ୍ଲୀଠାରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଲାଗି ଇନ୍‌ଭେଷ୍ଟର୍ସ ମିଟ୍ ପାଇଁ ଏକ କର୍ଟେନ ରେଜର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ୩୦ ଦେଶର ରାଷ୍ଟ୍ରଦୂତ ଏବଂ ଦେଶ ଭିତରୁ ଯୋଗ ଦେଇଥିବା ପ୍ରାୟ ୫୦ଜଣ ବିଭିନ୍ନ କମ୍ପାନୀର ☞ପୃଷ୍ଠା-୮

# କୁଆଖାଇରେ ବୁଡ଼ି ଛାତ୍ର ମୃତ, ଜଣେ ନିଖୋଜ

**ଫୁଲନଖରା,୩୧।୮(ଡି.ଏନ୍.ଏ.)**

କଟକ ଜିଲା ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ କୁଆଖାଇ ନଦୀରେ ବୁଧବାର ଅପରାହ୍ନରେ ଗାଧୋଉଥିବାବେଳେ ୫ ଜଣ ଛାତ୍ର ପାଣି ସ୍ରୋତରେ ଭାସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକ ହେଲେ ଭୁବନେଶ୍ୱର ପଟିଆ ଅଞ୍ଚଳର ଆଶୁତୋଷ ପାଲ।

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ପଟିଆ ଅଞ୍ଚଳର ୫ଜଣ ଛାତ୍ର ମହାବୀର ପ୍ରସାଦ ଗୌଡ଼, ଶୁଭମ୍ ମହାନ୍ତି, ଲିପୁନା ରାଉତ, ରତୁ ରଞ୍ଜନ ମାଧି ଓ ଆଶୁତୋଷ ପାଲ୍ ପୂର୍ବାହ୍ନ ପ୍ରାୟ ୧୦ଟାରେ ଦୁଇଟି ସ୍କୁଟିରେ ଘରୁ ଟ୍ୟୁଶନ୍‌କୁ ଆସିଥିଲେ। ସେଠାରେ ଗଣେଶ ପୂଜା ସାରି ଅପରାହ୍ନ ପ୍ରାୟ ୧ଟାରେ କୁଆଖାଇ ନଦୀକୂଳକୁ ଯାଇଥିଲେ। ପ୍ରଥମେ ସେମାନେ ମୋବାଇଲରେ ସେଲ୍ଫି ଉଠାଇଥିଲେ। ପରେ ନଦୀରେ ଗାଧୋଉଥିବାବେଳେ ପାଣି ସ୍ରୋତରେ ଭାସିଯାଇଥିଲେ। ଏହି ସମୟରେ ମହାବୀର ଓ ଶୁଭମ୍ କୌଶଳକ୍ରମେ ନଦୀକୂଳକୁ ଆସି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଲୋକମାନେ ସେଠାରେ ପହଞ୍ଚି ଲିପୁନାଙ୍କୁ ଉଦ୍ଧାର କରିଥିଲେ। ହେଲେ ଆଶୁତୋଷ ଓ ରତୁଙ୍କ ପତ୍ତା ମିଳି ନ ଥିଲା। ଖବରପାଇ କଟକ ସଦର ପୋଲିସ, କଟକ ଓ ବାରଙ୍ଗ ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ☞ପୃଷ୍ଠା-୮

## ପୋଖରୀରେ ବୁଡ଼ି ୨ ଭାଇ ମୃତ

**ନୟାଗଡ଼ ଅଫିସ,୩୧।୮**

ନୟାଗଡ଼ ସଦର ଥାନା ଅଧୀନ ଖୁଣ୍ଟୁବନ୍ଧ ପଞ୍ଚାୟତ ଷଠିଆପଲ୍ଲୀ ଗାଁରେ ବୁଧବାର ଅର୍ଥାତ୍ ଗଣେଶ ପୂଜାରେ ଏକ ଦୁଃଖଦ ଘଟଣା ଘଟିଛି। ଗାଁ ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଷଠିଆପଲ୍ଲୀ ଗାଁର କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ୮ ବର୍ଷର ପୁତ୍ର ଚନ୍ଦ୍ରଶେଖର ଓ ୫ବର୍ଷର ପୁତ୍ର ରୁଦ୍ରମାଧବ। ☞ପୃଷ୍ଠା-୮



କୁଆଖାଇ ନଦୀରେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ଅଗ୍ନିଶମ କର୍ମଚାରୀ।

# ବନ୍ଦ କରିଦେଲେ ପ୍ରେସ୍ ବିଜ୍ଞପ୍ତି

**ଭୁବନେଶ୍ୱର,୩୧।୮(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ମୋ ସ୍କୁଲ ଅଭିଯାନ ଏବେ ଯେଉଁ ସ୍ଥିତିରେ ପହଞ୍ଚିଛି ତାହାର ବାସ୍ତବ ଚିତ୍ର କେହି ଦେଖିପାରୁନାହାନ୍ତି। ୨୦୧୭ ନଭେମ୍ବର ୧୪ ଶିଶୁଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଅଭିଯାନ ପ୍ରଥମରୁ ବହୁଳମାତ୍ରାରେ ପ୍ରଚାର କରାଗଲା। ହେଲେ ଧୀରେ ଧୀରେ ଗତ କେତେଗୁଡ଼ିଏ ମାସ ହୋଇଗଲାଣି ଏହି ଅଭିଯାନ ଯେପରି ଲୁଚିଯିବା ଭଳି ମନେହେଉଛି। ଏହାର ଯାହା ମୂଳ ଲକ୍ଷ୍ୟ ଥିଲା ତା'ର ଦିଗ ପରିବର୍ତ୍ତନ ହୋଇ ବର୍ତ୍ତମାନ କେଉଁଆଡେ ଚାଲିଗଲାଣି ତାହା ମଧ୍ୟ ଏବେ ଆଲୋଚନା ହେଉନାହିଁ। ପ୍ରତ୍ୟେକ ଦିନ ଖବରକାଗଜ ଏବଂ ଟେଲିଭିଜନରେ କେତେ ଲୋକ ଏଥିରେ ଯୋଡ଼ିହେଲେ ଏବଂ କେତେଜଣ କେତେ ଅର୍ଥ ପ୍ରଦାନ କଲେ ସବୁର ଟିକିନିକି ତଥ୍ୟ ରାଜ୍ୟ ସରକାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରେରଣ କରୁଥିଲେ। ହେଲେ ଏବେ ସେଭଳି ବିବୃତି ଦିଆଯାଉ ନାହିଁ। ହଠାତ୍ ସେସବୁଥିରୁ ସରକାର ଦୂରେଇ ଯିବା ପରି ମନେହେଉଛି। ଲାଗୁଛି ଯେପରି ସରକାରଙ୍କ ଏହି ଯୋଜନା ଏକପ୍ରକାର ବିଫଳ ହୋଇଯିବା କାରଣରୁ ସବୁକିଛି ବନ୍ଦ ହୋଇଯାଇଛି।




୨୦୧୭ ମସିହା ଶିଶୁଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରୀକ୍ଷାରେ ଭଲ ମାର୍କ ରଖିଥିବା ପିଲାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏହାସହ ସେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଘୋଷଣା କରି ବିଦ୍ୟାଳୟର ବିକାଶରେ ପୁରାତନ ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କୁ ସାମିଲ କରିବା ଲାଗି କହିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଯଦି କୌଣସି ବ୍ୟକ୍ତି ନିଜେ ପଢୁଥିବା ବିଦ୍ୟାଳୟର ବିକାଶ ପାଇଁ କିଛି ଅର୍ଥ ପ୍ରଦାନ କରୁଛନ୍ତି, ତେବେ ତାକୁ ସ୍ୱୀକୃତି ଦେଇ ତାହାର ଦୁଇ ଗୁଣା ଅର୍ଥ ସରକାର ଦାନ କରିବେ ବୋଲି କହିଥିଲେ। ଏଥିଲାଗି ୧୦୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ ମଧ୍ୟ ହୋଇଥିଲା। ହେଲେ ସରକାରଙ୍କ ୧୦୦ କୋଟିକୁ ମିଶାଇ ଦାନ ଆକାରରେ ମିଳିଥିବା ଅର୍ଥରାଶିର ବ୍ୟବହାର କିପରି ହେଲା ତାହା ବର୍ତ୍ତମାନ ଆଉ ଲୋକଙ୍କୁ ଜାଣିବାର କୌଣସି ବାଟ ନାହିଁ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅତ୍ୟଧିକ ଗୁରୁତ୍ୱ ☞ପୃଷ୍ଠା-୮




DADLS - 36

ନୂଆଁଖାଇ-୨୦୨୨ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ, ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0120/2223




DADLS - 36

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଜୁହାର

ନୂଆଁଖାଇ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଜୁହାର ।
ମା' ସମଲେଶ୍ୱରୀ ସମସ୍ତଙ୍କୁ ଭଲରେ ରଖନ୍ତୁ । ଏତିକି ପ୍ରାର୍ଥନା ।

(ନବୀନ ପଟ୍ଟନାୟକ)

OIPR-15001/13/0120/2223

'ନୂଆଁଖାଇ' ଅବସରରେ
ବାର୍ତ୍ତା



DADLS - 36

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ସ୍ନେହ, ଶ୍ରଦ୍ଧା ଓ ଭାଇଚାରାର ଏ କୃଷିଭିତ୍ତିକ ଗଣପର୍ବ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା'ସମଲେଶ୍ୱରୀଙ୍କ ଅପାର କରୁଣାରୁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0120/2223

# ୧ମ ତ୍ରୈମାସରେ ୧୩.୫% ହାରରେ ଜିଡିପି ବୃଦ୍ଧି

ନୂଆଦିଲ୍ଲୀ,୩୧।୮




ଚଳିତ ଆର୍ଥିକ ବର୍ଷ (୨୦୨୨-୨୩)ର ୧ମ ତ୍ରୈମାସର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ବିସ୍ତୃତ ସୂଚନା କେନ୍ଦ୍ର ସରକାର ବୁଧବାର ଜାରି କରିଛନ୍ତି। ଉକ୍ତ ସୂଚନା ଅନୁଯାୟୀ ଗତ ୪ଟି ତ୍ରୈ ମାସିକଠାରୁ ଚଳିତ ଆର୍ଥିକ ବର୍ଷର ୧ମ (ଏପ୍ରିଲରୁ ଜୁନ୍) ତ୍ରୈମାସରେ ଭାରତୀୟ ଅର୍ଥନୀତି ୧୩.୫% ହାରରେ ବୃଦ୍ଧି ପାଇଛି। ଏପରିକି ପୂର୍ବ ବର୍ଷ ସମାନ ଅବଧିରେ ୨୦.୧% ର ଅଭିବୃଦ୍ଧି ହୋଇଥିଲା। କିନ୍ତୁ ଏଥିରେ ଲୋ ବେସ୍‌ର ବଡ଼ ଭୂମିକା ଥିଲା। ଉଲ୍ଲେଖଯୋଗ୍ୟ, ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କୋଭିଡ୍ ଲକ୍‌ଡାଉନ ଯୋଗୁ ଅର୍ଥନୀତିରେ ୨୩.୮%ର ହ୍ରାସ ଘଟିଥିଲା। ସେହିଭଳି ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ମାତ୍ର ୪.୧% ରହିଥିଲା । କିନ୍ତୁ ଜୁନ୍ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ବଢ଼ିବା ପଛରେ ଲୋ ବେସ୍ ସହ ଆର୍ଥିକ ଗତିବିଧି ମଧ୍ୟ ଗତିଶୀଳ ହେବା ପ୍ରମୁଖ କାରଣ ରହିଛି। ତେବେ ଏହା ସଂଖ୍ୟା ଆକଳନଠାରୁ କମ୍ ରହିଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ଭାରତୀୟ ଷ୍ଟେଟ ବ୍ୟାଙ୍କର ରିପୋର୍ଟ ଅନୁସାରେ ଦେଶର ବିକାଶ ହାର ୧୫.୭% ରହିବ ବୋଲି ଆକଳନ କରାଯାଇଥିଲା। ଅନ୍ୟପଟେ ଆର୍‌ବିଆଇ ମଧ୍ୟ ଚଳିତ ମାସ ଆରମ୍ଭରେ ହୋଇଥିବା ମୁଦ୍ରାନୀତି ବୈଠକରେ ଭାରତର ପ୍ରଥମ ତ୍ରୈମାସର ଜିଡିପି ହାର ୧୬.୨% ରହିବ ବୋଲି କହିଥିଲା। ତେବେ ୧୩.୫% ର ବିକାଶ ହାର ଭାରତୀୟ ଅର୍ଥନୀତିର ଦ୍ୱିତୀୟର ସବୁଠୁ ବଡ଼ ଅଭିବୃଦ୍ଧି। ଏହା ପୂର୍ବକୁ ଗତ ଆର୍ଥିକ ବର୍ଷରେ ପ୍ରଥମ ତ୍ରୈମାସରେ ଜିଡିପି ବିକାଶ ହାର ୨୦.୧% ଥିଲା। ଏହିପରି ଭାରତ ଦୁନିଆରେ ସବୁଠୁ ଦ୍ରୁତଗତିରେ ବିକାଶ କରୁଥିବା ଅର୍ଥନୀତି ହୋଇଛି। ଏହାରି ଭିତରେ କୋର ସେକ୍ଟର ଡାଟା ମଧ୍ୟ ଜାରି କରାଯାଇଛି। ଗୋଟିଏ ବର୍ଷ ତୁଳନାରେ ଜୁଲାଇ ୨୦୨୨ରେ କୋର ସେକ୍ଟର ଆଉଟପୁଟ୍ ଧିମେଇବା ସହ ଏହାର ଗ୍ରୋଥ ୪.୫% ରହିଥିଲା। ଅପରପକ୍ଷରେ ୨୦୨୧ ଜୁଲାଇରେ କୋର ସେକ୍ଟରରେ ୯.୯%ର ଅଭିବୃଦ୍ଧି ରେକର୍ଡ ହୋଇଥିଲା। ପରିସଂଖ୍ୟାନ ଅନୁସାରେ, ମୂଳ ଉଦ୍ୟୋଗ (କୋର ସେକ୍ଟର) କୋଇଲା, ଅଶୋଧିତ ତେଲ, ପ୍ରାକୃତିକ ଗ୍ୟାସ୍, ରିଫାଇନେରି ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଜୁଳିର ବୃଦ୍ଧି ହାର ଚଳିତ ବର୍ଷର ପ୍ରଥମ ୪ ମାସ ଏପ୍ରିଲ-ଜୁଲାଇରେ ୧୧.୫% ରହିଛି। ଗତ ବର୍ଷ ସମାନ ଅବଧିରେ ଏହି ସଂଖ୍ୟା ୨୧.୪% ଥିଲା।

## ରାଜ୍ୟଗୁଡ଼ିକୁ ରିହାତି ଦରରେ ଡାଲି ଦେବ କେନ୍ଦ୍ର

**ନୂଆଦିଲ୍ଲୀ,୩୧।୮:** ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ରିହାତି ଦରରେ କେନ୍ଦ୍ର ସରକାର ଡାଲି ଯୋଗାଇ ଦେବେ ବୋଲି ଜଣାପଡ଼ିଛି। ଏ ନେଇ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ବୈଠକରେ ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏପରିକି କେନ୍ଦ୍ର ସରକାର ମୂଲ୍ୟ ସମର୍ଥନ ଯୋଜନା (ପିଏସ୍‌ଏସ୍) ଏବଂ ମୂଲ୍ୟ ସ୍ଥିରତା ପାଣ୍ଠି (ପିଏସ୍‌ଏଫ୍) ଅଧୀନରେ କିଣାଯାଇଥିବା ଡାଲିରୁ ରାଜ୍ୟଗୁଡ଼ିକୁ ଚଣା ଡାଲି ଯୋଗାଇବେ ବୋଲି କୁହାଯାଇଛି। ଉକ୍ତ ଡାଲିକୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରମାନେ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ଉପଯୋଗ କରିବେ। ଅପରପକ୍ଷରେ ବିରି, ହରଡ଼ ଓ ମସୁର ଭଳି ଡାଲି ପାଇଁ ପିଏସ୍‌ଏସ୍ ଅଧୀନରେ ଗୁଣବତ୍ତା କ୍ରୟ ସୀମାକୁ ମଧ୍ୟ ବର୍ତ୍ତମାନର ୨୫%ରୁ ୪୦%କୁ ବଢ଼ାଇବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛନ୍ତି।

## ଭଞ୍ଜନଗର ସହରରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଷ୍ଟୋର




ଭୁବନେଶ୍ୱର,୩୧।୮

ଗଞ୍ଜାମ ଜିଲାର ଭଞ୍ଜନଗର ସହରରେ ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ ହୋଇଯାଇଛି। ଏହା ଜରିଆରେ କମ୍ପାନୀ ଗ୍ରାହକଙ୍କ ସମ୍ପର୍କ ସୁଦୃଢ଼ ସହ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭକରି ଟିୟର-୧,ଟିୟର-୨ ସହର ଏବଂ ଆହୁରି ଅଧିକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବା ସହ ଭାରତର ପସନ୍ଦଯୋଗ୍ୟ ଫ୍ୟାଶନ ଶପିଙ୍ଗ୍ ଡେଷ୍ଟିନେଶନ ପାଲଟିଛି। ବିଶେଷକରି ୫୨୭୧ ବର୍ଗଫୁଟ ପରିମିତ ଜମିରେ ଗଢ଼ି ଉଠିଥିବା ଏହି ଅତ୍ୟାଧୁନିକ ଷ୍ଟୋର ହେଉଛି ଭଞ୍ଜନଗର ସହରର ପ୍ରଥମ ଟ୍ରେଣ୍ଡ୍‌ସ ଷ୍ଟୋର, ଯେଉଁଥିରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟ ସହ ସ୍ୱତନ୍ତ୍ର ପ୍ରାରମ୍ଭିକ ଅଫର ରହିଛି। ୩୪୯୯ ଟଙ୍କାର କିଣାକିଣି କରି ୧୯୯ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ, ଗ୍ରାହକମାନେ ୨୯୯୯ ଟଙ୍କାର କିଣାକିଣି ସହିତ ୧୫୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ।

## ମହିନ୍ଦ୍ରାର ନୂତନ ଟ୍ରକ, ବସ୍ ଶୋ' ରୁମ୍



ଫୁଲନଖରା,୩୧।୮(ଡି. ଏନ. ଏ)

ଖୋର୍ଦ୍ଧା ଜିଲ୍ଲା ପାହାଳ ଥାନା ଅନ୍ତର୍ଗତ ପାହାଳ ନିକଟରେ ମହିନ୍ଦ୍ରା ଗ୍ରୁପ ଅଫ କ୍ୟାମ୍ପାନିର ସ୍ୱର୍ଣ ଅଟୋ ମୋବାଇଲସ୍ ପକ୍ଷରୁ ନୂତନ ଟ୍ରକ୍ ଏବଂ ବସ ଶୋରୁମ୍ ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗ ଦେଇ ଶୋରୁମ୍ ଟିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ମହନ୍ତ ରାମକୃଷ୍ଣ ଦାସ ମହାରାଜ ପୁରୀ, ସ୍ୱର୍ଣ୍ଣ ଅଟୋ ମୋବାଇଲ୍ ମୁଖ୍ୟ ବଦ୍ରିନାଥ ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାଶ, ଲଲାଟେନ୍ଦୁ ପରିଡ଼ା, ଡ. ନିବେଦିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମହିନ୍ଦ୍ରା କ୍ୟାମ୍ପନି ଗ୍ରୁପ୍ ଅଫ୍ କମ୍ପାନୀ ପକ୍ଷରୁ ଓଡ଼ିଶାର ୯ ଜିଲ୍ଲାରେ ସ୍ୱର୍ଣ୍ଣ ଅଟୋକୁ ଶୋ' ରୁମ୍ ଖୋଲିବା ପାଇଁ ଅନୁମତି ମିଳିଛି। ଟ୍ରକ୍ କ୍ଷେତ୍ରରେ ଦୁଇ ଟନ୍‌ରୁ ଆରମ୍ଭ କରି ୫୫ ଟନ୍ ଓ ବସ୍‌ଗୁଡିକ ୧୦ ସିଟ୍‌ରୁ ଆରମ୍ଭ କରି ୫୧ ସିଟ୍ ପର୍ଯ୍ୟନ୍ତ ଏହି ଶୋରୁମ୍‌ରେ ଉପଲବ୍ଧ ହେବ। ଅନ୍ୟ ସବୁ ଟ୍ରକ୍ ବସ୍ ତୁଳନାରେ ଏହା ଅଧିକ ମାଇଲେଜ୍ ଦେବ ବୋଲି ନିର୍ଦ୍ଦେଶକ କହିଛନ୍ତି।

## ୨୩ତମ ଭାରତ ପ୍ରତିଭା ସମ୍ମାନ ସମାରୋହ

କଟକ,୩୧।୮

ସ୍ୱଳ୍ପ ପୁଞ୍ଜିକୁ ନେଇ ଜଣେ ଓଡ଼ିଆ ଏଭଳି ଏକ ପରିଚୟ ସୃଷ୍ଟି ସାଙ୍ଗକୁ ଦେଶ ବିଦେଶରେ ମଧ୍ୟ ନିଜର ସାମ୍ରାଜ୍ୟ ବିସ୍ତାର କରିପାରିଛନ୍ତି। କେବଳ ଯେ ଖାଲି ପରିଚୟ ନୁହେଁ, ଲକ୍ଷାଧିକ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିଯୁକ୍ତି ମଧ୍ୟ ଦେଇଛନ୍ତି। ଏହା ଆମ ପାଇଁ ଗୌରବର ବିଷୟ ବୋଲି ୨୩ ତମ ଭାରତ ମସଲା ପ୍ରତିଭା ସମ୍ମାନ ସମାରୋହରେ ଯୋଗଦେଇଥିବା ଅତିଥିମାନେ ଏଭଳି ମତପ୍ରକାଶ କରିଛନ୍ତି। ଉକ୍ତ ସମାରୋହକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲା ବେଳେ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, ଦେବୀ ପ୍ରସାଦ ମିଶ୍ର, କଟକ ମେୟର ସୁବାସ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିମାନେ ପାରା ଅଲିମ୍ପିୟାନ ପ୍ରମୋଦ ଭଗତଙ୍କୁ ଭାରତ ଗୌରବ ଉପାଧିରେ ସମ୍ମାନିତ କରିଥିଲେ। ଘୋଷକ ଶରଣାର ବିନ୍ଦ ଓଝା ସଂଯୋଜନାରେ କଟକ ଜିଲା ବାରଙ୍ଗ ଥାନା ରାମଦାସପୁରସ୍ଥିତ ଭାରତ ମସଲା କମ୍ପାନୀ ପରିସରରେ ଅନୁଷ୍ଠିତ ଏକ ରଙ୍ଗାରଙ୍ଗ ଉତ୍ସବରେ ଅଧ୍ୟକ୍ଷତା କରି ସୁରେନ୍ଦ୍ରନାଥ ପଣ୍ଡା ତାଙ୍କ ଅତୀତର ସ୍ମୃତିକୁ ମନେପକାଇବା ସହ ଜଗନ୍ନାଥଙ୍କ ମାଟିରେ ଜନ୍ମିତ ବ୍ୟକ୍ତି କେବେ ଦୁର୍ବଳ ନୁହନ୍ତି ବୋଲି କହିଥିଲେ। ଓଡ଼ିଶା ମାଟିରେ ଜନ୍ମହୋଇ ଦେଶ ବିଦେଶରେ ସୁନାମ ଅର୍ଜନ କରୁଥିବା ପ୍ରତିଭାମାନଙ୍କୁ ବର୍ଷ ବର୍ଷ ଧରି ସମ୍ମାନ ଦେଇ ପୂଜ୍ୟପୂଜାର ପରମ୍ପରାକୁ ଅକ୍ଷୁଣ୍ଣ ରଖିଛୁ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି।



## ଲାଇଫ୍‌ଷ୍ଟାଇଲରେ ଅଟମ୍-ୱିଣ୍ଟର କଲେକ୍ସନ

ଭୁବନେଶ୍ୱର,୩୧।୮

ଦେଶର ପ୍ରମୁଖ ଫ୍ୟାଶନ ପ୍ରତିଷ୍ଠାନ ଲାଇଫ୍‌ଷ୍ଟାଇଲ ପକ୍ଷରୁ ଅଟମ୍-ୱିଣ୍ଟର କଲେକ୍ସନର ଶୁଭାରମ୍ଭ କରାଯାଇଛି। ଏହି କଲେକ୍ସନରେ ଫ୍ୟାଶନ-ଫର୍‌ୱାର୍ଡ ଓ କଣ୍ଟେମ୍ପରାରି ପିସ୍ ଆଦି ସାମିଲ ରହିଛି। ଏପରିକି ଉକ୍ତ କଲେକ୍ସନରେ ପାଷ୍ଟେଲ୍ ଓ ପେଣ୍ଟର୍‌ଲି ଫ୍ଲୋରାଲରେ ଏକ ନୂଆ ରେଞ୍ଜର ଟ୍ରେଣ୍ଡି ଓ କଣ୍ଟେମ୍ପରାରି ଏଥ୍‌ନିକ୍ ୱେର ରହିଛି। ଏହା ଭାରତୀୟ ଡିଜାଇନର ସ୍ପେସ୍‌ରୁ ଅନୁପ୍ରାଣିତ ହୋଇଛି, ଯାହା ଚଳିତ ଋତୁରେ ଆପଣଙ୍କର ପାର୍ବଣଗୁଡିକୁ ଗ୍ଲାମ୍ ଅପ୍ କରିବ। ଏହି ନୂଆ କଲେକ୍ସନ ଉଭୟ ପୁରୁଷ ଓ ମହିଳା ପୋଷାକ ବର୍ଗରେ ସ୍ୱତନ୍ତ୍ର ଓ କଣ୍ଟେମ୍ପରାରି ଟ୍ରେଣ୍ଡଗୁଡିକର ପ୍ରତିଶ୍ରୁତି ଦେଉଛି। ମହିଳା ଶପରମାନେ ନିଶ୍ଚିତ ରୂପେ ରୋଚକପୂର୍ଣ୍ଣ ସିଲ୍‌ହୌଟେ ଥିବା ପପ୍ ଡ୍ରେସ୍‌ଗୁଡିକ ଦ୍ୱାରା ଆନନ୍ଦିତ ହେବେ ଏବଂ ଅମ୍ବ୍ରେ ସିକ୍ୱିନ୍‌ସ, ମେଟାଲିକ୍ ଟ୍ରିମ୍ ଓ କୋର୍‌ସେଟ୍ ସହ ଚିକ୍ ପାର୍ଟିୱେରକୁ ହାସଲ କରିପାରିବେ। ସେହିଭଳି ପୁରୁଷଙ୍କ ପାଇଁ ଏଠାରେ ରିଫ୍ଲେକ୍ଟିଭ୍ ପ୍ରିଣ୍ଟ ଓ ଇଣ୍ଟରାକ୍ଟିଭ୍ ଟେକ୍ସଟ୍ ସହ ଟି ରହିଛି, ଯାହାକୁ ପପ୍ ଗ୍ରାଫିକ୍ସ ସହ ସ୍କେଟର ଷ୍ଟାଇଲ୍ ଜିନ୍ସ ସହ ଷ୍ଟାଇଲିଶ୍ ଭାବେ ପେୟାର କରାଯାଇପାରିବ।

ଏ ସମ୍ପର୍କରେ ଲାଇଫ୍‌ଷ୍ଟାଇଲର ମାର୍କେଟିଂ ବିଭାଗର ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ରୋହିଣୀ ହାଲ୍‌ଡିଆ କହିଛନ୍ତି, ଲାଇଫ୍‌ଷ୍ଟାଇଲରେ ଆମେ ପ୍ରତ୍ୟେକ ସିଜନ୍ ସହ ବିକଶିତ ହେବା ଓ ଆମର କଲେକ୍ସନକୁ ଉନ୍ନତ କରିବାରେ ବିଶ୍ୱାସ ରଖିଥାଉ। ଆମର ନୂଆ ଅଟମ୍/ୱିଣ୍ଟର୍ କଲେକ୍ସନ ବିଭିନ୍ନ ଟ୍ରେଣ୍ଡ ସହ ଫ୍ୟାଶନ ପରିମାଣକୁ ବୃଦ୍ଧି କରୁଛି। ଏହା ଆମ ଉପଭୋକ୍ତାଙ୍କୁ ଏହି ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟଗୁଡିକୁ ବାଧାହୀନ ଭାବେ ପ୍ରଦର୍ଶିତ କରିବାକୁ ଅନୁପ୍ରାଣିତ କରିବ। ନୂଆ କଲେକ୍ସନର ଶୁଭାରମ୍ଭ ସହ ଆମେ ଆମର ଗ୍ରାହକଙ୍କୁ ଆମର ଷ୍ଟୋର୍ ଓ ଅନ୍‌ଲାଇନରେ ଏହି କଲେକ୍ସନକୁ ଏକ୍ସପ୍ଲୋର୍ କରିବା ପାଇଁ ଆମନ୍ତ୍ରିତ କରୁଛୁ।

ଫୁରସତ୍

# ବିଶ୍ୱର ଅଧା ହସ୍ପିଟାଲରେ ସ୍ୱଚ୍ଛତାର ଅଭାବ: ଜାତିସଂଘ

ଜେନେଭା

ବିଶ୍ୱର ଅଧା ହସ୍ପିଟାଲରେ ଚିକିତ୍ସା କ୍ଷେତ୍ରରେ ଜରୁରୀ ସ୍ୱଚ୍ଛତା ଆପଣାଯାଉ ନାହିଁ। ଏଥିଯୋଗୁ ପ୍ରାୟ ୪ ବିଲିୟନ୍ ଲୋକ ସଂକ୍ରମିତ ହେବା ଆଶଙ୍କା ସୃଷ୍ଟି ହୋଇଛି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି। ଏହି ସ୍ୱାସ୍ଥ୍ୟସେବା ସୁବିଧାରେ ରୋଗୀଙ୍କ ପାଇଁ ପାଣି ଓ ସାବୁନ କିମ୍ବା ହ୍ୟାଣ୍ଡୱାଶ୍‌ର ବ୍ୟବସ୍ଥା କରାଯାଇ ନାହିଁ। ଏପରିକି ଟଏଲେଟ୍ ବ୍ୟବସ୍ଥା ମଧ୍ୟ ନାହିଁ। ପ୍ରାୟ ୩.୮୫ ବିଲିୟନ ଲୋକ ଏହି ହସ୍ପିଟାଲଗୁଡ଼ିକୁ ଚିକିତ୍ସା ପାଇଁ ଆସୁଥିବାରୁ ସେମାନେ ସଂକ୍ରମିତ ହେବା ଆଶଙ୍କା ଉପୁଜିଛି। ସେମାନଙ୍କ ମଧ୍ୟରୁ ୬୮୮ ନିୟୁତ ଲୋକ ପରିଚ୍ଛନ୍ନ ସେବା ଆଦୌ ପାଇ ନ ଥାନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ୟୁନିସେଫ୍ ପକ୍ଷରୁ ଆୟୋଜିତ ଏକ ମିଳିତ କାର୍ଯ୍ୟକ୍ରମରେ କୁହାଯାଇଛି।

ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ମିଳୁଥିବା ସୁବିଧା ଓ ଚିକିତ୍ସାର ସ୍ୱଚ୍ଛତାରେ ଆଦୌ ସାଲିସ୍ କରାଯାଇପାରିବ ନାହିଁ ବୋଲି ଡବ୍ଲ୍ୟୁଏଚ୍‌ଓର ମାରିଆ ନେଇରା କହିଛନ୍ତି। ମହାମାରୀରୁ ଆରୋଗ୍ୟ, ନିରାକରଣ ଓ ମୁକାବିଲା ପ୍ରସ୍ତୁତି ପାଇଁ ଏଥିରେ ଉନ୍ନତି କରାଯିବା ଜରୁରୀ। ସ୍ୱଚ୍ଛଜଳ, ପରିଚ୍ଛନ୍ନ ପାଇଖାନା ଓ ହସ୍ପିଟାଲଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁର ସୁରକ୍ଷିତ ପରିଚାଳନା ଭଳି ମୌଳିକ କ୍ଷେତ୍ରରେ ନିବେଶ ନ ବଢ଼ାଇଲେ ସ୍ୱଚ୍ଛତା ହାସଲ କଷ୍ଟକର। ୪୦ ଦେଶରୁ ସଂଗୃହୀତ ତଥ୍ୟ ହସ୍ପିଟାଲଗୁଡ଼ିକର ବିପଜ୍ଜନକ ଚିତ୍ରକୁ ଦର୍ଶାଉଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଏଭଳି ଅବ୍ୟବସ୍ଥା ଯୋଗୁ ଗର୍ଭବତୀ ମା, ନବଜାତ ଶିଶୁମାନେ ମୃତ୍ୟୁ ଆଡ଼କୁ ଠେଲି ହୋଇଯାଉଛନ୍ତି। ପ୍ରତିବର୍ଷ ପ୍ରାୟ ୬ଲକ୍ଷ ୭୦ ହଜାର ନବଜାତ ଶିଶୁ ଏହି କାରଣରୁ ପ୍ରାଣ ହରାଉଥିବା ଏଥିରେ ଉଲ୍ଲେଖ କରାଯାଇଛି। ସାରା ବିଶ୍ୱ କଥା ଦେଖିଲେ ସହରାଞ୍ଚଳରେ ୩% ଓ ଗ୍ରାମାଞ୍ଚଳରେ ୧୧% ହସ୍ପିଟାଲକୁ ଜଳଯୋଗାଣ ବ୍ୟବସ୍ଥା କରାଯାଇ ନାହିଁ। ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା କରା ନ ଯିବା କାରଣରୁ ହସ୍ପିଟାଲ ପରିବେଶ ଖରାପ ହେବାରେ ଲାଗିଛି ବୋଲି ଜାତିସଂଘ ନିଜ ରିପୋର୍ଟରେ ଉଦ୍‌ବେଗ ପ୍ରକାଶ କରିଛି।



# କମ୍ ନମ୍ବର ଦେବାରୁ ଶିକ୍ଷକଙ୍କୁ ପିଟିଲେ ଛାତ୍ର

ରାଞ୍ଚି

ଛାତ୍ରୀଛାତ୍ର ଶ୍ରେଣୀରେ ପାଠ ନ ପଢ଼ିଲେ ଶିକ୍ଷକ ସେମାନଙ୍କୁ ମାଡ଼ ମାରି ସାବାଡ଼ କରନ୍ତି। କିନ୍ତୁ ଝାଡ଼ଖଣ୍ଡର ଦୁମକାରେ ଏହାର ଠିକ୍ ବିପରୀତ ଘଟଣା ଘଟିଛି। ଛାତ୍ରମାନେ ଶିକ୍ଷକ ସୁମନ କୁମାରଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିବା ଘଟଣା ସାମ୍ନାକୁ ଆସିଛି। ଗୋପୀକାନ୍ଦର ପୋଲିସ ଷ୍ଟେଶନ୍ ଅଧୀନରେ ଥିବା ଅନୁସୂଚିତ ଜନଜାତି ଆବାସିକ ବିଦ୍ୟାଳୟରେ ପାଠ ପଢୁଥିବା ୯ମ ଶ୍ରେଣୀ ଛାତ୍ରମାନେ ଏହି କାଣ୍ଡ ଭିଆଇଛନ୍ତି। ୯ମ ଶ୍ରେଣୀରେ ପଢୁଥିବା ମୋଟ ୩୨ ଜଣଙ୍କ ମଧ୍ୟରୁ ୧୧ ଜଣ ଗଣିତରେ ଫେଲ୍ ହୋଇଥିଲେ। ଶିକ୍ଷକ ଛାତ୍ରଙ୍କୁ ଜାଣିଶୁଣି ଡବଲ ଡି ଗ୍ରେଡ୍ (ଫେଲ୍) ଦେବା ଅଭିଯୋଗ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ଥିବା ଛାତ୍ର ଶିକ୍ଷକ ଓ ସ୍କୁଲର ଜଣେ କ୍ଲର୍କ ସୋନେରାମ ଚୌରେଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସମ୍ପୃକ୍ତ ଶିକ୍ଷକ ଓ ସ୍କୁଲ କର୍ମଚାରୀଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଉଦ୍ଧାର କରିଥିଲେ। ଘଟଣାରେ ସମ୍ପୃକ୍ତ ଛାତ୍ର କିମ୍ବା ଘଟଣା ସମ୍ପର୍କରେ କୌଣସି ପ୍ରକାର ଅଭିଯୋଗ ହୋଇ ନ ଥିବା ସ୍ଥାନୀୟ ପୋଲିସ କହିଛି। ସମ୍ପୃକ୍ତ ଶିକ୍ଷକ ଜଣକ ପୂର୍ବରୁ ସ୍କୁଲର ପ୍ରଧାନ ଶିକ୍ଷକ ପଦରେ ଥିବାବେଳେ ତାଙ୍କୁ ପଦରୁ ବାହାର କରାଯାଇଥିଲା।



## ପୁଅର ମୃତଦେହ ସହ ୪ ଦିନ

**ଚଣ୍ଡିଗଡ଼:** ପଞ୍ଜାବ ମୋହାଲିରେ ଜଣେ ୮୨ ବର୍ଷୀୟ ବ୍ୟକ୍ତି ତାଙ୍କ ପୁଅର ମୃତଦେହ ସହ ୪ ଦିନ କାଟିଛନ୍ତି। ଘର ଭିତରୁ ଦୁର୍ଗନ୍ଧ ଆସିବା ପରେ ପଡ଼ୋଶୀମାନେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଘରୁ ପୋଲିସକୁ ପୁଅ ସୁଖବିନ୍ଦରଙ୍କ ମୃତଦେହ ମିଳିଥିଲା। ଗଳିତ ମୃତଦେହ ନିକଟରେ ବୃଦ୍ଧ ବାପା ବସିଥିବା ପୋଲିସ ଦେଖିଥିଲା। ବୃଦ୍ଧ ବଲବିନ୍ଦର ସିଂ ସାବତ ପୁଅ ସୁଖବିନ୍ଦରଙ୍କ ସହ ଏକାକୀ ସେ ଘରେ ରହୁଥିଲେ। ବାର୍ଦ୍ଧକ୍ୟ କାରଣରୁ ବଲବିନ୍ଦର କଥା କହିବାକୁ ଅସମର୍ଥ ଥିବାବେଳେ ପୁଅର ମୃତ୍ୟୁ ବାବଦରେ ସେ କିଛି ଜାଣି ନ ଥିଲେ। ସୁଖବିନ୍ଦରଙ୍କୁ ଛାଡ଼ିଦେଲେ ତାଙ୍କର ଆଉ କୌଣସି ସନ୍ତାନ ନ ଥିଲେ। ବାପ-ପୁଅ ଅଧିକାଂଶ ସମୟ ଘର ଭିତରେ ରହୁଥିବାବେଳେ ପାଖପଡ଼ୋଶୀଙ୍କ ସହ ସେମାନଙ୍କର କୌଣସି ପ୍ରକାର କଥାବାର୍ତ୍ତା ନ ଥିଲା। ପୋଲିସ ବୃଦ୍ଧଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇ ଦେଇଛି।



ଦିୟା ମିର୍ଜା

# ଜୀବନର ଅର୍ଥ ବୁଝାଇଛନ୍ତି ବାପା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦିୟା ମିର୍ଜାଙ୍କ ପ୍ରେରଣା ହେଉଛନ୍ତି ତାଙ୍କ ସାବତ ବାପା ଅହମଦ ମିର୍ଜା। ନିକଟରେ ଦିୟା ଏକ ସାକ୍ଷାତ୍‌କାରରେ ଏହା କହିଛନ୍ତି। ବାପା ଅହମଦଙ୍କୁ ସେ ଖୁବ୍ ପସନ୍ଦ କରୁଥିବାବେଳେ ସେ ତାଙ୍କୁ ଜୀବନର ଅର୍ଥ କ'ଣ ତାହା ବୁଝାଇଥିବା ପ୍ରକାଶ କରିଛନ୍ତି। ୨୦୦୦ ମସିହାରେ ଦିୟା ଯେତେବେଳେ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଭାଗ ନେଲେ ସେହି ସମୟରେ ସେ ପ୍ରଥମ କରି ତାଙ୍କ ବାପାଙ୍କ ସଂଜ୍ଞାକୁ ବ୍ୟବହାର କରିଥିଲେ। ଦିଆଙ୍କ ମା' ଦୀପା ମିର୍ଜା ବଙ୍ଗାଳୀ ହୋଇଥିବାବେଳେ ସେ ଜର୍ମାନୀର ଫ୍ରାଙ୍କ ହେଣ୍ଡରିଚ୍‌ଙ୍କୁ ବିବାହ କରିଥିଲେ। ଦିୟାଙ୍କୁ ଯେତେବେଳେ ୯ ବର୍ଷ ବୟସ ହୋଇଥିବାବେଳେ ଫ୍ରାଙ୍କଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ଦୀପା ଅହମଦଙ୍କ ସହ ସମ୍ପର୍କରେ ଆସିଥିଲେ। କିଛିଦିନ ଏକାଠି ରହିବା ପରେ ୨୦୦୩ରେ ଅହମଦଙ୍କ ମୃତ୍ୟୁ ହୋଇଯାଇଥିଲା। ୨୦୦୧ରେ 'ରେହେନା ହେ ତେରେ ଦିଲ୍ ପେ' ଚଳଚ୍ଚିତ୍ରରେ ଦିୟା ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଶେଷଥର ପାଇଁ ଦିୟାଙ୍କୁ ୨୦୨୦ରେ ରିଲିଜ୍ ହୋଇଥିବା ଥପ୍ପଡ୍ ଫିଲ୍ମ ଜରିଆରେ ବଡ଼ ପରଦାରେ ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ସାଗରିକା ପୁନର୍ବାର ମହିଳା ବିଜେଡି ସଭାପତି

ଢେଙ୍କାନାଳ ଅଫିସ,୩୧।୮- ଢେଙ୍କାନାଳ ଜିଲାର ମହିଳା ବିଜେଡି ସଭାପତି ଭାବେ ସାଗରିକା ମିଶ୍ର ତାଙ୍କ ପଦବୀ ପୁନର୍ବାର ବଜାୟ ରଖିଛନ୍ତି। ବୁଧବାର ସାଗରିକା ଜିଲାର ମହିଳା ବିଜେଡି ସଭାପତି ହେଲେ ବୋଲି ଘୋଷଣା କରାଯାଇଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଖଣି,



ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ, ବିଧାୟକ ଡ. ନୃସିଂହ ଚରଣ ସାହୁ, ବିଧାୟକ ସୁଧୀର କୁମାର ସାମଲ ଓ ବିଧାୟିକା ସୀମାରାଣୀ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତୃଣମୂଳସ୍ତରରେ ମହିଳା ବିଜେଡି ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ସମସ୍ତ କାର୍ଯ୍ୟ କରାଯିବ ବୋଲି ସାଗରିକା ପ୍ରକାଶ କରିଛନ୍ତି।

### ଟ୍ରକ୍ ଧକ୍କାରେ ଜେଲର ଗୁରୁତର

ଭୁବନ,୩୧।୮(ଡି.ଏନ.ଏ)- ଢେଙ୍କାନାଳ ଜିଲା ଭୁବନ ଥାନା ବାଜି ରାଉତ କଲେଜ ଛକ ନିକଟରେ ବୁଧବାର ଅପରାହ୍ଣରେ ଏକ ଟ୍ରକ୍ ଧକ୍କାରେ ଯାଜପୁର ଜିଲା ରଗଡି ଜେଲ୍ ଦାୟିତ୍ୱରେ ଥିବା ଜେଲର ପ୍ରଫୁଲ୍ଲ ମହାରଣା(୩୭) ଗୁରୁତର ହୋଇଛନ୍ତି। ତାଙ୍କ ଘର କଙ୍କଡାହାଡ ଥାନା ବାଟଗାଁ ଗ୍ରାମରେ। ସେ ତାଙ୍କ ଶ୍ୱଶୁର ଘର ଭୁବନ ବ୍ଲକ ବଡଗହମପୁରକୁ ଆସିଥିଲେ। କଲେଜ ଛକଠାରେ ଜାତୀୟ ରାଜପଥ ୫୩ ପାର ହେଉଥିବା ବେଳେ ଯାଜପୁର ପଟୁ ଆସୁଥିବା ଏକ ୧୬ ଚକିଆ ଟ୍ରକ (ନଂ. ଓଡି୦୬ବି-୯୦୨) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ସକାଳେ ପାଳିଲେ, ସନ୍ଧ୍ୟାରେ ବାତିଲ



ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଖବରଦାତା ସମ୍ମିଳନୀ



ଉପାଧ୍ୟକ୍ଷଙ୍କ ସହ ବିଜେଡି କାଉନସିଲରମାନେ

ଢେଙ୍କାନାଳ ଅଫିସ,୩୧।୮

- ଢେଙ୍କାନାଳ ପୌର ଇତିହାସରେ ପ୍ରଥମ ଘଟଣା
- କାର୍ଯ୍ୟକ୍ରମର ଅଧଘଣ୍ଟା ପୂର୍ବରୁ ପୌରାଧ୍ୟକ୍ଷାଙ୍କ ବର୍ଜନ ଘୋଷଣା
- ପଟ୍ଟା ଓ ଭତ୍ତା ନେବାକୁ ଆସିଥିବା ହିତାଧିକାରୀ ଫେରିଲେ

ଢେଙ୍କାନାଳ ପୌରସଂସ୍ଥାରେ ସକାଳେ ସ୍ୱାୟତ୍ତ ଶାସନ ଦିବସ ପାଳନ ହେଲା। ହେଲେ ସନ୍ଧ୍ୟା କାର୍ଯ୍ୟକ୍ରମ ଉଦ୍‌ଘାଟନର ଅଧଘଣ୍ଟା ପୂର୍ବରୁ ହଠାତ୍ କେଁ ପଶିଗଲା। ସନ୍ଧ୍ୟା ଉତ୍ସବକୁ ବର୍ଜନ କରିବେ ବୋଲି ପୌରାଧ୍ୟକ୍ଷା ଭାଜପାର ଜୟନ୍ତୀ ପାତ୍ର ଅପରାହ୍ଣ ୫ଟାରେ ଖବରଦାତା ସମ୍ମିଳନୀରେ ଘୋଷଣା କରିବା ପରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତଙ୍କ ପକ୍ଷରୁ ସନ୍ଧ୍ୟା ଉତ୍ସବକୁ ବାତିଲ କରିଦିଆଗଲା। ଫଳରେ ଜମି ପଟ୍ଟା ଓ ଭତ୍ତା ନେବାକୁ ଆସିଥିବା ହିତାଧିକାରୀମାନଙ୍କୁ ଫେରିବାକୁ ପଡ଼ିଲା। ଢେଙ୍କାନାଳ ପୌର ଇତିହାସରେ ଏପରି ଘଟଣା ପ୍ରଥମ ହୋଇଥିବା ବେଳେ ବୁଧବାର ଏହା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ପୌରସଂସ୍ଥାରେ ପୁଣିଥରେ ଭାଜପା-ବିଜେଡି କଳି ଉଗ୍ରରୂପ ନେଇଥିବା ସାଧାରଣରେ ଆଲୋଚନା ହେଉଛି।

ପ୍ରକାଶ ଯେ, ସନ୍ଧ୍ୟା ସାଢ଼େ ୫ଟାରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଏକ ଉତ୍ସବ ପାଳନ ପାଇଁ ପୌରପାଳିକା ପକ୍ଷରୁ ପ୍ରସ୍ତୁତି କରାଯାଇଥିଲା। ଏହି ଉତ୍ସବରେ ଏମ୍‌ପି, ବିଧାୟକ, ଜିଲାପାଳ ପ୍ରମୁଖଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ପୂର୍ବତନ ପୌରାଧ୍ୟକ୍ଷା, ପୌରାଧ୍ୟକ୍ଷ ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ଉଦ୍ଦେଶ୍ୟରେ ନିମନ୍ତ୍ରଣ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ଉତ୍ସବ ସ୍ଥଳକୁ ଆସିଯାଇଥିଲେ। ଭତ୍ତା ଓ ଜମି ପଟ୍ଟା ନେବାକୁ ମଧ୍ୟ ହିତାଧିକାରୀ ପହଞ୍ଚିଥିଲେ। ହେଲେ ଅପରାହ୍ଣ ୫ଟାରେ ପୌରାଧ୍ୟକ୍ଷା ପାତ୍ର ସ୍ଥାନୀୟ ମୀନାବଜାର ଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଉତ୍ସବକୁ ବର୍ଜନ କରୁଥିବା ଘୋଷଣା କରିଥିଲେ। ପୌରାଧ୍ୟକ୍ଷା କହିଥିଲେ, ସ୍ୱାୟତ୍ତ ଶାସନ ଦିବସରେ ଚଳିତବର୍ଷ ଅନେକ ନୀତି ନିୟମକୁ ଜଳାଞ୍ଜଳି ଦିଆଯାଇଛି। ସେଥିରେ ପକ୍ଷଭୁକ୍ତ ନ ହେବାକୁ ସ୍ପଷ୍ଟ କରୁଛି। ସ୍ୱାୟତ୍ତ ଶାସନ ଦିବସରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସମ୍ପର୍କରେ ଜନସାଧାରଣଙ୍କୁ ଅନ୍ଧାରରେ ରଖାଯାଇଛି। ପ୍ରକଳ୍ପ ଗୁଡିକରେ ଏମ୍‌ପି କିମ୍ବା ବିଧାୟକ ପାଣ୍ଠିରୁ ଅର୍ଥ ଉପଯୋଗ ହୋଇ ନ ଥିଲେ ମଧ୍ୟ ଶିଳାନ୍ୟାସ, ଉଦ୍‌ଘାଟନ ସୂଚନା ଫଳକରେ ସେମାନଙ୍କ ନାମ ଉଲ୍ଲେଖ ପାଇଁ ଚାପ ପ୍ରୟୋଗ କରାଯାଉଛି । ଏହା ନ ହେଲେ ଫଳକ ଭାଙ୍ଗିଦେବୁ ବୋଲି ଉପାଧ୍ୟକ୍ଷଙ୍କ ପକ୍ଷରୁ ଧମକ ଦିଆଯାଉଛି। ଇ-ରିକ୍ସା ଶୁଭାରମ୍ଭ ହେବାକୁ ଥିବା ବେଳେ ଏହା ବର୍ତ୍ତମାନ ସୁଦ୍ଧା ଆସିନାହିଁ। ବାଟରେ ସେଲ୍‌ଟାକ୍ସ ଚଢାଉ ହୋଇଥିବା ସୂଚନା ମିଳିଛି। ବିଧାୟକ ଓ ବିଜେଡି କାଉନସିଲରଙ୍କ ସଂଖ୍ୟା ଗରିଷ୍ଠତା ଚାପରେ ଏଭଳି ବ୍ୟତିକ୍ରମ ହେଉଛି। ତେଣୁ ସାନ୍ଧ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରୁଥିବା ପୌରାଧ୍ୟକ୍ଷା କହିଥିଲେ। ତାଙ୍କ ସହ ଭାଜପା ନେତା ରାମଚନ୍ଦ୍ର ପାତ୍ର ଏବଂ ଦଳର ୯ଜଣ କାଉନସିଲର ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କାର୍ଯ୍ୟକ୍ରମ ପାଇଁ ପୌରସଂସ୍ଥାରେ ଉପାଧ୍ୟକ୍ଷ ବିଜେଡିର ପ୍ରକାଶ କୁଅଁରଙ୍କ ସମେତ ଦଳର ୧୪ କାଉନସିଲର ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପୌର ଉପାଧ୍ୟକ୍ଷ କୁଅଁର କହିଛନ୍ତି, ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ଉତ୍ସବ ଆୟୋଜନ ପାଇଁ ପୌରାଧ୍ୟକ୍ଷା କୌଣସି ପ୍ରସ୍ତୁତି ବୈଠକ କଲେନାହିଁ। ସମସ୍ତ ଅନୁଦାନ ରାଜ୍ୟ ସରକାରଙ୍କର। ଏମ୍‌ପି, ବିଧାୟକ, ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଓ କାଉନସିଲରମାନଙ୍କ ସମ୍ମାନ ରହିଛି। ଲୋକମାନେ ଆମକୁ ସେବା ପାଇଁ ନିର୍ବାଚିତ କରିଛନ୍ତି। ଏଠି ବିଜେଡି-ଭାଜପା ରାଜନୀତି ନ କରି ଲୋକଙ୍କ ସେବା କରିବା ଉଚିତ। ସକାଳେ ପୌର କାର୍ଯ୍ୟାଳୟରେ ବିଜେଡି, ଭାଜପା କାଉନସିଲରଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ ହେଲା। ଏକାଠି ହୋଇ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଗଲା। ହେଲେ ହଠାତ୍ ସାନ୍ଧ୍ୟ ଉତ୍ସବ ପୂର୍ବରୁ କିପରି ନିଷ୍ପତ୍ତି ବଦଳିଗଲା। ଢେଙ୍କାନାଳ ଜନସାଧାରଣଙ୍କ ମୁହଁରେ ପୌରାଧ୍ୟକ୍ଷା ଯେଉଁ ଚାପୁଡା ମାରିଛନ୍ତି, ଲୋକେ ତାହାର ଜବାବ ଆଗାମୀ ଦିନରେ ଦେବେ ବୋଲି ଉପାଧ୍ୟକ୍ଷ କୁଅଁର ପ୍ରକାଶ କରିଛନ୍ତି। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ କହିଛନ୍ତି, ପୌର ଇତିହାସର ପ୍ରାୟ ୭୧ବର୍ଷ ମଧ୍ୟରେ ଏଭଳି ଘଟଣା କେବେ ଘଟି ନ ଥିଲା। ଏହି ଘଟଣା ପୌରାଞ୍ଚଳବାସୀଙ୍କୁ ଚକିତ କରିଛି। ପୌର ନିର୍ବାହୀ ଅଧିକାରୀ ସାମନ୍ତ କହିଛନ୍ତି, ସକାଳେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ ସମସ୍ତ କାଉନସିଲର ଓ ପୌର କର୍ମଚାରୀଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ ହେଲା। କିନ୍ତୁ ସନ୍ଧ୍ୟା ଉତ୍ସବ ଅନିବାର୍ଯ୍ୟ କାରଣରୁ ସ୍ଥଗିତ ହୋଇଗଲା। ଯେହେତୁ ପୌର ପରିଷଦ ଅଟୋନୋମସ ବଡି ଏଥିରେ ସମସ୍ତ କାର୍ଯ୍ୟ ପୌରାଧ୍ୟକ୍ଷାଙ୍କ ଦ୍ୱାରା ହେଉଛି। ଏମ୍‌ପି, ବିଧାୟକ କିମ୍ବା ପ୍ରଶାସନର ଚାପ ନାହିଁ। ବରଂ ସହଯୋଗ ମିଳୁଛି। ଇ-ରିକ୍ସା ନେଇ ଏଜେନ୍ସି ପହଞ୍ଚିପାରି ନାହାନ୍ତି। ଆସନ୍ତା ଦୁଇଦିନ ମଧ୍ୟରେ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଆୟୋଜନ କରି ଭତ୍ତା, ପଟ୍ଟା, ଆବାସ ଗୃହ ବଣ୍ଟନ କରାଯିବ।



ତାଳଚେରର କଳିଙ୍ଗ ବଜାରଠାରେ ହୋଇଥିବା ଗଣେଶ ମେଢ଼।




ଢେଙ୍କାନାଳ ସହରସ୍ଥିତ ଜବାହାରଚୌକଠାରେ ହୋଇଥିବା ଗଣେଶ ପୂଜା।

# ବିକାଶ କ୍ଷେତ୍ରରେ ଆଗେଇ ଚାଲିଛି କାମାକ୍ଷାନଗର

କାମାକ୍ଷାନଗର,୩୧।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିରେ ବୁଧବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ନଗରପାଳ ଧର୍ମାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏନ୍‌ଏସି କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରିଥିଲେ। କାମାକ୍ଷାନଗର ବିକାଶ କ୍ଷେତ୍ରରେ ଆଗେଇ ଚାଲିଛି। ସମସ୍ତଙ୍କ



ସହଯୋଗ ରହିଲେ ଆଗକୁ ଆହୁରି ବିକାଶ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ପରେ ମନ୍ତ୍ରୀ ମଲ୍ଲିକ ମଳ ପରିଚାଳନା କେନ୍ଦ୍ର, ଷ୍ଟାଡିୟମ ଉନ୍ନତୀକରଣ, ମୁଣ୍ଡିଦେଉଳିଠାରେ ଥିବା ନଡିଆ ପୋଖରୀର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଦି ପ୍ରକଳ୍ପର ଉଦ୍‌ଘାଟନ କରିବା ପରେ ମେଡିକାଲରେ ଫଳ ବଣ୍ଟନ କରିଥିଲେ। ଅପରାହ୍ଣରେ ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ବିଭିନ୍ନ କାର୍ଯ୍ୟରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଓ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ନିରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ। ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଉପନଗରପାଳ ଶକୁନ୍ତଳା ସେଠୀ ଉପସ୍ଥିତ ଥିଲେ। ହାସ୍ୟ ଅଭିନେତା ପପୁ ପମ୍‌ପମ୍, ଅଶ୍ୱିନୀ, ପ୍ରେରଣାଙ୍କ ଅଭିନୟ ଓ କଣ୍ଠଶିଳ୍ପୀ ସ୍ୱୟଂ ଦ୍ୱିବେଦୀଙ୍କ ସଙ୍ଗୀତରେ ଦର୍ଶକମାନେ ଝୁମିଥିଲେ।

# ପର୍ଯ୍ୟାୟ କ୍ରମେ ବିକାଶମୂଳକ କାର୍ଯ୍ୟ କରାଯିବ

ଆଠମଲ୍ଲିକ, ୩୧।୮(ଡି.ଏନ.ଏ.)

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସକାଳ ୭ଟାରେ କାର୍ଯ୍ୟାଳୟ ପରିସରରେ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ଓ ପୌର କର୍ମଚାରୀଙ୍କ ଉପସ୍ଥିତିରେ ଅଧ୍ୟକ୍ଷା ଆଶାକୁମାରୀ ସାହୁ ପତାକା ଉତ୍ତୋଳନ କରିଥିଲେ। ପର୍ଯ୍ୟାୟକ୍ରମେ ସହରାଞ୍ଚଳରେ ବିକାଶ ମୂଳକ କାର୍ଯ୍ୟ



କରାଯିବ ବୋଲି ଏହି ଅବସରରେ ଅଧ୍ୟକ୍ଷା କହିଥିଲେ। ପରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ୱାର୍ଡର ଅଭିଯୋଗ ପ୍ରକୋଷ୍ଠରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଡାକ୍ତରଖାନା ଓ ବାଳାଶ୍ରମ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟାଳୟ ପରିସରରେ କର୍ମଚାରୀ ଓ ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା।

# ପଦାରେ ପଡ଼ିଲା ତାଳଚେର ପୌର ବିବାଦ

ତାଳଚେର, ୩୧।୮ (ନି.ପ୍ର.)

- ଉତ୍ସବକୁ ଆସିଲେନି ନଗରପାଳ, ବିଜେଡି କାଉନସିଲର
- ପତାକା ଉତ୍ତୋଳନ କଲେ ନିର୍ବାହୀ ଅଧିକାରୀ

ତାଳଚେର ପୌର ପରିଷଦରେ କିଛି ଠିକ୍‌ଠାକ୍ ଚାଲିନାହିଁ। କାରଣ ବୁଧବାର ସ୍ୱାୟତ୍ତ ଶାସନ ଦିବସ ପାଳନ ଉତ୍ସବରେ ନଗରପାଳ ପବିତ୍ର ଭୂତିଆ ଓ ବିଜେଡିର ୧୮ କାଉନସିଲରଙ୍କୁ ଦେଖିବାକୁ ମିଳିଲାନାହିଁ। ଭାଜପା କାଉନସିଲରମାନଙ୍କ ଉପସ୍ଥିତିରେ ନିର୍ବାହୀ ଅଧିକାରୀ ରଶ୍ମି ରେଖା ଅମାନ୍ତ ପତାକା ଉତ୍ତୋଳନ କରିଛନ୍ତି। ସ୍ୱାୟତ୍ତ ଶାସନ ଦିବସରେ ଏପରି ଘଟଣା ପୌରାଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଠିକ୍ ଭାବେ ନିମନ୍ତ୍ରଣ କରାଯାଇ ନ ଥିବା କହି ନଗରପାଳ ନିର୍ବାହୀ ଅଧିକାରୀଙ୍କ ଉପରକୁ ଦୋଷ ଠେଲିଥିବାବେଳେ ଡକାଯାଇଥିଲେ ବି ନଗରପାଳ ଓ ବିଜେଡି କାଉନସିଲରମାନେ ଆସି ନ ଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ୧୯୫୨ ମମସିହାରେ ପ୍ରତିଷ୍ଠା ହୋଇଥିବା ତାଳଚେର ପୌରପରିଷଦକୁ ୭୦ ବର୍ଷ ପୂରିଯାଇଛି। ତେଣୁ ୭୧ତମ ଜନ୍ମ ଦିବସ ପାଳନ ପାଇଁ ପ୍ରସ୍ତୁତି ହୋଇଥିଲା। ଆଇନ ଅନୁଯାୟୀ ମୁଖ୍ୟ ଭାବେ ନଗରପାଳ ହିଁ ପୌର ପରିଷଦରେ ପତାକା ଉତ୍ତୋଳନ କରିବା କଥା। କିନ୍ତୁ ଜନ୍ମ ଦିବସ ପାଳନ ଉତ୍ସବକୁ ନଗରପାଳ ଭୂତିଆଙ୍କ ସମେତ ବିଜେଡିର ୧୮ ଜଣ କାଉନସିଲର ଆସି ନ ଥିଲେ। ଫଳରେ ଭାଜପାର କାଉନସିଲର ଓ ପୌର କର୍ମଚାରୀଙ୍କ ଉପସ୍ଥିତିରେ ନିର୍ବାହୀ ଅଧିକାରୀ ଅମାନ୍ତ ପତାକା ଉତ୍ତୋଳନ କରିଥିଲେ। ଏପରି କି ମାତ୍ର ୧୦ ମିନିଟ ମଧ୍ୟରେ ଜନ୍ମଦିବସ ପାଳନ କାର୍ଯ୍ୟକ୍ରମ ଶେଷ କରିଦିଆଯାଇଥିଲା। ଏ ସମ୍ପର୍କରେ ନଗରପାଳ ଭୂତିଆ କହିଛନ୍ତି, କରୋନା ପାଇଁ ଗତ ୨ ବର୍ଷ ହେଲା ଏହି କାର୍ଯ୍ୟକ୍ରମ ଠିକ୍‌ଠାକ ହୋଇ ନ ଥିଲା। ତେଣୁ ପୂର୍ବପରି ଅତିଥି ଭାବେ ଏମ୍‌ପି ଓ ସ୍ଥାନୀୟ ବିଧାୟକଙ୍କୁ ନିମନ୍ତ୍ରଣ ସହ ସହରର ଗୁରୁଜନ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରି କାର୍ଯ୍ୟକ୍ରମ କରାଯିବ ବୋଲି ପୂର୍ବରୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ନିର୍ବାହୀ ଅଧିକାରୀ ଅସହଯୋଗ କରି ଧରାଛୁଆଁ ଦେଲେନାହିଁ। ନିର୍ବାଚିତ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ ନ କରି ମଙ୍ଗଳବାର ହ୍ୱାଟ୍ସଆପ ଗ୍ରୁପ୍‌ରେ କେବଳ ଜଣାଇ ଦେଇଥିଲେ। ଏହା ଗଣତନ୍ତ୍ରକୁ ହତ୍ୟା ସଦୃଶ ବୋଲି ନଗରପାଳ ପ୍ରକାଶ କରିଛନ୍ତି। ଉପନଗରପାଳ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ କହିଛନ୍ତି, ହ୍ୱାଟ୍ସଆପ୍‌ରେ କେବଳ ମେସେଜ ଦିଆଯାଇଥିଲା। ପୌର ପରିଷଦ ପକ୍ଷରୁ ଉପଯୁକ୍ତ ସମ୍ମାନ ନ ମିଳିବା ଓ ବାରମ୍ବାର ଅପମାନିତ କରାଯାଉଥିବାରୁ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲୁ। ଏ ନେଇ ନିର୍ବାହୀ ଅଧିକାରୀ ଅମାନ୍ତ କହିଛନ୍ତି, ସ୍ୱାୟତ୍ତ ଶାସନ ଦିବସ ପାଳନ ସମ୍ପର୍କରେ ପୂର୍ବ କାଉନସିଲ ବୈଠକରେ ଆଲୋଚନା ହୋଇଥିଲା। ନଗରପାଳଙ୍କ ଗଣେଶ ପୂଜା ଥିବାରୁ ସ୍ୱାୟତ୍ତ ଶାସନ ଦିବସରେ ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ରଖାଯାଇ ନ ଥିଲା। କେବଳ ପତାକା ଉତ୍ତୋଳନ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରାଯିବ ଏବଂ ୨/୩ ଦିନ ପରେ ଶିଳାନ୍ୟାସ ଓ ଉଦ୍‌ଘାଟନ ପର୍ବ ହେବ ବୋଲି ଆଲୋଚନା ହୋଇଥିଲା। କିନ୍ତୁ ସକାଳ ସାଢ଼େ ୭ଟା ପର୍ଯ୍ୟନ୍ତ ନଗରପାଳ କିମ୍ବା ବିଜେଡିର କୌଣସି କାଉନସିଲର ଆସି ନ ଥିଲେ। ଖବର ଦିଆଯାଇଥିଲେ ମଧ୍ୟ ପୌରପାଳିକା ଆମର ନୁହେଁ ଓ ଯିବୁନାହିଁ ବୋଲି ସେମାନେ କହିଥିଲେ ବୋଲି ନିର୍ବାହୀ ଅଧିକାରୀ ଅମାନ୍ତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନିକଟରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ଟେଣ୍ଡରକୁ ନେଇ ନିର୍ବାହୀ ଅଧିକାରୀ ଓ ନଗରପାଳଙ୍କ ମଧ୍ୟରେ ବିବାଦ ଦେଖାଦେଇଛି ବୋଲି ସହରରେ ଆଲୋଚନା ହେଉଛି।


ନୂଆଁଖାଇ ଶୁଭେଚ୍ଛା



ନୂଆଁଖାଇ ଜୁହାର।

ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ପଶ୍ଚିମ ଓଡ଼ିଶାର ସମସ୍ତ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ। ନୂଆ ଧାନ ସହ ନୂଆ ଆଶା, ପ୍ରେମ, ଭ୍ରାତୃତ୍ୱ ତଥା ଆନନ୍ଦର ଉତ୍ସବ ନେଇ ଆସିଥିବା ପବିତ୍ର 'ନବାନ୍ନ ପର୍ବ' ପରିପ୍ରେକ୍ଷୀରେ ଆପଣମାନଙ୍କୁ ମୋର ଶୁଭ କାମନା। ମାଆ ସମଲେଶ୍ୱରୀଙ୍କ ଅପାର କରୁଣାରୁ ଆପଣମାନେ ସପରିବାର ସର୍ବକୁଶଳରେ ଥାଆନ୍ତୁ, ଏତିକି ପ୍ରାର୍ଥନା।

(ଅଚ୍ୟୁତ ସାମନ୍ତ)
ସାଂସଦ, ଲୋକସଭା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୨ ଅବସରରେ ତାଳଚେର ପୌରପାଳିକାବାସୀଙ୍କୁ ଶୁଭେଚ୍ଛା। ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା।

- ଜଣେ ଶୁଭେଚ୍ଛୁ

ପୂର୍ବ ତଟ ରେଳପଥ

ଗୁଡ୍‌ସ ସେଡ୍‌ର ବିକାଶ ଏବଂ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ଆଗ୍ରହର ପରିପ୍ରକାଶ (EOI)

ସଂ. SDCM/KUR/PPP/Goods Shed Dev, ତାରିଖ : 26.08.2022

ସାମଗ୍ରୀ ଯାତାୟତକୁ ପ୍ରୋତ୍ସାହନ ଦେବା ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ କପିଳାସ ରୋଡ଼, ଢେଙ୍କାନାଳ ଷ୍ଟେସନ କିମ୍ବା ଅନ୍ୟ ଯେକୌଣସି ଗୁଡ୍‌ସ ସେଡ୍ ଠାରେ ଘରୋଇ ନିବେଶ ମାଧ୍ୟମରେ ଛୋଟ / ସଡ଼କ ପାର୍ଶ୍ୱସ୍ଥ ଷ୍ଟେସନଗୁଡ଼ିକ ଠାରେ ଗୁଡ୍‌ସ ସେଡ୍‌ର ବିକାଶ ପାଇଁ ଇଚ୍ଛୁକ ପରିବହନକାରୀ, ଲଜିଷ୍ଟିକ୍ ସେବା ପ୍ରଦାନକାରୀ ସଂସ୍ଥା, ବିକଶିତ ଫାର୍ମଗୁଡ଼ିକ ଠାରୁ ଆଗ୍ରହର ପରିପ୍ରକାଶ (EOI) ଆହ୍ୱାନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ହେଉଛି, ପରିବହନ କ୍ଷେତ୍ରରେ ରେଳବାଇର ଭାଗିଦାରୀକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅଗ୍ରଣୀ (Cutting edge) ଡିଜାଇନ୍ ଏବଂ ଟେକ୍ନୋଲୋଜି ଦ୍ୱାରା ଅତ୍ୟାଧୁନିକ ସୁବିଧାସୁଯୋଗ ସହିତ ସାମଗ୍ରୀ ପରିଚାଳନା ଟର୍ମିନାଲଗୁଡ଼ିକର ବିକାଶ କରିବା।

**EOI ର ବୈଧତା :** EOI ପ୍ରକାଶନ ହେବା ତାରିଖ ଠାରୁ 21 ଦିନ। **EOI ଦାଖଲ କରାଯିବାର ଅନ୍ତିମ ତାରିଖ ଓ ସମୟ :** ତା.16.09.2022ରିଖ 1500 ଘଣ୍ଟିକା। ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ : **https://eastcoastrail.indianrailways.gov.in→Expression of Interest** ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ:
- ଆଗ୍ରହୀ ପ୍ରସ୍ତାବକ ସଂଲଗ୍ନ ସହିତ EOI ସିଲ୍ କଭର / ଲଫାପାରେ ତା.16.09.2022ରିଖ 1500 ଘଣ୍ଟିକା ପୂର୍ବରୁ ଦାଖଲ କରିପାରନ୍ତି।
- ଏହା ତା.16.09.2022ରିଖ 1500 ଘଣ୍ଟିକା ପୂର୍ବରୁ ହାତରେ କିମ୍ବା ସ୍ପିଡ୍ ପୋଷ୍ଟ / କୋରିଅର୍ / ପଞ୍ଜୀକୃତ ପୋଷ୍ଟ ଦ୍ୱାରା ନିମ୍ନ ଠିକଣାରେ ଦାଖଲ କରାଯାଇପାରେ: **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ,** ଖୋର୍ଦ୍ଧା ରୋଡ୍, ଡି.ଆର୍.ଏମ୍. ବିଲ୍‌ଡିଂ, ଜିଲ୍ଲା - ଖୋର୍ଦ୍ଧା, ଓଡ଼ିଶା, ପିନ୍ କୋଡ୍ - 752050।

PR - 439/N/22-23 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

DSPL--157

ଓଡ଼ିଶା ସରକାର

"ଆସନ୍ତୁ ମିଳିମିଶି କାମ କରିବା। ସହରାଞ୍ଚଳ ବିକାଶରେ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହେବା। କଟକକୁ ଏକ ଶ୍ରେଷ୍ଠ ନଗରୀରେ ପରିଣତ କରିବା।"

ମୁଖ୍ୟମନ୍ତ୍ରୀ, ଓଡ଼ିଶା



କଟକ ଉନ୍ନୟନ କର୍ତ୍ତୃପକ୍ଷ
୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ
କଟକ ସହରବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ

ସହରର ରୂପାନ୍ତରୀକରଣ ପାଇଁ ପ୍ରସ୍ତାବିତ ପରିଯୋଜନା

- କଟକ ସହରବାସୀଙ୍କୁ ବିଭିନ୍ନ ସେବା ପ୍ରଦାନ ଓ ବିଭିନ୍ନ ଯୋଜନା ବିଷୟରେ ସୂଚନା ପ୍ରଦାନ ପାଇଁ ମୋବାଇଲ ଆପ୍ ଓ ସୋସିଆଲ ମିଡିଆ ସେବା ପ୍ରଚଳନ
- ନିର୍ମାଣାଧୀନ କଟକ ନେତାଜୀ ବସ ଟର୍ମିନାଲକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା
- ନରଣପୁର ମୌଜାରେ ଏକ ସମନ୍ୱିତ ଟାଉନ୍‌ସିପ୍ ପରିଯୋଜନା
- ନରଣପୁର ଠାରେ ନିର୍ମାଣାଧୀନ ସୁଲଭ ଗୃହ ପ୍ରକଳ୍ପ (LIG ୩୨୦ ଗୋଟି EWS ୫୫୦ ଗୋଟି)କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବା
- ସେକ୍ଟର ୮, ୯, ୧୦, ୧୧ ଠାରେ ନୂତନ କଲ୍ୟାଣମଣ୍ଡପ ନିର୍ମାଣ ପରିଯୋଜନା
- ସେକ୍ଟର ୧୩ ଓ ୧୫ ଠାରେ ପ୍ଲଟିଙ୍ଗ୍ ସ୍କିମ୍‌ର ପରିଯୋଜନା
- ସେକ୍ଟର ୬ରେ କଟକ ଉନ୍ନୟନ କର୍ତ୍ତୃପକ୍ଷର ନୂତନ କାର୍ଯ୍ୟାଳୟର ପରିଯୋଜନା
- ଓଡ଼ିଶା ହାଇକୋର୍ଟ ଛକ ଠାରୁ ହୋଟେଲ ବ୍ଲୁ ଲାଗୁନ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀ ଠାରୁ ଚହଟା ଛକ ପର୍ଯ୍ୟନ୍ତ ରାସ୍ତାର ସୌନ୍ଦର୍ଯ୍ୟକରଣ
- ସହରରେ ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ଡିକଂଜେସନ୍ ଯୋଜନା

CDA
କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

କଟକ ସହରକୁ ସରସ, ସୁନ୍ଦର ଓ ବିକଶିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ।

ନିଖିଳ ପବନ କଲ୍ୟାଣ, ଭା.ପ୍ର.ସେ
ଉପାଧ୍ୟକ୍ଷ

ଅନିଲ କୁମାର ସାମଲ
ଅଧ୍ୟକ୍ଷ

OIPR-13037/13/0106/2223

# ଆଜି ମହାଲକ୍ଷ୍ମୀ ପାଳିବେ ଋଷି ପଞ୍ଚମୀ ବ୍ରତ

**ପୁରୀ ଅଫିସ, ୩୧।୮**

ଭାଦ୍ରବ ଶୁକ୍ଳ ପଞ୍ଚମୀରେ ଗୁରୁବାର ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ନୀତି ଅନୁଷ୍ଠିତ ହେବ। ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡେୟ ଋଷିଙ୍କ ଆଶ୍ରମକୁ ଯାଇ ଋଷିପଞ୍ଚମୀ ବ୍ରତ ପାଳନ କରିବେ। ସକାଳ ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ମହାଲକ୍ଷ୍ମୀ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହସ୍ତରେ ସାତପାହାଚସ୍ଥିତ ପାଲିଙ୍କିରେ ବିଜେ ହୋଇ ବିମାନ ବଡୁ ସେବାୟତଙ୍କ ସହ ଘଣ୍ଟ, ଛତା ସହ ପାଲିଙ୍କିରେ ଠାକୁରାଣୀ ମାର୍କଣ୍ଡେୟ ମନ୍ଦିର ଅଭିମୁଖେ ଯାତ୍ରା କରିବେ। ଠାକୁରାଣୀ ପହଞ୍ଚିବା ପରେ ଭିତର ଗମ୍ଭିରାରେ ବିଜେ କରିବେ। ସେଠାରେ ମାଜଣା, ବନକଲାଗି ସରିବା ପରେ ପୂଜାପଣ୍ଡାମାନେ ଋଷିପଞ୍ଚମୀ ବ୍ରତ କଥା ପାଠ କରିବେ। ଏହାପରେ ଠାକୁରାଣୀଙ୍କ ନିକଟରେ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ହେବ। ନୀତି ସମ୍ପନ୍ନ ପରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଏହି ଦିନ ସ୍ୱୟଂ ମହାଲକ୍ଷ୍ମୀ ମାନବୀୟ ଲୀଳା କ୍ରମରେ ବ୍ରତ ପାଳନ କରିବା ସହ ପୂଜାପଣ୍ଡାଙ୍କୁ ଛଞ୍ଚା ଦେବାର ପରମ୍ପରା ରହିଛି।

# ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ ନୀତି

**ପୁରୀ ଅଫିସ, ୩୧।୮**

ଶ୍ରୀମନ୍ଦିରରେ ବୁଧବାର ଗଣେଶ ଚତୁର୍ଥୀ ପାଳିତ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଧୂପ ବଢ଼ିବା ପରେ ଶ୍ରୀମନ୍ଦିର ଭିତରବେଢ଼ା ପରିସରସ୍ଥ ବଟ ଗଣେଶଙ୍କ ନିକଟରେ ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ଦେବୀ ସରସ୍ୱତୀ ଓ ଭୁବନେଶ୍ୱରୀଙ୍କ ପାଖରେ ଶୀତଳ ଭୋଗ ଓ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ଏହା ପରେ ବେହେରଣ କରଣଙ୍କ ମାଦଳା ପାଞ୍ଜିକୁ ଭଦ୍ରାସନ ଉପରେ ବିଜେ କରାଯାଇ ପତନୀ ଓ ପୁଷ୍ପମାଲ୍ୟ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏଠାରେ ଶୀତଳ ଭୋଗ ଓ ବନ୍ଦାପନା ନୀତ ସମ୍ପନ୍ନ ହେବା ପରେ ବେହେରଣ କରଣଙ୍କ ଦ୍ୱାରା ୨୨ଟି ନଡ଼ିଆ ଭଙ୍ଗାଯାଇଥିଲା। ସେହିପରି ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତିବଢ଼ି ଶ୍ରୀବିଗ୍ରହମାନଙ୍କ ରାତ୍ର ପହୁଡ଼ ହୋଇଥିଲା।



# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଗଞ୍ଜାମ, ଛତ୍ରପୁର
(ଭୂ ଅର୍ଜନ, ଜାତୀୟ ରାଜପଥ ବିଭାଗ)

ଇ-ମେଲ: laoganjam@gmail.com

# OFFICE OF THE COLLECTOR & DISTRICT MAGISTRATE
**(LAND ACQUISITION, NH CELL)**

E-Mail: laoganjam@gmail.com

P R No. / Dated .08.2022

## ସର୍ବସାଧାରଣ ନୋଟିସ

No. XII-12:- ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ର ୪୮ ନମ୍ବର ଆଇନ)ର ଧାରା ୩-କ ଉପଧାରା (୧) ମୁତାବକ ଯେହେତୁ, ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନମ୍ବର- ୫୯ ପ୍ରକଳ୍ପ ଓଡ଼ିଶା ରାଜ୍ୟର ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ନିକଟସ୍ଥ ରତନପୁରଠାରୁ ରଘୁନାଥପୁର ପର୍ଯ୍ୟନ୍ତ ମୌଜା ରତନପୁର, ରଘୁନାଥପୁର, ଜଗଦଲପୁର, କୃପାସିନ୍ଧୁପୁର, ନିମଖଣ୍ଡି, ବୋରିଗାଁ, ଝାଡ଼ଙ୍କୁଲି, ବଡଗୁମୁଳା, ବଡକୁଶସ୍ଥଳୀ, ନରେନ୍ଦ୍ରପୁର, ଲକ୍ଷ୍ମୀପୁର ମଧ୍ୟ ଦେଇ ନୂତନ ଭାବେ ବାଇପାସ ରାସ୍ତା ନିର୍ମାଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ, ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅତିରିକ୍ତ ଜମି ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି। ଯେହେତୁ, ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ର ୪୮ ନମ୍ବର ଆଇନ) ର ଧାରା ୩-କ ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କର ଅଧିସୂଚନା ସଂଖ୍ୟା ୩୪୨୭ ତା୦୧.୦୮.୨୦୨୨ ଦ୍ୱାରା ଉପରୋକ୍ତ ଉଦ୍ଦେଶ୍ୟରେ ରାଜପତ୍ର ଅସାଧାରଣ ସଂଖ୍ୟା S.O.୩୫୯୨ (E) ତା୦୧.୦୮.୨୦୨୨ରେ ପ୍ରକାଶ କରିଅଛନ୍ତି।

ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତା ହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପରୋକ୍ତ ଆଇନର ଧାରା ୩-ଗ ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାୟର କରିପାରିବେ। ଏ ସମ୍ପର୍କରେ ଧାରା-୩ (ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ।

ଉକ୍ତ ଜମିର ନକ୍ସା ଓ ଅନ୍ୟାନ୍ୟ ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ ପ୍ରାଧିକାରୀ (ଜାତୀୟ ରାଜପଥ), ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଉପଲବ୍ଧ ହେଉଅଛି।

କ୍ଷମତାପନ ପ୍ରାଧିକାରୀ ତଥା
ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ)
ଛତ୍ରପୁର, ଗଞ୍ଜାମ

# MINISTRY OF ROAD TRANSPORT AND HIGHWAYS
## NOTIFICATION

**New Delhi, the 1st August, 2022**

S.O. 3592(E).—In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the additional land, the brief description of which is given in the Schedule below, is required from Ratanpur to Raghunathpur through the village Jagadalpur, Krupasindhupur, Nimakhandi, Borigam, Jhadankuli, Badagumula, Badakusasthali, Narendrapur & Laxmipur for Construction of Bye-Pass Road on NH-59 from Km. 336/350 to 349/910 Km. (13.56 Km.) near Berhampur including 4 lane ROB in the State of Odisha through EPC mode.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, Land Acquisition Officer & Competent Authority, NH, Ganjam, Chatrapur in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final. The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

## THE GAZETTE OF INDIA : EXTRAORDINARY
**[PART II—SEC. 3(ii)]**

**SCHEDULE**

Brief Description of the additional land to be acquired with or without structures falling NH59 in the stretch of land surveyed from Ratanpur to Raghunathpur through the village Jagadalpur, Kruupasindhupur, Nimakhandi, Borigam, Jhadankuli, Badagumula, Badakusasthali, Narendrapur & Laxmipur **for Construction of Bye-Pass Road on NH-59 from Km. 336/350 to 349/910 Km. (13.56 Km.) near Berhampur including 4 lane ROB in the State of Odisha through EPC mode.**

**State: ODISHA** | **District: GANJAM**

| Sl. No. | Survey/Plot Number | Type of Land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| **Taluk: CHHATRAPUR** | | | | | |
| **Village: Laxmipur** | | | | | |
| 1 | 3123 | Private | Billa Dofasali-1 | 0.0101171(Hectare) | 0.0101171 |
| 2 | 3125 | Private | Billa Dofasali-1 | 0.0068797(Hectare) | 0.0068797 |
| 3 | 3134 | Private | Billa Dofasali-1 | 0.0368264(Hectare) | 0.0368264 |
| 4 | 3135 | Private | Billa Dofasali-1 | 0.0060703(Hectare) | 0.0060703 |
| 5 | 3136 | Private | Billa Dofasali-1 | 0.0044515(Hectare) | 0.0044515 |
| 6 | 3137 | Private | Billa Dofasali-1 | 0.0101171(Hectare) | 0.0101171 |
| 7 | 3139 | Private | Billa Dofasali-1 | 0.0060703(Hectare) | 0.0060703 |
| **Village: Narendrapur** | | | | | |
| 1 | 1 | Private | Billa Dofasali-1 | 0.0060703(Hectare) | 0.0060703 |
| 2 | 100 | Private | Billa Dofasali-1 | 0.0202343(Hectare) | 0.0202343 |
| 3 | 102 | Private | Billa Dofasali-1 | 0.0101171(Hectare) | 0.0101171 |
| 4 | 183 | Private | Billa Dofasali-1 | 0.0206390(Hectare) | 0.0206390 |
| 5 | 187 | Private | Billa Dofasali-1 | 0.0076890(Hectare) | 0.0076890 |
| 6 | 188 | Private | Biila Dofasali-1 | 0.0044515(Hectare) | 0.0044515 |
| 7 | 2 | Private | Billa Dofasali-1 | 0.0242811(Hectare) | 0.0242811 |
| 8 | 203 | Private | Billa Dofasali-1 | 0.0161874(Hectare) | 0.0161874 |
| 9 | 203/2366 | Private | Biila Dofasali-1 | 0.0084984(Hectare) | 0.0084984 |
| 10 | 215 | Private | Gharabari | 0.0040469(Hectare) | 0.0040469 |
| 11 | 217 | Private | Biila Dofasali-1 | 0.0602982(Hectare) | 0.0602982 |
| 12 | 23 | Private | Billa Dofasali-1 | 0.0728434(Hectare) | 0.0728434 |
| 13 | 24 | Private | Billa Dofasali-1 | 0.0060703(Hectare) | 0.0060703 |
| 14 | 339 | Private | Biila Dofasali-1 | 0.0084984(Hectare) | 0.0084984 |
| 15 | 342 | Private | Biila Dofasali-1 | 0.0137593(Hectare) | 0.0137593 |
| 16 | 347 | Private | Billa Dofasali-1 | 0.0242811(Hectare) | 0.0242811 |
| 17 | 348 | Private | Gharabari | 0.0036422(Hectare) | 0.0036422 |
| 18 | 349 | Private | Billa Dofasali-1 | 0.0036422(Hectare) | 0.0036422 |
| 19 | 350 | Private | Gharabari | 0.0101171(Hectare) | 0.0101171 |
| 20 | 351 | Private | Billa Dofasali-1 | 0.0125453(Hectare) | 0.0125453 |
| 21 | 372 | Private | Biila Dofasali-1 | 0.0109265(Hectare) | 0.0109265 |
| 22 | 372/2523 | Private | Danda | 0.0161874(Hectare) | 0.0161874 |
| 23 | 373 | Private | Billa Dofasali-1 | 0.0121406(Hectare) | 0.0121406 |
| 24 | 434 | Private | Biila Dofasali-1 | 0.0032375(Hectare) | 0.0032375 |
| 25 | 439 | Private | Billa Dofasali-1 | 0.0024281(Hectare) | 0.0024281 |
| 26 | 440 | Private | Biila Dofasali-1 | 0.0044515(Hectare) | 0.0044515 |
| 27 | 454 | Private | Billa Dofasali-1 | 0.0084984(Hectare) | 0.0084984 |
| 28 | 458 | Private | Biila Dofasali-1 | 0.0105218(Hectare) | 0.0105218 |
| 29 | 460 | Private | Billa Dofasali-1 | 0.0064750(Hectare) | 0.0064750 |
| 30 | 461 | Private | Biila Dofasali-1 | 0.0052609(Hectare) | 0.0052609 |
| 31 | 464 | Private | Billa Dofasali-1 | 0.0080937(Hectare) | 0.0080937 |
| 32 | 470 | Private | Biila Dofasali-1 | 0.0080937(Hectare) | 0.0080937 |
| 33 | 473 | Private | Billa Dofasali-1 | 0.0121406(Hectare) | 0.0121406 |
| 34 | 5 | Private | Billa Dofasali-1 | 0.0064750(Hectare) | 0.0064750 |
| 35 | 8 | Private | Billa Dofasali-1 | 0.0040469(Hectare) | 0.0040469 |
| 36 | 97 | Private | Billa Dofasali-1 | 0.0299467(Hectare) | 0.0299467 |
| **Village: Raghunathpur** | | | | | |
| 1 | 193 | Private | Biila Dofasali-1 | 0.0125453(Hectare) | 0.0125453 |
| 2 | 197 | Private | Biila Dofasali-1 | 0.0121406(Hectare) | 0.0121406 |
| 3 | 198 | Private | Billa Dofasali-1 | 0.0080937(Hectare) | 0.0080937 |
| 4 | 208 | Private | Billa Dofasali-1 | 0.0060703(Hectare) | 0.0060703 |
| 5 | 213 | Private | Billa Dofasali-1 | 0.0080937(Hectare) | 0.0080937 |
| 6 | 216 | Private | Billa Dofasali-1 | 0.0024281(Hectare) | 0.0024281 |
| 7 | 218 | Private | Billa Dofasali-1 | 0.0064750(Hectare) | 0.0064750 |
| 8 | 273 | Private | Billa Dofasali-1 | 0.0040469(Hectare) | 0.0040469 |
| 9 | 274 | Private | Billa Dofasali-1 | 0.0080937(Hectare) | 0.0080937 |
| 10 | 277 | Private | Billa Dofasali-1 | 0.0174015(Hectare) | 0.0174015 |
| 11 | 395/3838 | Private | Biila Dofasali-1 | 0.0627263(Hectare) | 0.0627263 |
| 12 | 396 | Private | Biila Dofasali-1 | 0.0509904(Hectare) | 0.0509904 |
| 13 | 484 | Private | Billa Dofasali-1 | 0.0040469(Hectare) | 0.0040469 |
| 14 | 54/1981 | Private | Billa Dofasali-1 | 0.6232160(Hectare) | 0.6232160 |
| 15 | 54/3335 | Private | Billa Dofasali-1 | 0.0060703(Hectare) | 0.0060703 |
| 16 | 55 | Private | Biila Dofasali-1 | 0.0040469(Hectare) | 0.0040469 |
| 17 | 68 | Private | Biila Dofasali-1 | 0.0408732(Hectare) | 0.0408732 |
| 18 | 69 | Private | Billa Dofasali-1 | 0.0032375(Hectare) | 0.0032375 |
| 19 | 70/1982 | Private | Billa Dofasali-1 | 0.0910543(Hectare) | 0.0910543 |
| 20 | 791 | Private | Billa Dofasali-1 | 0.0445154(Hectare) | 0.0445154 |
| **Taluk: KANISI** | | | | | |
| **Village: Badagumula** | | | | | |
| 1 | 154 | Private | Billa Dofasali-1 | 0.0044515(Hectare) | 0.0044515 |
| 2 | 156 | Private | Billa Dofasali-1 | 0.0768903(Hectare) | 0.0768903 |
| 3 | 157 | Private | Billa Dofasali-1 | 0.0084984(Hectare) | 0.0084984 |
| 4 | 159 | Private | Billa Dofasali-2 | 0.0930777(Hectare) | 0.0930777 |
| 5 | 159/1578 | Private | Billa Dofasali-1 | 0.0125453(Hectare) | 0.0125453 |
| 6 | 161 | Government | Adi | 0.0465388(Hectare) | 0.0465388 |
| 7 | 162/1557 | Private | Billa Dofasali-1 | 0.0437060(Hectare) | 0.0437060 |
| 8 | 163 | Government | Gochar | 0.0242811(Hectare) | 0.0242811 |
| 9 | 164/1558 | Private | Billa Dofasali-1 | 0.1477100(Hectare) | 0.1477100 |
| 10 | 167 | Private | Billa-1 | 0.0121406(Hectare) | 0.0121406 |
| 11 | 24 | Private | Billa Dofasali-2 | 0.0319702(Hectare) | 0.0319702 |
| 12 | 26 | Private | Billa Dofasali-2 | 0.0020234(Hectare) | 0.0020234 |
| **Village: Badakusasthali** | | | | | |
| 1 | 1065 | Private | Billa Jalasechita Dofasali | 0.0198296(Hectare) | 0.0198296 |
| 2 | 1067 | Private | Billa Jalasechita Dofasali | 0.0044515(Hectare) | 0.0044515 |
| 3 | 1089 | Private | Billa Jalasechita Dofasali | 0.0024281(Hectare) | 0.0024281 |
| 4 | 1094 | Private | Billa Jalasechita Dofasali | 0.0080937(Hectare) | 0.0080937 |
| 5 | 1099 | Private | Billa Jalasechita-1 | 0.0202343(Hectare) | 0.0202343 |
| 6 | 1413 | Private | Billa Jalasechita Dofasali | 0.0084984(Hectare) | 0.0084984 |
| 7 | 1414 | Private | Billa Jalasechita Dofasali | 0.0084984(Hectare) | 0.0084984 |
| 8 | 1447 | Private | Billa Jalasechita Dofasali | 0.0004047(Hectare) | 0.0004047 |
| 9 | 1461 | Private | Billa Jalasechita Dofasali | 0.0004047(Hectare) | 0.0004047 |
| 10 | 1464 | Private | Billa Jalasechita Dofasali | 0.0141640(Hectare) | 0.0141640 |
| 11 | 1465 | Private | Billa Jalasechita Dofasali | 0.0040469(Hectare) | 0.0040469 |
| 12 | 1466 | Private | Billa Jalasechita Dofasali | 0.0004047(Hectare) | 0.0004047 |
| 13 | 1472 | Private | Billa Jalasechita Dofasali | 0.0117359(Hectare) | 0.0117359 |
| 14 | 1473 | Private | Billa Jalasechita Dofasali | 0.0044515(Hectare) | 0.0044515 |
| 15 | 1474 | Private | Billa Jalasechita Dofasali | 0.0121406(Hectare) | 0.0121406 |
| 16 | 1475 | Private | Billa Jalasechita Dofasali | 0.0157827(Hectare) | 0.0157827 |
| 17 | 2367 | Private | Gharabari | 0.0121406(Hectare) | 0.0121406 |
| 18 | 2390 | Private | Billa Jalasechita Dofasali | 0.0076890(Hectare) | 0.0076890 |
| 19 | 2392 | Private | Billa Jalasechita Dofasali | 0.0004047(Hectare) | 0.0004047 |
| 20 | 2396 | Private | Billa Jalasechita Dofasali | 0.0084984(Hectare) | 0.0084984 |
| 21 | 2399 | Private | Billa Jalasechita Dofasali | 0.0242811(Hectare) | 0.0242811 |
| 22 | 2400 | Private | Billa Jalasechita Dofasali | 0.0004047(Hectare) | 0.0004047 |
| 23 | 2401 | Private | Billa Jalasechita Dofasali | 0.0004047(Hectare) | 0.0004047 |
| 24 | 2402 | Private | Billa Jalasechita Dofasali | 0.0004047(Hectare) | 0.0004047 |
| 25 | 2403 | Private | Billa Jalasechita Dofasali | 0.0004047(Hectare) | 0.0004047 |
| 26 | 2519 | Private | Billa Jalasechita Dofasali | 0.0105218(Hectare) | 0.0105218 |
| 27 | 2520 | Private | Billa Jalasechita Dofasali | 0.0052609(Hectare) | 0.0052609 |
| 28 | 2521 | Private | Billa Jalasechita Dofasali | 0.0076890(Hectare) | 0.0076890 |
| 29 | 2522/4267 | Private | Billa Jalasechita Dofasali | 0.0101171(Hectare) | 0.0101171 |
| 30 | 2523 | Private | Billa Jalasechita Dofasali | 0.0206390(Hectare) | 0.0206390 |
| 31 | 2524 | Private | Billa Jalasechita Dofasali | 0.0238765(Hectare) | 0.0238765 |
| 32 | 2544 | Private | Billa Jalasechita Dofasali | 0.0004047(Hectare) | 0.0004047 |
| 33 | 2545 | Private | Billa Jalasechita Dofasali | 0.0028328(Hectare) | 0.0028328 |
| 34 | 2547 | Private | Billa Jalasechita Dofasali | 0.0040469(Hectare) | 0.0040469 |
| 35 | 2548 | Private | Billa Jalasechita Dofasali | 0.0044515(Hectare) | 0.0044515 |
| 36 | 2551 | Private | Billa Jalasechita Dofasali | 0.0064750(Hectare) | 0.0064750 |
| 37 | 2565 | Private | Billa Jalasechita Dofasali | 0.0052609(Hectare) | 0.0052609 |
| 38 | 2567 | Private | Billa Jalasechita Dofasali | 0.0105218(Hectare) | 0.0105218 |
| 39 | 2571 | Private | Billa Jalasechita Dofasali | 0.0161874(Hectare) | 0.0161874 |
| 40 | 2572 | Private | Billa Jalasechita Dofasali | 0.0137593(Hectare) | 0.0137593 |
| 41 | 2573 | Private | Billa Jalasechita Dofasali | 0.0080937(Hectare) | 0.0080937 |
| 42 | 2648 | Private | Billa Jalasechita Dofasali | 0.0165921(Hectare) | 0.0165921 |
| 43 | 2649 | Private | Billa Jalasechita Dofasali | 0.0153781(Hectare) | 0.0153781 |
| 44 | 2651 | Private | Billa Jalasechita Dofasali | 0.0145687(Hectare) | 0.0145687 |
| 45 | 2652 | Private | Billa Jalasechita Dofasali | 0.0024281(Hectare) | 0.0024281 |
| 46 | 2653 | Private | Billa Jalasechita Dofasali | 0.0194249(Hectare) | 0.0194249 |
| 47 | 2770 | Private | Billa Jalasechita Dofasali | 0.0121406(Hectare) | 0.0121406 |
| 48 | 2772 | Private | Billa Jalasechita Dofasali | 0.0076890(Hectare) | 0.0076890 |
| 49 | 2778 | Private | Billa Jalasechita Dofasali | 0.0016187(Hectare) | 0.0016187 |
| 50 | 2779 | Private | Billa Jalasechita Dofasali | 0.0012141(Hectare) | 0.0012141 |
| 51 | 2780 | Private | Billa Jalasechita Dofasali | 0.0004047(Hectare) | 0.0004047 |
| 52 | 2809 | Private | Billa Jalasechita Dofasali | 0.0121406(Hectare) | 0.0121406 |
| 53 | 2825 | Private | Billa Jalasechita Dofasali | 0.0012141(Hectare) | 0.0012141 |
| 54 | 2826 | Private | Billa Jalasechita Dofasali | 0.0497763(Hectare) | 0.0497763 |
| 55 | 2827 | Private | Billa Jalasechita Dofasali | 0.0016187(Hectare) | 0.0016187 |
| 56 | 2827/3622 | Private | Billa Jalasechita Dofasali | 0.0008094(Hectare) | 0.0008094 |
| 57 | 2848 | Private | Billa Jalasechita Dofasali | 0.0040469(Hectare) | 0.0040469 |
| 58 | 2861 | Private | Billa Jalasechita Dofasali | 0.0020234(Hectare) | 0.0020234 |
| 59 | 2862 | Private | Billa Jalasechita Dofasali | 0.0040469(Hectare) | 0.0040469 |
| 60 | 2864 | Private | Billa Jalasechita Dofasali | 0.0097125(Hectare) | 0.0097125 |
| 61 | 2865 | Private | Billa Jalasechita Dofasali | 0.0105218(Hectare) | 0.0105218 |
| 62 | 2867 | Private | Billa Jalasechita Dofasali | 0.0040469(Hectare) | 0.0040469 |
| 63 | 2868 | Private | Billa Jalasechita Dofasali | 0.0121406(Hectare) | 0.0121406 |
| 64 | 3773 | Private | Billa Jalasechita Dofasali | 0.0125453(Hectare) | 0.0125453 |
| **Village: Jhadankuli** | | | | | |
| 1 | 1011 | Private | Biila Dofasali-1 | 0.0080937(Hectare) | 0.0080937 |
| 2 | 1012 | Private | Biila Dofasali-1 | 0.0024281(Hectare) | 0.0024281 |
| 3 | 1013 | Private | Biila Dofasali-1 | 0.0040469(Hectare) | 0.0040469 |
| 4 | 1016 | Private | Billa Dofasali-1 | 0.0040469(Hectare) | 0.0040469 |
| 5 | 1018 | Private | Biila Dofasali-1 | 0.0048562(Hectare) | 0.0048562 |
| 6 | 1019 | Private | Biila Dofasali-1 | 0.0044515(Hectare) | 0.0044515 |
| 7 | 1023 | Private | Billa Dofasali-1 | 0.0056656(Hectare) | 0.0056656 |
| 8 | 1251 | Private | Biila Dofasali-1 | 0.0068797(Hectare) | 0.0068797 |
| 9 | 1254 | Private | Biila Dofasali-1 | 0.0080937(Hectare) | 0.0080937 |
| 10 | 1258 | Private | Billa Dofasali-1 | 0.0040469(Hectare) | 0.0040469 |
| 11 | 1379 | Private | Billa Dofasali-1 | 0.0084984(Hectare) | 0.0084984 |
| 12 | 1382 | Private | Biila Dofasali-1 | 0.0546326(Hectare) | 0.0546326 |
| 13 | 1387 | Private | Biila Dofasali-1 | 0.0080937(Hectare) | 0.0080937 |
| 14 | 168 | Private | Biila Dofasali-1 | 0.0080937(Hectare) | 0.0080937 |
| 15 | 169 | Private | Billa Dofasali-1 | 0.0121406(Hectare) | 0.0121406 |
| 16 | 180 | Private | Biila Dofasali-1 | 0.0020234(Hectare) | 0.0020234 |
| 17 | 196 | Private | Billa Dofasali-1 | 0.0040469(Hectare) | 0.0040469 |
| 18 | 198 | Private | Billa Dofasali-1 | 0.0036422(Hectare) | 0.0036422 |
| 19 | 199 | Private | Billa Dofasali-1 | 0.0040469(Hectare) | 0.0040469 |
| 20 | 204 | Private | Biila Dofasali-1 | 0.0449201(Hectare) | 0.0449201 |
| 21 | 241 | Private | Billa Dofasali-1 | 0.0125453(Hectare) | 0.0125453 |
| 22 | 254 | Private | Biila Dofasali-1 | 0.0121406(Hectare) | 0.0121406 |
| 23 | 265 | Private | Billa Dofasali-1 | 0.0040469(Hectare) | 0.0040469 |
| 24 | 266 | Private | Biila Dofasali-1 | 0.0012141(Hectare) | 0.0012141 |
| 25 | 2748 | Private | Billa Dofasali-1 | 0.0364217(Hectare) | 0.0364217 |
| 26 | 2750 | Private | Biila Dofasali-1 | 0.0101171(Hectare) | 0.0101171 |
| 27 | 2751 | Private | Billa Dofasali-1 | 0.0064750(Hectare) | 0.0064750 |
| 28 | 2777 | Private | Biila Dofasali-1 | 0.0202343(Hectare) | 0.0202343 |
| 29 | 2780 | Private | Biila Dofasali-1 | 0.0040469(Hectare) | 0.0040469 |
| 30 | 2799 | Private | Billa Dofasali-1 | 0.0064750(Hectare) | 0.0064750 |
| 31 | 2808 | Private | Billa Dofasali-1 | 0.0032375(Hectare) | 0.0032375 |
| 32 | 2858 | Private | Biila Dofasali-1 | 0.0080937(Hectare) | 0.0080937 |
| 33 | 322 | Private | Billa Dofasali-1 | 0.0044515(Hectare) | 0.0044515 |
| 34 | 338 | Private | Biila Dofasali-1 | 0.0157827(Hectare) | 0.0157827 |
| 35 | 342 | Private | Billa Dofasali-1 | 0.0004047(Hectare) | 0.0004047 |
| 36 | 355 | Private | Biila Dofasali-1 | 0.0182109(Hectare) | 0.0182109 |
| 37 | 357 | Private | Billa Dofasali-1 | 0.0607028(Hectare) | 0.0607028 |
| 38 | 358 | Government | Danda | 0.0040469(Hectare) | 0.0040469 |
| 39 | 359 | Private | Billa-1 | 0.0084984(Hectare) | 0.0084984 |
| **Taluk: Kukudakhandi** | | | | | |
| **Village: Borigam** | | | | | |
| 1 | 2635 | Private (Billa Dofasali-1) | Billa Dofasali-1 | 0.0161874(Hectare) | 0.0161874 |
| 2 | 2636 | Private (Billa Dofasali-1) | Billa Dofasali-1 | 0.0283280(Hectare) | 0.0283280 |
| 3 | 2643 | Private (Billa Dofasali-1) | Billa Dofasali-1 | 0.0182109(Hectare) | 0.0182109 |
| 4 | 2647 | Private (Billa Dofasali-1) | Billa Dofasali-1 | 0.0242811(Hectare) | 0.0242811 |
| 5 | 2651/3720 | Private (Billa Dofasali-1) | Billa Dofasali-1 | 0.0040469(Hectare) | 0.0040469 |
| 6 | 2691 | Private (Billa Dofasali-1) | Billa Dofasali-1 | 0.0040469(Hectare) | 0.0040469 |
| 7 | 2694 | Private | Billa Dofasali-1 | 0.0008094(Hectare) | 0.0008094 |
| 8 | 2695 | Private (Billa Dofasali-1) | Billa Dofasali-1 | 0.0202343(Hectare) | 0.0202343 |
| 9 | 2698 | Private (Billa Dofasali-1) | Billa Dofasali-1 | 0.0036422(Hectare) | 0.0036422 |
| 10 | 2705 | Private (Billa Dofasali-1) | Billa Dofasali-1 | 0.0056656(Hectare) | 0.0056656 |
| 11 | 2798 | Private (Billa Dofasali-1) | Billa Dofasali-1 | 0.0040469(Hectare) | 0.0040469 |
| 12 | 2801/3653 | Private (Billa Dofasali-1) | Billa Dofasali-1 | 0.0202343(Hectare) | 0.0202343 |
| 13 | 2802/4845 | Private | Billa Dofasali-1 | 0.0105218(Hectare) | 0.0105218 |
| 14 | 2804 | Private | Billa Dofasali-1 | 0.0182109(Hectare) | 0.0182109 |
| 15 | 2818 | Private | Billa Dofasali-1 | 0.0141640(Hectare) | 0.0141640 |
| 16 | 2821 | Private | Billa Dofasali-1 | 0.0105218(Hectare) | 0.0105218 |
| 17 | 2822 | Private | Billa Dofasali-1 | 0.0105218(Hectare) | 0.0105218 |
| 18 | 2835/3275 | Private (Billa Dofasali-1) | Billa Dofasali-1 | 0.1416400(Hectare) | 0.1416400 |
| 19 | 2843/3248 | Private (Billa Dofasali-1) | Billa Dofasali-1 | 0.2225770(Hectare) | 0.2225770 |
| 20 | 2844/3340 | Private (Billa Dofasali-1) | Billa Dofasali-1 | 0.0566560(Hectare) | 0.0566560 |
| 21 | 2844/3358 | Private (Billa Dofasali-1) | Billa Dofasali-1 | 0.0133546(Hectare) | 0.0133546 |
| 22 | 2846/3823 | Private | Billa Dofasali-1 | 0.0242811(Hectare) | 0.0242811 |
| 23 | 2854 | Private | Billa Dofasali-1 | 0.0080937(Hectare) | 0.0080937 |
| 24 | 2872 | Private | Billa Dofasali-1 | 0.0121406(Hectare) | 0.0121406 |
| 25 | 2874 | Private | Billa Dofasali-1 | 0.0105218(Hectare) | 0.0105218 |
| 26 | 2875 | Private | Billa Dofasali-1 | 0.1007670(Hectare) | 0.1007670 |
| 27 | 2900 | Private | Billa Dofasali-1 | 0.0198296(Hectare) | 0.0198296 |
| 28 | 2901/3230 | Private | Billa Dofasali-1 | 0.0121406(Hectare) | 0.0121406 |
| 29 | 2902/3232 | Private | Billa Dofasali-1 | 0.0040469(Hectare) | 0.0040469 |
| 30 | 2903 | Private | Billa Dofasali-1 | 0.0060703(Hectare) | 0.0060703 |
| 31 | 2903/3121 | Private | Billa Dofasali-1 | 0.0060703(Hectare) | 0.0060703 |
| 32 | 2904 | Private | Billa Dofasali-1 | 0.0242811(Hectare) | 0.0242811 |
| **Village: Jagadalpur** | | | | | |
| 1 | 1082 | Private | Billa Dofasali-1 | 0.0202343(Hectare) | 0.0202343 |
| 2 | 1083 | Private | Padar-1 | 0.0036422(Hectare) | 0.0036422 |
| 3 | 1085 | Private | Padar-1 | 0.0020234(Hectare) | 0.0020234 |
| 4 | 1093/2132 | Private | Billa Dofasali-1 | 0.0202343(Hectare) | 0.0202343 |
| 5 | 1093/2206 | Private | Gharabaari | 0.1335460(Hectare) | 0.1335460 |
| 6 | 1094/2133 | Private | Billa Dofasali-1 | 0.0105218(Hectare) | 0.0105218 |
| 7 | 1112 | Private | Billa Dofasali-1 | 0.0165921(Hectare) | 0.0165921 |
| 8 | 1113 | Private | Billa Dofasali-1 | 0.0044515(Hectare) | 0.0044515 |
| 9 | 1196 | Private | Padar-1 | 0.0044515(Hectare) | 0.0044515 |
| 10 | 1198 | Private | Padar-1 | 0.0084984(Hectare) | 0.0084984 |
| 11 | 1203 | Private | Padar-1 | 0.0076890(Hectare) | 0.0076890 |
| 12 | 1205 | Private | Billa-2 | 0.0076890(Hectare) | 0.0076890 |
| 13 | 1206/2141 | Private | Padar-1 | 0.0586794(Hectare) | 0.0586794 |
| 14 | 1210 | Private | Padar-1 | 0.0101171(Hectare) | 0.0101171 |
| 15 | 1211 | Private | Padar-1 | 0.0076890(Hectare) | 0.0076890 |
| 16 | 1212 | Private | Padar-1 | 0.0024281(Hectare) | 0.0024281 |
| 17 | 1217 | Private | Padar-1 | 0.0064750(Hectare) | 0.0064750 |
| 18 | 1228 | Private | Billa Dofasali-1 | 0.0704153(Hectare) | 0.0704153 |
| 19 | 1247 | Private | Billa Dofasali-1 | 0.0080937(Hectare) | 0.0080937 |
| 20 | 1248 | Private | Billa Dofasali-1 | 0.0040469(Hectare) | 0.0040469 |
| 21 | 1249 | Private | Billa Dofasali-1 | 0.0080937(Hectare) | 0.0080937 |
| 22 | 1254 | Private | Billa Dofasali-1 | 0.0089031(Hectare) | 0.0089031 |
| 23 | 1255 | Private | Billa Dofasali-1 | 0.0060703(Hectare) | 0.0060703 |
| 24 | 1262 | Private | Billa-2 | 0.0125453(Hectare) | 0.0125453 |
| 25 | 1264 | Private | Biila Dofasali-1 | 0.0044515(Hectare) | 0.0044515 |
| 26 | 1575 | Private | Billa Dofasali-1 | 0.0080937(Hectare) | 0.0080937 |
| 27 | 1577 | Private | Billa Dofasali-1 | 0.3820230(Hectare) | 0.3820230 |
| 28 | 1578 | Private | Billa Dofasali-1 | 0.0161874(Hectare) | 0.0161874 |
| 29 | 1591/2210 | Private | Billa Dofasali-1 | 0.0461342(Hectare) | 0.0461342 |
| 30 | 1591/2214 | Private | Billa Dofasali-1 | 0.0064750(Hectare) | 0.0064750 |
| 31 | 1594 | Private | Billa-1 | 0.0809371(Hectare) | 0.0809371 |
| 32 | 1773 | Private | Billa Dofasali-1 | 0.0040469(Hectare) | 0.0040469 |
| 33 | 1813 | Private | Billa Dofasali-1 | 0.0238765(Hectare) | 0.0238765 |
| 34 | 1816 | Private | Billa Dofasali-1 | 0.0141640(Hectare) | 0.0141640 |
| 35 | 1818 | Private | Billa Dofasali-1 | 0.0271139(Hectare) | 0.0271139 |
| 36 | 1819/3066 | Private | Billa Dofasali-1 | 0.0210437(Hectare) | 0.0210437 |
| 37 | 1822 | Private | Billa-1 | 0.0279233(Hectare) | 0.0279233 |
| 38 | 1835 | Private | Billa Dofasali-1 | 0.0768903(Hectare) | 0.0768903 |
| 39 | 1836 | Private | Billa Dofasali-1 | 0.0121406(Hectare) | 0.0121406 |
| 40 | 2213/3202 | Private | Billa Dofasali-1 | 0.0145687(Hectare) | 0.0145687 |
| 41 | 4 | Private | Billa Dofasali-1 | 0.0040469(Hectare) | 0.0040469 |
| 42 | 969 | Private | Billa Dofasali-1 | 0.0080937(Hectare) | 0.0080937 |
| 43 | 975/3135 | Private | Billa Dofasali-1 | 0.0076890(Hectare) | 0.0076890 |
| 44 | 977 | Private | Billa Dofasali-1 | 0.0024281(Hectare) | 0.0024281 |
| 45 | 978 | Private | Billa Dofasali-1 | 0.0206390(Hectare) | 0.0206390 |
| 46 | 979 | Private | Billa Dofasali-1 | 0.0024281(Hectare) | 0.0024281 |
| 47 | 980 | Private | Billa Dofasali-1 | 0.0080937(Hectare) | 0.0080937 |
| 48 | 986 | Private | Billa Dofasali-1 | 0.0044515(Hectare) | 0.0044515 |
| 49 | 987 | Private | Billa Dofasali-1 | 0.0084984(Hectare) | 0.0084984 |
| **Village: Nimakhandi** | | | | | |
| 1 | 192 | Private (Billa Dofasali-2) | Billa Dofasali-2 | 0.0186155(Hectare) | 0.0186155 |
| **Village: Ratanpur** | | | | | |
| 1 | 161 | Private (Billa Dofasali-1) | Billa Dofasali-1 | 0.0036422(Hectare) | 0.0036422 |
| 2 | 170 | Private (Billa Dofasali-1) | Billa Dofasali-1 | 0.0182109(Hectare) | 0.0182109 |
| 3 | 174 | Private (Billa-1) | Billa-1 | 0.2691160(Hectare) | 0.2691160 |
| | | | **Total** | **5.5450** | **5.5450** |

**[F. No. 12037/08/2014/ORS/P-5/3A]**

**RAJESH GUPTA, Director**

OIPR-24252/14/0003/2223


ମୌନି

# ମୌନିଙ୍କ ନୂଆ ଯୋଜନା

**ମୌ**ନି ରୟ ଏବେ ବୁଝି ହେଲେଣି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସିଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ସେ। କୌଣସି ନୂଆ ଅଫର ପାଇବାମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଆକ୍ଟିଂ କ୍ୟାରିୟରକୁ ନେଇ ନିଜର ଏଭଳି ନୂଆ ଯୋଜନା ସମ୍ପର୍କରେ ମୌନି କହନ୍ତି, ''ଆକ୍ଟିଂ ଲାଇନ୍ ଭାରି ଖସଡ଼ା। ଯଦି ଯୋଜନା ଟିକେ ଏପଟ ସେପଟ ହୋଇଯାଏ, ତେବେ ପାଦ ଖସିଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଥିପାଇଁ ବେଶ୍ ସତର୍କ ହେବାକୁ ପଡ଼ିବ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ଚକ୍କରରେ ମୁଁ ନାହିଁ। କାରଣ ଯଦି ସବୁତକ ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହେଲା, ତେବେ ତାହା ଦ୍ୱାରା କ୍ୟାରିୟର ପ୍ରଭାବିତ ହୋଇଥାଏ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।'' ମୌନିଙ୍କୁ ପ୍ରଥମେ 'ରନ୍' ଫିଲ୍ମର ଏକ ଗୀତରେ ଦେଖିବାକୁ ମିଳିଥିଲା। ବଲିଉଡ୍‌ରେ ତାଙ୍କର ପ୍ରଥମ ସିନେମା ଥିଲା 'ଗୋଲ୍ଡ'। ତା'ପରେ 'କେ.ଜି.ଏଫ୍.-୧', 'ରୋମିଓ ଆକବର ଆଲଟର', 'ମେଡ୍ ଇନ୍ ଚାଇନା' ଆଦି ଫିଲ୍ମରେ ସେ ଅଭିନୟ କରିଥିଲେ। ଏବେ ରିଲିଜ୍ ଅପେକ୍ଷାରେ ଥିବା ରଣବୀର କପୁର ଏବଂ ଆଲିୟା ଭଟ୍ଟଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର'ରେ ତାଙ୍କୁ ଦେଖିବାକୁ ମିଳିବ।

ରିଲିଜ୍ ଅପେକ୍ଷାରେ

## ଚୁମ୍‌କି ସେ ତ ପାଣିରେ ବୁଡ଼ିବ ନାହିଁକି


ଉପାସନା-ଶ୍ରେୟାନ୍

**ସ**ବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ଫିଲ୍ମଟିର ରିଲିଜ୍ ଡେଟ୍ ଘୋଷଣା କରାଯାଇଛି। ଚଳିତ ମାସ ୧୬ରେ ଏହି ଚିତ୍ରଟି ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟି ହେଲା 'ଚୁମ୍‌କି, ସେ ତ ପାଣିରେ ବୁଡ଼ିବ ନାହିଁକି'। ଭଦ୍ର ମୋଶନ ଷ୍ଟୁଡିଓ ବ୍ୟାନରରେ ଉପହାର ଭଦ୍ରଙ୍କ ନିବେଦିତ ଉକ୍ତ ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଗିରିଶ ମହାନ୍ତି। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ଏହାର କାହାଣୀ ଗତିଶୀଳ। ଛୋଟ ପରଦାରେ ପ୍ରଶଂସା ସାଉଁଟିବା ପରେ ଉପାସନା ଭଦ୍ର ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ନବାଗତ ଶ୍ରେୟାନ୍। ବିଭୂତି ଭୂଷଣ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏଥିରେ ସଂଯୋଜିତ ସାତୋଟି ଗୀତର ଶୁଟିଂ ହିମାଳୟ ପାଦଦେଶ, କୋରାପୁଟ ଏବଂ ବାରିପଦାରେ କରାଯାଇଛି।

## ଅ ତୀ ତ ରୁ

➤ଅଜିତ୍ ଦାସ-ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା 'ବାଟ ଅବାଟ'। ବୃନ୍ଦାବନ ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ ଭୁବନ-ହରି।

➤ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି।

➤କାମିନୀ ତ୍ରିପାଠୀଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'କାଚଘର'। ଏହାର ନିର୍ଦ୍ଦେଶନା ଦେଇଥିଲେ ବ୍ୟୋମକେଶ ତ୍ରିପାଠୀ। ଚିତ୍ରର ବିଭିନ୍ନ ଭୂମିକାରେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ପ୍ରମୁଖ କଳାକାର ଅଭିନୟ କରିଥିଲେ।

➤ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ନାୟକ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା ଏବଂ ତାଙ୍କ ନାୟିକା ସାଜିଥିଲେ ସେ ସମୟର ଅନ୍ୟତମ ଲୋକପ୍ରିୟ ନାୟିକା ବନଜା ମହାନ୍ତି। ଏହାର ନିର୍ଦ୍ଦେଶନା ଦେଇଥିଲେ କେ. ଭୀମେଶ୍ୱର ରାଓ।

➤'ମମତାର ଫୁଲ ମା' ନାହିଁ ତୋର' ହେଉ ଅବା 'ଦିନରେ ବସନ୍ତ ଆମେ, ଆମେ ରାତିରେ ବାସନ୍ତୀ'- ଏହି ଗୀତ ଦୁଇଟି ଏବେ ମଧ୍ୟ ଅନେକ ସିନେପ୍ରେମୀଙ୍କ ମନରେ ବେଶ୍ ସତେଜ ହୋଇ ରହିଛି। ଭୁବନ-ହରିଙ୍କ ସ୍ୱର ସଂଯୋଜନାରେ ଏଭଳି ଗୀତ ଦୃଶ୍ୟାୟିତ ହୋଇଥିଲା ସେ ସମୟର ସୁପରହିଟ୍ ଫିଲ୍ମ 'ମା ଓ ମମତା'ରେ। ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ଏହି ଚିତ୍ରରେ ଦେଖିବାକୁ ମିଳିଥିଲା ଅନ୍ୟତମ ଲୋକପ୍ରିୟ ଯୋଡ଼ି ପ୍ରଶାନ୍ତ ନନ୍ଦ-ମହାଶ୍ୱେତା ରାୟଙ୍କୁ। ଏହି ଚଳଚ୍ଚିତ୍ରରେ ଅନୀତା ଦାସ ଏବଂ ସାମୁଏଲ ସାହୁ (ବାବି) ମଧ୍ୟ ଅଭିନୟ କରିଥିଲେ।

# କେବଳ ଗୀତ ପାଇଁ...

**ଶ୍ରୀ**ଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିସ୍‌ଙ୍କୁ ନେଇ ଏବେ ଚର୍ଚ୍ଚା। ୟା' ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି, ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ, ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ, ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନ୍‌ସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ଜ୍ୟାକ୍‌ଲିନ୍ କହନ୍ତି, ''ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡ଼ିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନ୍‌ଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।'' ତେବେ ଏଥିରେ ତାଙ୍କର ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।


ଜ୍ୟାକ୍‌ଲିନ୍

ଅପେରା ହାଲଚାଲ


ସମୀର

## ବଡ଼ ବ୍ରେକ୍‌କୁ ଅପେକ୍ଷା

**ପ୍ର**ଥମେ ନିଜ ଗାଁରେ ପରିବେଷିତ ଡ୍ରାମାରେ ନାୟକ ସାଜୁଥିଲେ। ପ୍ରାୟ ୨୫ରୁ ଅଧିକ ନାଟକରେ ଅଭିନୟ କରିବା ପରେ ଏହାକୁ କ୍ୟାରିୟର କରିବାକୁ ମନସ୍ଥ କରିଥିଲେ ସେ। ଆଉ ଏବେ ସେ ଜଲିଉଡ୍‌ରେ ନିଜ ଅଭିନୟ ପରାକାଷ୍ଠା ପ୍ରଦର୍ଶନ କରି ବେଶ୍ ପ୍ରଶଂସିତ ହୋଇଛନ୍ତି। ସେ ହେଲେ ସମୀର ପରିଡା। ବର୍ତ୍ତମାନ ଯାତ୍ରା ଦରବାରରେ ସେ ନିଜର ଅଭିନୟ ଜାରି ରଖିଛନ୍ତି। ପୁରୀ ଜିଲା ପୁରୀ ସଦର ବ୍ଲକ ଅନ୍ତର୍ଗତ ବାଣିଆକେରା ଗ୍ରାମରେ ତାଙ୍କର ଜନ୍ମ। ନିଜ କ୍ୟାରିୟର ସମ୍ପର୍କରେ ସମୀର କହନ୍ତି, 'ଗାଁରେ ଡ୍ରାମା କରୁଥିବା ସମୟରେ ଥରେ ପୁରୀସ୍ଥିତ ଅନ୍ନପୂର୍ଣ୍ଣ ଥିଏଟରର ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନଙ୍କ ସହ ଭେଟ ହୋଇଥିଲା। ତାଙ୍କର କେଇପଦ କଥା ମୋରେ ଜଣେ ଅଭିନେତା ହେବାର ଆଶାକୁ ଆହୁରି ଦ୍ୱିଗୁଣିତ କରିଥିଲା। ମାତ୍ର ଛଅ ବର୍ଷର ଅପେରା କ୍ୟାରିୟରରେ ଜଣେ ପାର୍ଶ୍ୱ ଅଭିନେତା ଭାବରେ ମୋର ଅଭିନୟକୁ ଦର୍ଶକ ଗ୍ରହଣ କରିଛନ୍ତି। ହେଲେ ମୁଖ୍ୟ ଭୂମିକାରେ ଅଭିନୟ କରିବାର ଯଦି କେବେ ସୁଯୋଗ ମିଳେ ତେବେ ସେଭଳି ଦାୟିତ୍ୱକୁ ତୁଲାଇବାର ଦକ୍ଷତା ମୋର ରହିଛି।' ଧଉଳି ଗଣନାଟ୍ୟରୁ ତାଙ୍କର ଅପେରା ଜୀବନ ଆରମ୍ଭ ହୋଇଥିଲା। ତା'ପରେ ଟାଇଗର ତାରିଣୀ, ଏବଂ ବାଣେଶ୍ୱରୀ ଗଣନାଟ୍ୟରେ ନିଜର ଆକ୍ଟିଂ ପରାକାଷ୍ଠା ଦେଖାଇ ସାରିଛନ୍ତି। ସେ ଅଭିନୟ କରିଥିବା ପ୍ରମୁଖ ନାଟକ ମଧ୍ୟରେ ରହିଛି-ବ୍ୟାଡ୍ ଗାର୍ଲ, ନୂଆ କାହାଣୀ, ସୀତା ବାନ୍ଧୁଛି ସେତୁ ବନ୍ଧ (ଧଉଳି), ସୁନ୍ଦରୀ ହଜିଲା ସିଂହ ଦୁଆରେ, ସୁନା ଝିଅ ତାରିଣୀ (ଟାଇଗର ତାରିଣୀ), ମାଣିକ ଆମର ସୁନା କନିଆ, ସ୍ୱର୍ଗ ଦ୍ୱାର ଯିବି ସଜ ହୋଇଛି, କାଳ ବୈଶାଖୀର କାଳ ରାତି (ବାଣେଶ୍ୱରୀ), ଶ୍ରାବଣ ଦେଇଛି ଦୁଃଖ ଛଗୁଣ, ଲୁଚି ଲୁଚି କାହିଁ ପିଉଛୁ ଲୁହ, ଭାଇ ସାତ ପର ଭାରିଯା ନିଜର (ଯାତ୍ରା ଦରବାର)।

ପରଦାରେ

# ମହାବାହୁ


ଚଳଚ୍ଚିତ୍ର 'ମହାବାହୁ'ର ଏକ ଦୃଶ୍ୟରେ ଆକାଶ (ବାମ) ଏବଂ ଶ୍ରୀତମ ଦାସ

**ସ**ବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଓଡ଼ିଆ ସିନେମା 'ମହାବାହୁ' ଚଳିତ ମାସ ଦୁଇ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅଲୌକିକ ଲୀଳାକୁ ଆଧାର କରି ଏହାର କାହାଣୀ ଗତିଶୀଳ। ତା'ସହ ଏଥିରେ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ଆର.ଆର. ଇଭେଣ୍ଟସ୍ ସିନେ ପ୍ରଡକ୍ସନ ଏବଂ ଷ୍ଟୁଡିଓ ଥ୍ରୀସିକ୍ସଟି ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀତମ୍ ଦାସ। ତା'ସହ ଚିତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ସେ ମଧ୍ୟ ଅଭିନୟ କରିଛନ୍ତି। ମୁଖ୍ୟ ଭୂମିକାରେ ଆକାଶ ଦାସନାୟକଙ୍କୁ ଦେଖିବାକୁ ମିଳିବ ଏବଂ ତାଙ୍କର ନାୟିକା ସାଜିଛନ୍ତି ପୁନମ୍ ମିଶ୍ର। ଆକାଶ-ପୁନମ୍‌ଙ୍କ ବ୍ୟତୀତ ତନୁଶ୍ରୀ, ଦିବ୍ୟା, ହରିହର ମହାପାତ୍ର, ଟୋପି, ଉଷସୀ ମିଶ୍ର ମଧ୍ୟ କାଷ୍ଟିଂରେ ଅଛନ୍ତି । ଫିଲ୍ମଟିର ପ୍ରଯୋଜନା କରିଛନ୍ତି ରମେଶ ବାରିକ ଏବଂ କେ. ତମନ୍ନା। ଏ ସମ୍ପର୍କରେ ରମେଶ କହନ୍ତି, ''ଏହି ଫିଲ୍ମର କାହାଣୀରେ ଭିନ୍ନତା ରହିଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ବିଚିତ୍ର। ଏଥିରେ ତାହାର ଝଲକ ମଧ୍ୟ ଦେଖିବାକୁ ମିଳିବ। ସବୁଠାରୁ ଖାସ୍ କଥା ହେଲା, ଜାତୀୟ ପୁରସ୍କାରକୁ ଆଖି ଆଗରେ ରଖି ଏହାକୁ ପ୍ରସ୍ତୁତ କରାଯାଉଛି। ଶରରାଣବିନ୍ଦ ଏହାର ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ପ୍ରେମାନନ୍ଦ।

ନୂଆ ସିନେମା

# ଶଙ୍କର


ଦେବାନନ୍ଦ-ସିଦ୍ଧାନ୍ତ

**ଏ**ସ୍.ଡି. ଫିଲ୍ମସ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଶଙ୍କର'। ଏକ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ଏହାର କାହାଣୀ ପରିକଳ୍ପନା କରାଯାଇଛି। ଏହାର ଟାଇଟଲ ତଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଅଭିନୟ କରୁଥିବା ବେଳେ ତାଙ୍କ ସହ ନବାଗତ ପାୱାର ଷ୍ଟାର୍ ଦେବାନନ୍ଦଙ୍କୁ ଦେଖିବାକୁ ମିଳିବ । ଦେବାନନ୍ଦଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଦିବ୍ୟାଶା। ସାବତ ପୁଅ ହେଲେ ମଧ୍ୟ ଏକ ପରିବାରକୁ ସେ କିପରି ସାହା ହେଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଅରବିନ୍ଦ ସାହୁ। ଅନ୍ୟପକ୍ଷରେ ପୂର୍ବରୁ ପରଦା ଉପରକୁ ଆସିଥିବା ଓଡ଼ିଆ ସିନେମା 'ଏ ମନ ମାନେନା', 'ଆରେ ସାଥୀ ଆ', 'ମୁନ୍ନା-ଏ ଲଭ୍ ଷ୍ଟୋରି' ଏବଂ 'ମନେ ମନେ ମନ ଖୋଜୁଥିଲା'ର ନିର୍ଦ୍ଦେଶକ ଏନ୍. ପାଢ଼ୀ ଚିତ୍ରଟିର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସିଭ, ସୁପ୍ରିୟା, କୁନା ତ୍ରିପାଠୀ, କେକେ, ବିଜୁ ବଡ଼ଜେନା, କାଳୀ, ଦୀପ୍ତିରେଖା ପଣ୍ଡା, ନୂପୁର ଘୋଷ, ସୁଶାନ୍ତ, ଡା. ଅନନ୍ତ ଆଚାର୍ଯ୍ୟ ଓ ମିତା ଚକ୍ରବର୍ତ୍ତୀଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ମନୋରଞ୍ଜନ ଦାସ ସଂଳାପ ରଚନା କରିଥିବା ବେଳେ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ଚଳଚ୍ଚିତ୍ରଟି ଦଶହରା ବଜାରରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ସେପ୍ଟେମ୍ବର ୧/୨୦୨୨ Dhenkanal, Thursday, September 1/ 2022

# ସବୁ ପିଲାଙ୍କୁ ୫୦%-୫୦% ଆଧାରରେ ମାର୍କ ଦେଉ ସିବିଏସ୍ଇ

## ପରୀକ୍ଷା ଫଳ ବିବାଦ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ଦଶମ ଟର୍ମ-୧ ଓ ଟର୍ମ ୨ର ମୂଲ୍ୟାୟନ ୫୦:୫୦ ପ୍ରତିଶତ ଆଧାରରେ କରିବା ପାଇଁ ଦିଲ୍ଲୀ ହାଇକୋର୍ଟ ସିବିଏସ୍ଇକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ସିବିଏସ୍ଇ ନିଜ ତରଫରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଏହି ସୁବିଧା ଦେବା ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। ଅଭିଭାବକମାନେ ନ୍ୟାୟାଳୟରୁ ନିର୍ଦ୍ଦେଶ କାହିଁକି ଆଣିବେ, କାହିଁକି ଅର୍ଥ ଖର୍ଚ୍ଚ କରିବେ, ସିବିଏସ୍ଇ ନିଜ ତରଫରୁ ଏପରି ମୂଲ୍ୟାୟନ କରିଦେଲେ ଦେଶର ଲକ୍ଷାଧିକ ଛାତ୍ରୀଛାତ୍ର ଉପକୃତ ହେବେ। ଓଡ଼ିଶାରେ ଦଶମରେ ପ୍ରାୟ ୧୮ହଜାରରୁ ଊର୍ଦ୍ଧ୍ୱ ଓ ୧୨ହଜାରରୁ ଊର୍ଦ୍ଧ୍ୱ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ରହିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟିକୁ ନେବା ସହିତ ଚିଠି ଲେଖି ରାଜ୍ୟର ୩୦ହଜାର ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବା ପାଇଁ ଦାୟିତ୍ୱ ନିଅନ୍ତୁ ବୋଲି ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି।

ସୂଚନାଯୋଗ୍ୟ, କରୋନା ପାଇଁ ଚଳିତ ବର୍ଷର ସିବିଏସ୍ଇ ପରୀକ୍ଷା ଦୁଇଟି ପର୍ଯ୍ୟାୟରେ (ଟର୍ମ-୧ ଓ ଟର୍ମ-୨) ହୋଇଥିଲା। ଉଭୟ ପରୀକ୍ଷାର ଥିଓରି ଓ ପ୍ରାକ୍ଟିକାଲର ୫୦%-୫୦% ମାର୍କକୁ ନେଇ ଫଳାଫଳ ପ୍ରକାଶ ପାଇବ ବୋଲି ଗତବର୍ଷ ଜୁଲାଇ ୫ରେ ସିବିଏସ୍ଇ ଘୋଷଣା କରିଥିଲା। ଦୁଇ ଟର୍ମର ରେଜଲ୍ଟ ବାହାରିବା ପରେ ଗତ ଜୁଲାଇ ୨୨ରେ ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି ଯେ, ମୂଲ୍ୟାୟନ ପାଇଁ ପୂର୍ବରୁ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ। କମିଟିର ପରାମର୍ଶ ଅନୁସାରେ ଟର୍ମ-୧ର ଥିଓରିର ୩୦% ଓ ଟର୍ମ-୨ ଥିଓରିର ୭୦% ମାର୍କ ଏବଂ ଦୁଇଟି ଟର୍ମର ପ୍ରାକ୍ଟିକାଲ ପରୀକ୍ଷା ୫୦%-୫୦% ଆଧାରରେ ମୂଲ୍ୟାୟନ ହୋଇଛି। ଏହା ଜାଣିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତାରେ ପଡିଯାଇଛନ୍ତି। ଏହାକୁ ବିରୋଧ କରି ମହାସଂଘ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରସ୍ତୁତ କରୁଛି ମହାସଂଘ। ତେବେ ସମାନ ଘଟଣାରେ ଦିଲ୍ଲୀ ହାଇକୋର୍ଟ ଛାତ୍ରୀ ଦେବଶ୍ରୀ ବାଲିଙ୍କ ମାମଲାର ଶୁଣାଣି କରି ୫୦%-୫୦% ଆଧାରରେ ମାର୍କ ଦେବା ପାଇଁ ସିବିଏସ୍ଇକୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଓଡ଼ିଶାର ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନେବା ପାଇଁ ମହାସଂଘ ଦାବି କରିଛି।

# ଆଜି ସରିବ ଯୁକ୍ତ୩ ନାମଲେଖା ଆବେଦନ

**ଭୁବନେଶ୍ୱର, ୩୧।୮ (ବ୍ୟୁରୋ)**

ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଗୁରୁବାର ଶେଷ ହେବ। ରାତି ୧୧ଟା ୪୫ ଭିତରେ ଛାତ୍ରୀଛାତ୍ର ଆବେଦନ କରିପାରିବେ। ପୂର୍ବରୁ ପ୍ରଥମେ ନାମଲେଖା ଆବେଦନ ସମୟସୀମା ଅଗଷ୍ଟ ୨୫ ପର୍ଯ୍ୟନ୍ତ ରହିଥିଲା। କିନ୍ତୁ ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦେଖି ଏହାର ଅବଧି ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସେହିପରି ନାମଲେଖା ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ସେହି ଅନୁସାରେ, ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା ମେଧା ତାଲିକା ଆସନ୍ତା ୭ ତାରିଖ ଅପରାହ୍ନ ୨ଟାରେ ପ୍ରକାଶ ପାଇବ ଓ ନାମଲେଖା ସେହିଦିନ ଅପରାହ୍ନ ୨ଟାରୁ ୧୧ ତାରିଖ ଅପରାହ୍ନ ୫ଟା ଯାଏ ଚାଲିବ। ରବିବାର ମଧ୍ୟ ନାମଲେଖା ହେବ। ଏହାପରେ ୧୬ ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ରମାନେ ୧୬ ତାରିଖ ଅପରାହ୍ନ ୨ଟାରୁ ୧୯ ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ଏଥିରେ ମଧ୍ୟ ରବିବାର ନାମଲେଖା ହେବ। ୨୮ତାରିଖ ଅପରାହ୍ନ ୨ଟାରେ ସ୍ପଟ୍ ମେଧା ତାଲିକା ପ୍ରକାଶ ପାଇବ। ୨୮ତାରିଖ ଅପରାହ୍ନ ୨ଟାରୁ ଅକ୍ଟୋବର ୧ ସନ୍ଧ୍ୟା ମଧ୍ୟରେ ସ୍ପଟ ନାମଲେଖା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ପାରାଦୀପ ପୋର୍ଟ ଜମି ହଡ଼ପ ଘଟଣାର ତଦନ୍ତ ହେବ

## ତଦନ୍ତ ପାଇଁ ପୋର୍ଟ ଭିଜିଲାନ୍ସ ବିଭାଗକୁ ସିବିଆଇର ଚିଠି

**ଧର୍ମଶାଳା,୩୧।୮ (ଡି.ଏନ.ଏ.):** ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବ୍ରହ୍ମପୁର ଶାସନଠାରେ ପାରାଦୀପ ପୋର୍ଟ ଜମିକୁ ସ୍ଥାନୀୟ ଅଞ୍ଚଳର ଜଣେ ଖଣି ବ୍ୟବସାୟୀ ହାତେଇଥିବା ନେଇ ସିବିଆଇରେ ଅଭିଯୋଗ ହେବାପରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ପାରାଦୀପ ପୋର୍ଟ ଭିଜିଲାନ୍ସ ଡିପାର୍ଟମେଣ୍ଟକୁ ଘଟଣାର ତଦନ୍ତ ପାଇଁ ସିବିଆଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଧର୍ମଶାଳା ତହସିଲର ବ୍ରହ୍ମପୁରଶାସନଠାରେ ଡମ୍ପିଂ ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ୩୪.୪୬ ଏକର ଜମି ପ୍ରଦାନ କରାଯାଇଛି। ଏଥିରୁ ୨୦ ଏକର ଜମିକୁ ପୋର୍ଟ ପକ୍ଷରୁ ୬ ବର୍ଷିଆ ଲିଜ୍ ଆକାରରେ ସ୍ଥାନୀୟ ଅଞ୍ଚଳର ଖଣି ବ୍ୟବସାୟୀ ଶ୍ରୀବାସ ଜେନାଙ୍କୁ ୨୦୦୭ ନଭେମ୍ବର ୧ରେ ପ୍ରଦାନ କରାଯାଇଥିଲା। ୮/୨/୨୦୧୨ରେ ଏହାର ଅବଧି ସରି ଯାଇଥିଲା। ମାତ୍ର ଖଣି ବ୍ୟବସାୟୀ ଜେନା ଏହି ୨୦ ଏକର ଜମିକୁ ବେଆଇନ ଭାବେ ନିଜ ଅକ୍ତିଆରରେ ରଖି ସେଠାରେ ନିଜର ବ୍ୟବସାୟ ଚଳାଉଛନ୍ତି। ଏନେଇ ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଘଟଣାର ସିବିଆଇ ତଦନ୍ତ ପାଇଁ ଆବେଦନ କରିଥିଲେ।



ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ସମଲେଇ ମନ୍ଦିର ପାର୍ଶ୍ୱ ଦେବଦେବୀଙ୍କୁ ସିନ୍ଦୂର ଅର୍ପଣ

## ଆଜି ନୂଆଁଖାଇ: ପଶ୍ଚିମ ଓଡ଼ିଶା ଉତ୍ସବମୁଖର

**ସମ୍ବଲପୁର,୩୧।୮ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ଶିଘା ତିହାର ନୂଆଁଖାଇ। କୃଷି ଭିତ୍ତିକ ଏହି ଗଣପର୍ବ ପାଇଁ ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ଇଷ୍ଟଦେବୀଙ୍କୁ ନବାନ୍ନ ଲାଗିପରେ ପରିବାରରେ ନୂଆଁ ଖାଇବେ। ପଶ୍ଚିମ ଓଡ଼ିଶାର ସମ୍ବଲପୁରର ମାଁ ସମଲେଇ, ବୌଦ୍ଧର ଭୈରବୀ, ନୂଆଁପଡ଼ା ଜିଲାର ଟାନ୍ୱାଟ୍ କଣା ଭଇଁରା, ବରଗଡ ଓ ଝାରସୁଗୁଡ଼ାର ସମଲେଇ, ସୁନ୍ଦରଗଡ଼ର ସମଲେଇ ଓ ଶିଖରବାସିନୀ, ବଲାଙ୍ଗୀରର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ପୀଠରେ ପ୍ରଥମେ ନବାନ୍ନ ଲାଗି ହେବ। ପୂର୍ବଦିନ ବୁଧବାର ସମଲେଇ ମନ୍ଦିରରେ ପୂଜା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମଧ୍ୟାହ୍ନରେ ଇଷ୍ଟଦେବୀ ସମଲେଇଙ୍କ ସିନ୍ଦୂର ଅର୍ପଣ ନୀତି ହୋଇଥିଲା। ଏହାପରେ ମନ୍ଦିର ପରିସର ପାର୍ଶ୍ୱ ଦେବଦେବୀଙ୍କୁ ସିନ୍ଦୂର ଅର୍ପଣ କରାଯାଇଛି। ସକାଳ ୮ଟାରେ ୧୧୫ ଦେବଦେବୀଙ୍କୁ ସ୍ନାନ କରାଯାଇଛି। ଏହାପରେ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ସିନ୍ଦୂର ଓ ଜଡାତେଲ ମିଶ୍ରଣ କରି ସିନ୍ଦୂର ପ୍ରସ୍ତୁତ କରିଥିଲେ। ପ୍ରଥମେ ଶୀତଳା ଦେବୀଙ୍କୁ ପୂଜକମାନେ ସିନ୍ଦୂର ଅର୍ପଣ କରିଥିଲେ। ଏହି ସମୟରେ ଘଣ୍ଟି, ଶଙ୍ଖ, ହରିବୋଲ ହୁଳହୁଳିରେ ମନ୍ଦିର ପରିସର ଉଚ୍ଛୁଳିପଡିଥିଲା। କ୍ରମାନ୍ୱୟରେ ଦେବଦେବୀଙ୍କୁ ସିନ୍ଦୂର ଅର୍ପଣ ସହ ପ୍ରଣିପାତ କରାଯାଇଥିଲା। ସିନ୍ଦୂର ଅର୍ପଣ ସହ ସମଲେଇଙ୍କ ଆଭୂଷଣ ପ୍ରସ୍ତୁତ କରାଯାଇଛି। ସନ୍ଧ୍ୟା ୬ଟାରେ ମୁଖ୍ୟ ପୂଜକ ରାୟଙ୍କ ଘରେ ଦେବୀଙ୍କ ପ୍ରିୟ ସାରୁପତ୍ର ପହଞ୍ଚିଛି। ସାରୁପତ୍ରରେ ଶାଗ ପ୍ରସ୍ତୁତ କରି ସମଲେଇଙ୍କୁ ଅର୍ପଣ କରିବା ବିଧି ରହିଛି। ନୂଆଁଖାଇ ପାଇଁ ବାହାରେ ରହୁଥିବା ପରିବାର ଲୋକେ ଘରକୁ ଫେରୁଛନ୍ତି। ଏଥିପାଇଁ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ରେଳଷ୍ଟେଶନ, ବସ୍ଷ୍ଟାଣ୍ଡ, ଅଟୋଷ୍ଟାଣ୍ଡରେ ଭିଡ ଲାଗିରହିଥିଲା। ନୂଆଁଖାଇ ଭେଟଘାଟ ଲାଗି ଝାଡୁଆପଡା ବଡଦୁଆରେସ୍ଥିତ ଆରଣ୍ୟକ ମଞ୍ଚ, ନନ୍ଦପଡା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପସ୍ଥିତ ଚିତ୍ରୋତ୍ପଳା ମଞ୍ଚ, ବଡବଜାର ସମଲେଶ୍ୱରୀ ମଣ୍ଡପ ସଜାହୋଇଛି। ସୁସଜ୍ଜିତ ମଞ୍ଚ କଳାକାର ଓ ଅତିଥିଙ୍କ ଅପେକ୍ଷାରେ ରହିଛି। ରାତ୍ରି ପର୍ଯ୍ୟନ୍ତ ସହରର ଗୋଲବଜାର, ମୁଦିପଡା ଛକ ନିକଟ ପୁରୁଣା ବସ୍ଷ୍ଟାଣ୍ଡ, କମଳିବଜାର, ଫାର୍ମ ରୋଡ, ଭିଏସ୍ଏସ୍ ମାର୍ଗ, ଚାରଭାଟି ଛକ, କଚେରି ଛକ, ରେମେଡ ପ୍ରଭୃତି ଅଞ୍ଚଳରେ ନୂଆଁଖାଇ ବଜାର ବସିଥିଲା। ମହିଳା ଓ ପୁରୁଷ, ବାଳିକା ବାଳକମାନେ ନୂଆଁବସ୍ତ୍ର କିଣିବାକୁ ଦୋକାନ ଗୁଡିକରେ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା।


ସମେଲଶ୍ୱରୀ ମନ୍ଦିର ପାର୍ଶ୍ୱ ଦେବଦେବୀଙ୍କୁ ସିନ୍ଦୂର ଅର୍ପଣ କରାଯାଉଛି।

## ସୁଯୋଗ ରହିଛି...

**ପ୍ରଥମ ପୃଷ୍ଠାରୁ...**

ପ୍ରତିନିଧିଙ୍କ ସହ ଆଲୋଚନା କରିବା ସହ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଦେଶର ଏକ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ରାଜ୍ୟ। ଗତ ଦେଢ଼ ଦଶନ୍ଧି ଧରି ରାଜ୍ୟର ଅଭିବୃଦ୍ଧି ଜାତୀୟ ହାରଠାରୁ ନିୟମିତ ଭାବେ ଉପରେ ରହି ଆସିଛି। ଏଥିସହିତ ପ୍ରାକୃତିକ ବିଭବରେ ଭରପୂର ଥିବା କାରଣରୁ ଓଡ଼ିଶା ପୂର୍ବ ଭାରତର ଏକ ବୃହତ୍ ଶିଳ୍ପ ହବ୍‌ରେ ପରିଣତ ହୋଇଛି। ଗତ ୨୦ ବର୍ଷ ଧରି ଆମ ସରକାରଙ୍କ ପ୍ରଗତିଶୀଳ ନୀତି, ଦୃଢ଼ ପ୍ରଶାସନ ଓ ବୈଷୟିକ ପଦ୍ଧତିର ବ୍ୟବହାର ଯୋଗୁ ପ୍ରାକୃତିକ ସମ୍ପଦର ସଦୁପଯୋଗ କରିବାରେ ସଫଳ ହୋଇଛି। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ପୁଞ୍ଜିନିବେଶକାରୀଙ୍କୁ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ଯୋଗ ଦେବାକୁ ଆମନ୍ତ୍ରଣ କରିଛନ୍ତି। ଏଥିସହିତ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓଡ଼ିଶାରେ ହସ୍ତତନ୍ତଠାରୁ ଆରମ୍ଭ କରି ବିଭିନ୍ନ ଶିଳ୍ପ ପାଇଁ ଯଥେଷ୍ଟ ସୁଯୋଗ ରହିଥିବା ସୂଚନା ଦେଇଥିଲେ। ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ଯୋଗଦେବାକୁ ବିଭିନ୍ନ ଦେଶର ପୁଞ୍ଜିନିବେଶକାରୀଙ୍କୁ ସେ ଆମନ୍ତ୍ରଣ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସେ କହିଥିଲେ ଯେ ଓଡ଼ିଶା ଏକ ବୃହତ୍ ବିକଶିତ ରାଜ୍ୟ ଭାବେ ପରିଗଣିତ ହୋଇଛି। ଶିଳ୍ପାୟନ ଯୋଗୁ ବର୍ଷ ବର୍ଷ ଧରି ରାଜ୍ୟର ଜିଏସ୍‌ଡିପିରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ରାଜ୍ୟ ବିକାଶର ସୋପାନ ଅତିକ୍ରମ କରି ଚାଲିଛି। ଓଡ଼ିଶା ଅଥବା କଳିଙ୍ଗ ନିଜର ବ୍ୟବସାୟ ଓ ବାଣିଜ୍ୟ ପାଇଁ ପ୍ରସିଦ୍ଧ ହୋଇଆସିଛି। ଏବେ ଓଡ଼ିଶା ସମଗ୍ର ଦେଶରେ ଷ୍ଟିଲ୍, ଷ୍ଟେନ୍‌ଲେସ ଷ୍ଟିଲ୍ ଓ ଆଲୁମିନିୟମ ଉତ୍ପାଦନରେ ଏକ ବୃହତ୍ ରାଜ୍ୟରେ ପରିଣତ ହୋଇଛି। ଏଥିସହିତ ଓଡ଼ିଶା କେମିକାଲ୍‌ସ, ପେଟ୍ରୋକେମିକାଲ୍ସ, ଟେକ୍ସଟାଇଲ୍ସ, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଏକ ବୃହତ୍ ରାଜ୍ୟରେ ପରିଣତ ହେବାକୁ ଯାଉଛି। ଆଗାମୀ ଦିନ ପାଇଁ ଉପଯୋଗୀ ହେବାକୁ ଥିବା ଗ୍ରୀନ୍ ହାଇଡ୍ରୋଜେପନ ଓ ଗ୍ରୀନ୍ ଆମୋନିଆ, ଡାଟା ସେଣ୍ଟର, ଇଭି ମାନୁଫାକ୍ଚରିଂ କ୍ଷେତ୍ର ପାଇଁ ମଧ୍ୟ ଓଡ଼ିଶା ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିପାରିଛି। ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୨ ହେଉଛି ଏକ ଫ୍ଲାଗ୍‌ସିକ ପୁଞ୍ଜିନିବେଶ କାର୍ଯ୍ୟକ୍ରମ। ବିଶ୍ୱ ନେତୃତ୍ୱଙ୍କ ପାଇଁ ଏକ ବ୍ୟବସାୟିକ ପ୍ଲାଟଫର୍ମ ପ୍ରସ୍ତୁତ କରିବା ସକାଶେ ଏକ ବଡ଼ ସୁଯୋଗ ସୃଷ୍ଟି କରିପାରିଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଶିଳ୍ପ ସଚିବ ହେମନ୍ତ ଶର୍ମା ଯୋଗଦେଇ ହେବାକୁଥିବାମେକ୍‌ଇନ୍‌ଓଡ଼ିଶାଏବଂଗତ୨୦ବର୍ଷରସ୍ଥିରସରକାର ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଇଡ୍‌କୋ ଏମ୍‌ଡି ଭୂପେନ୍ଦ୍ର ସିଂ ପୁନିଆ ଏବଂ ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ ଆଲାମ ଯୋଗ ଦେଇଥିଲେ।

## ବନ୍ଦ କରିଦେଲେ...

ଦିଆଯାଉଥିବାରୁ ଜଣେ ଅଣଅଧିକାରୀଙ୍କୁ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ପଦ ପ୍ରଦାନ କରି ମୋ ସ୍କୁଲ କାର୍ଯ୍ୟକ୍ରମ ପରିଚାଳନାର ଦାୟିତ୍ୱ ଦିଆଯାଇଛି। ଏତେ ମାତ୍ରାରେ ଦାତାମାନେ ଅର୍ଥ ଲଗାଇଥିବା ବେଳେ ସରକାର ଏ ବାବଦରେ ସର୍ବସାଧାରଣରେ ତଥ୍ୟ ନ ରଖିଥିବା ବିଷୟ ସନ୍ଦେହ ସୃଷ୍ଟି କରୁଛି। କାରଣ ମୋ ସ୍କୁଲ ଅଭିଯାନରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ କହିବା ପରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ବହୁ ଏସ୍‌ଓ(ସେକ୍ସନ ଅଫିସର), ଏଏସ୍‌ଓ(ଆସିଷ୍ଟାଣ୍ଟ ସେକ୍ସନ ଅଫିସର) ମଧ୍ୟ ଅଛନ୍ତି। ତେଣୁ ସରକାରୀ କର୍ମଚାରୀମାନେ ଏହି ଯୋଜନାରେ ବ୍ୟବହୃତ ହୋଇଥିବା ଅର୍ଥ ସମ୍ପର୍କରେ ନ ଜାଣିପାରିବା ଯୋଗୁ ବହୁ ମାତ୍ରାରେ ପ୍ରତିକ୍ରିୟାଶୀଳ ରହୁଛନ୍ତି।

ଜଣେ ସରକାରୀ ଅଧିକାରୀଙ୍କ ତଥ୍ୟ ଅନୁଯାୟୀ, ରାଜ୍ୟରେ ମୋଟ ୩୫,୦୦୦ରୁ ଅଧିକ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ ଅଧୀନରେ ଯୋଡ଼ି ହୋଇଛି। ମୋଟ ୨୦ ଲକ୍ଷ ପୁରାତନ ଛାତ୍ର ସହାୟତାର ହାତ ବଢ଼ାଇଛନ୍ତି। ସେଥିମଧ୍ୟରୁ ୭ ଲକ୍ଷ ପୁରାତନ ଛାତ୍ରୀଛାତ୍ର ତାଙ୍କ ସ୍କୁଲ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ବାକି ୧୩ ଲକ୍ଷ ବିଭିନ୍ନ କାମ ନିଜେ ଦାୟିତ୍ୱ ନେଇ ତୁଲାଇଛନ୍ତି। ହେଲେ ଉକ୍ତ ୭ ଲକ୍ଷ ପୁରାତନ ଛାତ୍ରୀଛାତ୍ର କେତେ ଟଙ୍କା ପ୍ରଦାନ କରିଛନ୍ତି ତାହାର କୌଣସି ତଥ୍ୟ ବାହାରକୁ ଦିଆଯାଉ ନାହିଁ। ଅନ୍ୟପଟେ ବିଭିନ୍ନ ପ୍ରକାର ମରାମତି କାର୍ଯ୍ୟ କରିଥିବା ପୁରାତନ ଛାତ୍ରୀଛାତ୍ର ଏଥିରୁ କେତେ ବକେୟା ଅର୍ଥ ଖର୍ଚ୍ଚ କରିଛନ୍ତି ତାହାର ମଧ୍ୟ ବିସ୍ତୃତ ତଥ୍ୟ ସରକାର ଏ ପର୍ଯ୍ୟନ୍ତ ପ୍ରଦାନ କରିନାହାନ୍ତି। ସରକାର ଗଠନ କରିଥିବା କର୍ପସ ପାଣ୍ଠିରୁ କେତେ ଅର୍ଥ ଖର୍ଚ୍ଚ କରାଗଲାଣି ଏବଂ ଏ ପର୍ଯ୍ୟନ୍ତ କେତେ ରହିଛି ସେନେଇ ତଥ୍ୟ ଜାଣିବାକୁ ଚାହିଁଲେ ମଧ୍ୟ ସରକାରଙ୍କ ପକ୍ଷରୁ ଜାଣିଶୁଣି ବାହାରକୁ କିଛି ଛଡାଯାଉନାହିଁ। ତେବେ ଆଗରୁ କେତେଜଣ ଏହି ଅଭିଯାନରେ ସାମିଲ ହେଲେ ନ ହେଲେ ସେକଥା ସରକାର ଜଣାଉଥିବା ବେଳେ ଏବେ ସେତକ ବି ତଥ୍ୟ ରଖାଯାଉନି।

## ପୋଖରୀରେ ବୁଡ଼ି...

ଉଭୟେ ସ୍କୁଲରୁ ଗଣେଶ ପୂଜା ଭୋଜି ଖାଇବା ପରେ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ପୋଖରୀରେ ଶୌଚ ହେବାବେଳେ ଗୋଡ଼ ଖସିଯିବାରୁ ଦୁହେଁ ଗଭୀର ପାଣିକୁ ଚାଲି ଯାଇଥିଲେ। ଆଖପାଖ ଅଞ୍ଚଳରେ କେହି ନ ଥିବାରୁ ସେମାନଙ୍କୁ ବଞ୍ଚାଇବା ସମ୍ଭବ ହୋଇ ପାରି ନ ଥିଲା। ଏହି ଘଟଣାର କିଛି ସମୟ ପରେ ଗାଁର ଜଣେ ବ୍ୟକ୍ତି ପୋଖରୀକୁ ସ୍ନାନ ପାଇଁ ଯାଇଥିଲେ। ୨ ଭାଇଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ନୟାଗଡ଼ ସଦର ଥାନା ପୋଲିସ ଉଭୟଙ୍କ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(୭/୨୨)ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣା ପରେ ଖୁଣ୍ଟୁବନ୍ଧ ପଞ୍ଚାୟତରେ ଗଣେଶପୂଜାର ଖୁସି ଉଭେଇ ଯାଇଛି।

## କୁଆଖାଇରେ ବୁଡ଼ି...

ଖୋଜାଖୋଜି କରିଥିଲେ। ଅପରାହ୍ନ ପ୍ରାୟ ସାଢେ ୫ଟାରେ କୁଆଖାଇ ନଦୀଘାଟର କିଛି ଦୂରରୁ ଆଶୁତୋଷଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କଟକ ବଡ ଡାକ୍ତରଖାନା ପଠାଇ ଦିଆଯାଇଛି। ଏ ନେଇ କଟକ ସଦର ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, ରାତି ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ରତ୍ନଙ୍କ ପତ୍ତା ମିଳିପାରି ନାହିଁ। ଗୁରୁବାର ସକାଳେ ପୁଣି ଉଦ୍ଧାର କାର୍ଯ୍ୟ ଜାରି ରହିବ। ଅନ୍ୟପକ୍ଷରେ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଉପରୋକ୍ତ ୫ ଜଣ ପଟିଆ ଅଞ୍ଚଳର ଦୁଇଟି ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ର ଥିଲେ।

# ଜେଲ ଗଲେ ଗିରଫ ଡିଏସ୍‌ପି ଡାଲୁଆ


ଅଭିନବ ଡାଲୁଆଙ୍କୁ ଢେଙ୍କାନାଳ ଭିଜିଲାନ୍ସ କୋର୍ଟରେ ହାଜର ପାଇଁ ନିଆଯାଉଛି।

## ୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗ

**ଢେଙ୍କାନାଳ ଅଫିସ,୩୧।୮**

ଜଣେ କୋଇଲା ପରିବହନକାରୀଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କଟକ ଭିଜିଲାନ୍ସ ସେଲ୍ ହାତରେ ମଙ୍ଗଳବାର ଧରାପଡ଼ିଥିବା ଢେଙ୍କାନାଳ ସଦର ଥାନା ଅଧିକାରୀ ତଥା ଡିଏସ୍‌ପି ଅଭିନବ ଡାଲୁଆଙ୍କୁ ବୁଧବାର ଗିରଫ ପରେ ଜେଲ୍ ପଠାଇ ଦିଆଯାଇଛି। ଅପରାହ୍ନ ସାଢେ ୩ଟାରେ ତାଙ୍କୁ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆସନ୍ତା ୯ ତାରିଖରେ ଜାମିନ ଆବେଦନର ଶୁଣାଣି ହେବ। ତେଣୁ ୯ ତାରିଖ ସୁଦ୍ଧା କେସ୍ ଡାଏରି ଦାଖଲ କରିବା ପାଇଁ ଅଦାଲତ ପକ୍ଷରୁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱତନ୍ତ୍ର ଭିଜିଲାନ୍ସ ପବ୍ଲିକ ପ୍ରସିକ୍ୟୁଟର ଗଦାଧର ସାହୁ ସୂଚନା ଦେଇଛନ୍ତି। ଅଭିନବଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶିବସାଇ ମହାପାତ୍ର, ଅନ୍ତର୍ଯ୍ୟାମୀ ଖୁଟୁଆ ଓ ଗୋପାଳ ପାତ୍ର ମାମଲା ପରିଚାଳନା କରୁଛନ୍ତି।

# ନଦୀପୋଲ ଗାର୍ଡୱାଲ କାମବେଳେ ଚାପିହୋଇ ଶ୍ରମିକ ମୃତ

**ରାୟଗଡ଼ା ଅଫିସ,୩୧।୮**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ସ୍ଥିତ କଲ୍ୟାଣୀ ନଦୀ ପୋଲର ଗାର୍ଡୱାଲ ଶଟର ପ୍ଲେଟ ବାହାର କରିବା ସମୟରେ ବୁଧବାର ସକାଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଶୀପୁର ବ୍ଲକ ମଣିଷ ପଞ୍ଚାୟତର ସିଙ୍ଗାରି ଖଡ଼କା ଗ୍ରାମର କାଶରୀ ମାଝି ବୟସ(୫୫)।

କଲ୍ୟାଣୀ ନଦୀ ନିକଟରେ ପୋଲ ଓ ରାସ୍ତାର ସୁରକ୍ଷା ପାଇଁ ବାଡ଼ ନିର୍ମାଣ ହୋଇଥିବାବେଳେ ଏଥିରେ ଲାଗିଥିବା ଶଟର ପ୍ଲେଟ ବୁଧବାର ବାହାର କରାଯାଉଥିଲା। ଏହି ସମୟରେ କାଶରୀଙ୍କ ଉପରେ ପ୍ଲେଟ ପଡ଼ିଯାଇଥିଲା ଏବଂ ତାହାତଳେ ସେ ଚାପି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ଲେଟ୍ ତଳୁ କାଶରୀଙ୍କ ମୃତଦେହ ବାହାର କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କେଉଁ ପରିସ୍ଥିତିରେ ଶ୍ରମିକଙ୍କ ମୃତ୍ୟୁ ଘଟିଲା ତାହାର ତଦନ୍ତ ଚାଲିଥିବା ପୋଲିସ କହିଛି। ଅନ୍ୟପକ୍ଷରେ ମୃତ ଶ୍ରମିକଙ୍କ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ପାଟିତୁଣ୍ଡ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ନିର୍ମାଣ କାମରେ ନିୟୋଜିତ ଶ୍ରମିକଙ୍କ ସୁରକ୍ଷା ପାଇଁ ଠିକା ସଂସ୍ଥା ପକ୍ଷରୁ ହେଲ୍‌ମେଟ, ଜୋତା, ଗ୍ଲୋଭ୍‌ସ ପ୍ରଦାନ ନିମନ୍ତେ ନିୟମ ରହିଛି। ହେଲେ ଏଠାରେ ଠିକାଦାର ନିୟମ ଉଲ୍ଲଂଘନ କରି କାମ କରାଉଥିଲେ ବୋଲି ଅଞ୍ଚଳବାସୀ କହିଛନ୍ତି।



ଅଗ୍ନିଶମ କର୍ମଚାରୀ ଗାର୍ଡୱାଲ ଶଟର ପ୍ଲେଟ୍ ତଳୁ କାଶରୀଙ୍କ ମୃତଦେହ ବାହାର କରୁଛନ୍ତି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ